ଶ୍ରମିକର କ୍ରାନ୍ତି

●ସୋସାଲିଷ୍ଟ ୟୁନିଟି ସେଣ୍ଟର ଅଫ୍ ଇଣ୍ଡିଆ(କମ୍ୟୁନିଷ୍ଟ) ●ଓଡ଼ିଆ ମୁଖପତ୍ର - ପାକ୍ଷିକ ● ପୂର୍ବତନ ମୁଖ୍ୟ ସମ୍ପାଦକ-କମ୍ରେଡ୍ ତାପସ ଦତ୍ତ● ମୂଲ୍ୟ: ଦୁଇଟଙ୍କା

VOL NO.- 04, ISSUE NO.-24, DATE : 16.05.2015-31.05.2015, FORTNIGHTLY (ODIA), BHUBANESWAR. PRICE Rs.- 02/-PAGES-08

ଐତିହାସିକ ମଇ ଦିବସର ଆହ୍ୱାନ- ଶ୍ରମିକ ଶ୍ରେଣୀ ଉପରେ ନଇଁ ଆସୁଥିବା ଭୟଙ୍କର ଆକ୍ରମଣକୁ ପ୍ରତିହତ କରନ୍ତୁ

ମହାନ୍ କାର୍ଲ୍ ମାର୍କ୍ସ କହିଥିଲେ, 'ଶ୍ରମ ହିଁ ସକଳ ସମ୍ପଦର ଆଧାର ଓ ଶ୍ରମିକ ହେଉଛି ସଭ୍ୟତାର ସ୍ରଷ୍ଟା। ସେହି ଶ୍ରମିକକୁ ଶୋଷଣର ଯନ୍ତାରେ ବନ୍ଦୀ କରି ତାର ହାଡ, ମାଉଁସ, ରକ୍ତ ନିଗାଡି ନେଇ ମାଲିକ ପୁଞ୍ଜିପତିଶ୍ରେଣୀ ଲାଭର ପାହାଡ ସୃଷ୍ଟି କରିଚାଲିଛି। ଶ୍ରମିକ ଏଇ ଶୋଷଣକୁ ମାନି ନେଇନାହିଁ। ବାରମ୍ବାର ଲଢେଇ କରିଛି ଓ କରୁଛି ତାର ନ୍ୟାଯ୍ୟ ଅଧିକାର ଅର୍ଜନ କରିବା ପାଇଁ। ମାତ୍ର ମାଲିକ ହାତରେ ରହିଛି ରାଷ୍ଟ୍ର-ମିଲିଟାରୀ, ପୋଲିସ-ପ୍ରଶାସନ ଆଉ ବିଚାର ବିଭାଗ। ସେହି ରାଷ୍ଟ୍ର ଶକ୍ତି ବଳରେ ମୁଷ୍ଟିମେୟ ଶୋଷକ-ଅଗଣିତ ଶୋଷିତ, ଖଟିଖିଆ ଶ୍ରମଜୀବୀ ମଣିଷ ଉପରେ ଚାଳାଇଛି ଦମନ, ନୀପିଡନ। ରାଜତନ୍ତ୍ରକୁ ଭାଙ୍ଗି ପୁଞ୍ଜିବାଦ ପ୍ରତିଷ୍ଠା ହେବା ପରଠାରୁ ପୁଞ୍ଜିପତିଶ୍ରେଣୀ ଓ ଶ୍ରମିକଶ୍ରେଣୀ ଭିତରେ ଏହି ଲଢେଇ ଲଗାତରଭାବେ ଚାଲିଛି। କେବେ ବା ପ୍ରବଳ ଶକ୍ତି ନେଇ, କେବେ ମନ୍ଥର ଗତିରେ। କାରଣ ଶୋଷଣର ଏଇ ପେଷଣରେ ନିଃସ୍ୱ ଓ ସର୍ବହରା ହୋଇ ଚାଲିଥିବା ଶ୍ରମିକ ଜାଣେ ଲଢେଇ ବିନା ବଞ୍ଚିବାର ସର୍ବନିମ୍ନ ଅଧିକାର ବି ପୁଞ୍ଜିପତିଶ୍ରେଣୀ ଦେବ ନାହିଁ।

ତେଣୁ ଶ୍ରମିକ ଲଢୁଛି ଆମ ଦେଶରେ, ଲଢୁଛି ବିଦେଶରେ। ଏହି ଲଢେଇର ଇତିହାସରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିଛି ମେ ଦିବସର ସେହି ବୀତତ୍ୱପୂର୍ଣ୍ଣ ଲଢେଇର ଗାଥା। ଆଜିଠାରୁ ୧୨୯ ବର୍ଷ ତଳେ ରଚିତ ହୋଇଛି ଏକ ଯୁଗାନ୍ତକାରୀ ଶ୍ରମିକ ବିଜୟର ସଂଗ୍ରାମୀର ଅଧ୍ୟାୟ। ସେ ସମୟରେ ମାଲିକମାନେ ଶ୍ରମିକମାନଙ୍କୁ ୧୨ ଘଣ୍ଟାରୁ ୧୮ ଘଣ୍ଟା ପର୍ଯ୍ୟନ୍ତ ଖଟାଉଥିଲେ କଳକାରଖାନା, ଖଣି ଖାଦାନରେ। ଶ୍ରମିକମାନଙ୍କ ପାଇଁ କୌଣସି ସୁବିଧା ସୁଯୋଗ ନଥିଲା। ଏପରିକି ଦେହ ଖରାପରେ ଚିକିତ୍ସାର ମଧ୍ୟ ସାମାନ୍ୟତମ ବ୍ୟବସ୍ଥା ନଥିଲା। ଏହି ଅମାନୁଷିକ ନିର୍ଯ୍ୟାତନା ବିରୁଦ୍ଧରେ ବିକ୍ଷିପ୍ତଭାବେ ଶ୍ରମିକମାନେ ବାରମ୍ବାର ଲଢେଇ କରି ଚାଲିଥିଲେ। ଏହି ଲଢେଇର ଧାରାରେ ଆସିଥିଲା ଆମେରିକାନ ଫେଡେରେସନ୍ ଅଫ୍ ଲେବରର ଆହ୍ୱାନରେ ୩ ଲକ୍ଷ ୫୦ ହଜାରରୁ ଊର୍ଦ୍ଧ୍ୱ ଶ୍ରମିକଙ୍କ ଧର୍ମଘଟ। ଆମେରିକାର ଚିକାଗୋ ସହରର ହେ' ମାର୍କେଟରେ ସମବେତ ହୋଇଥିଲେ ଏହି ଧର୍ମଘଟକାରୀ ଶ୍ରମିକମାନେ। ସମସ୍ତ ଗଣତାନ୍ତ୍ରିକ ରୀତିନୀତି ଓ ମାନବିକ ମୂଲ୍ୟବୋଧକୁ ଜଳାଞ୍ଜଳୀ ଦେଇ ଯେଉଁ ଅମାନୁଷିକ ନିର୍ଯ୍ୟାତନା ଶ୍ରମିକମାନଙ୍କ ଉପରେ ସେଦିନ କରାଯାଇଥିଲା, ଯେଉଁଭଳିଭାବେ ସେହି ଆନ୍ଦୋଳନର ନେତାମାନଙ୍କୁ ଫାଶୀ ଦଣ୍ଡରେ ଦଣ୍ଡିତ କରାଯାଇଥିଲା ଏବଂ ଦମନ ଅତ୍ୟାଚାରର ଯେଉଁ କଳଙ୍କିତ ଅଧ୍ୟାୟ ମାଲିକଶ୍ରେଣୀ ଓ ତାର ବଶମ୍ବଦ ପୋଲିସ ପ୍ରଶାସନ ସୃଷ୍ଟି କରିଥିଲା ତାହା ଶ୍ରମିକଶ୍ରେଣୀର ମନୋବଳ ଓ ସଂଗ୍ରାମୀ ତେଜକୁ ଟିକିଏ ବି ଦବାଇ ପାରି ନଥିଲା। ବରଂ ହେ'ମାର୍କେଟର ସେହି ଲଢେଇ ଶ୍ରମିକମାନଙ୍କ ମଧ୍ୟରେ ଆଣି ଦେଇଥିଲା ଏକ ନୂତନ ଉନ୍ମାଦନା। ଶ୍ରମିକମାନଙ୍କର ସଂଗ୍ରାମର ପ୍ରବଳ ଗତିବେଗ ସାମ୍ନାରେ ପରାସ୍ତ ହୋଇ ଶ୍ରମିକମାନଙ୍କର ୮ ଘଣ୍ଟା କର୍ମ ଦିବସର ଦାବି ଆଇନ୍‌ଗତ ସ୍ୱୀକୃତି ଲାଭ କରିଥିଲା। ସେହି ଐତିହାସିକ ବିଜୟର ଦିବସ ମେ ପହିଲାକୁ ଲଢେଇର ଏକ ପ୍ରେରଣାଦାୟୀ ସଂଗ୍ରାମୀ ଶ୍ରମିକ ଦିବସଭାବେ ସମଗ୍ର ବିଶ୍ୱର ଶ୍ରମିକ ପାଳନ କରିବା ପାଇଁ ଶ୍ରମିକଶ୍ରେଣୀର ମହାନ୍ ନେତା ଫ୍ରେଡେରିକ ଏଙ୍ଗେଲସ୍ ଆହ୍ୱାନ ଦେଇଥିଲେ।

ଅବଶିଷ୍ଟାଂଶ ୪ର୍ଥ ପୃଷ୍ଠାରେ

ରାଜ୍ୟବାସୀ ସାବଧାନ !

ବିଦ୍ୟୁତ କ୍ଷେତ୍ରରେ ଦ୍ୱିତୀୟ ଦଫା ସଂସ୍କାର ଆସୁଛି !

ଓଡିଶାର ସାଧାରଣ ବିଦ୍ୟୁତ ଗ୍ରାହକମାନଙ୍କର ଅଜାଣତରେ ଅତ୍ୟନ୍ତ ଗୋପନୀୟ ଭାବରେ ରାଜ୍ୟ ସରକାର ବିଦ୍ୟୁତ କ୍ଷେତ୍ରରେ ଆହୁରି ଏକ ମାରାତ୍ମକ ପଦକ୍ଷେପ ଗ୍ରହଣ କରିବାକୁ ଯାଉଛନ୍ତି। ଏ ସମ୍ପର୍କିତ ସମ୍ବାଦ କେବଳମାତ୍ର ଗୋଟିଏ ଇଂରାଜୀ ଖବର କାଗଜ ବ୍ୟତୀତ ଅନ୍ୟ କୌଣସି ଗଣ ମାଧ୍ୟମରେ ପ୍ରକାଶିତ ହୋଇନାହିଁ। ଏହି ଖବର ଆମ ରାଜ୍ୟର ସାଧାରଣ ବିଦ୍ୟୁତ ଗ୍ରାହକମାନଙ୍କ ରକ୍ତଚାପ ବଢାଇଦେବାକୁ ବାଧ୍ୟ ! ୨୩ ବର୍ଷ ପରେ ରାଜ୍ୟ ସରକାର ପୁଣି ଥରେ ବିଦ୍ୟୁତ କ୍ଷେତ୍ରରେ ସଂସ୍କାର ଆଣିବାକୁ ମନସ୍ଥ କରିଛନ୍ତି। ୧୯୯୨ ମସିହାରେ ତତକାଳୀନ ରାଜ୍ୟ କଂଗ୍ରେସ ସରକାର ଜନସାଧାରଣଙ୍କୁ ସୁଲଭ ମୂଲ୍ୟରେ ଉଚ୍ଚ ମାନର ବିଦ୍ୟୁତ ଶକ୍ତି ଯୋଗାଇବାର ଘୋଷିତ ଲକ୍ଷ୍ୟରେ ରାଜ୍ୟର ବିଦ୍ୟୁତ କ୍ଷେତ୍ରରେ ସଂସ୍କାର ଆଳରେ ଘରୋଇକରଣ କରିଥିଲେ। ଗତ ୨୩ ବର୍ଷ ହେଲା ରାଜ୍ୟର ବିଦ୍ୟୁତ ଉପଭୋକ୍ତା ମାନେ ଏହି ସଂସ୍କାରର ବୋଝ ବୋହି ବୋହି କୁଜା ହୋଇ ଗଲେଣି। ଏହି ୨୩ ବର୍ଷ ମଧ୍ୟରେ ରାଜ୍ୟରେ ୧୭ ବର୍ଷ ଧରି ଶାସନ କରିଥିବା ବିଜେଡି ସରକାର ଘୋଷଣା କରିଛନ୍ତି ଯେ, ବିଦ୍ୟୁତ କ୍ଷେତ୍ରରେ ପ୍ରଥମ ଦଫା ସଂସ୍କାର ବିଫଳ ହୋଇଛି। ସୁତରାଂ ଦ୍ୱିତୀୟ ଦଫା ସଂସ୍କାର ଆରମ୍ଭ ହେବ। ଏହି ସଂସ୍କାର ଶବ୍ଦଟି ଯେ ସାଧାରଣ ଲୋକଙ୍କ ପାଇଁ ଅତ୍ୟନ୍ତ ଅଶୁଭ ଇଙ୍ଗିତ ବହନ କରୁଛି ସେକଥା ରାଜ୍ୟବାସୀଙ୍କୁ ଆଉ ବୁଝାଇ କହିବାର ଆବଶ୍ୟକତା ନାହିଁ। ବର୍ତ୍ତମାନ ଦେଖାଯାଉ ବାସ୍ତବରେ ଏହି ତଥାକଥିତ ସଂସ୍କାରର ରୂପରେଖ କଣ ଏବଂ ଏହା ରାଜ୍ୟ ବିଦ୍ୟୁତ ଉପଭୋକ୍ତାଙ୍କ ପାଇଁ କି ପରିଣତି ଆଣିଦେବ ?

ବିଗତ ଶତାବ୍ଦୀର ୯୦ ଦଶକର ପ୍ରାରମ୍ଭରେ ପୂର୍ବତନ ସମାଜବାଦୀ ସୋଭିଏତ ୟୁନିୟନ ଓ ପୂର୍ବ ୟୁରୋପର ସମାଜବାଦୀ ଦେଶ ମାନଙ୍କରେ

ଅବଶିଷ୍ଟାଂଶ ୨ୟ ପୃଷ୍ଠାରେ

ଏସ୍.ୟୁ.ସି.ଆଇ(କମ୍ୟୁନିଷ୍ଟ) ଦଳର ୬୮ତମ ପ୍ରତିଷ୍ଠା ଦିବସ ଯଥାଯୋଗ୍ୟ ମର୍ଯ୍ୟାଦା ଓ ଗଭୀର ଆବେଗର ସହ ରାଜ୍ୟବ୍ୟାପୀ ପାଳିତ

୨୪ ଏପ୍ରିଲ ୧୯୪୮ ମସିହା, ଏହି ଦିନରେ ପଶ୍ଚିମବଙ୍ଗର ଛୋଟ ଏକ ସହର ଜୟନଗରରେ ଆତ୍ମପ୍ରକାଶ କରିଥିଲା ଏସ୍.ୟୁ.ସି.ଆଇ(କମ୍ୟୁନିଷ୍ଟ) ଦଳ। ମାର୍କ୍ସବାଦୀ-ଲେନିନ୍‌ବାଦୀ ବିଜ୍ଞାନକୁ ଏଦେଶର ମାଟିରେ ବିଶେଷୀକୃତ ସଂଯୋଜିତ, ସମୃଦ୍ଧ ଓ ବିକଶିତ କରି ଲେନିନୀୟ ମଡେଲରେ ଏକ ଯଥାର୍ଥ କମ୍ୟୁନିଷ୍ଟ ପାର୍ଟି ଗଢି ତୋଳିଥିଲେ ସର୍ବହରାର ମହାନ୍ ନେତା କମ୍ରେଡ୍ ଶିବଦାସ ଘୋଷ ଏବଂ ତାଙ୍କର ମୁଷ୍ଟିମେୟ ଘନିଷ୍ଠ ସହଯୋଦ୍ଧା। କେବଳ ଏଦେଶ ପାଇଁ ନୁହେଁ, ବିଶ୍ୱର ମେହେନତି ମଣିଷ ପାଇଁ ଏହା ଥିଲା ଏକ ଐତିହାସିକ ଘଟଣା। ଇତିମଧ୍ୟରେ ୬୮ ବର୍ଷ ବିତିଯାଇଛି। ଏହି ୬୮ ବର୍ଷ ନିଛକ କିଛି ବର୍ଷ ମାସ ଦିନ ନୁହେଁ। ଏହି ୬୮ ବର୍ଷ ହେଉଛି କଠିନ କଠୋର ସଂଗ୍ରାମର ବର୍ଷ। ବହୁ ପ୍ରତିକୂଳତା, ବିରୋଧି ଶକ୍ତିର ପରିହାସ, କୁତ୍ସା, ଷଡଯନ୍ତ୍ର ସମସ୍ତ କିଛିକୁ ପ୍ରତିହତ କରି ଏହି ଦଳ ଆଜି ଭାରତବର୍ଷର ୨୨ଟି ରାଜ୍ୟରେ ଗଢି ଉଠିଛି। ଦେଶର ଏକ ପ୍ରମୁଖ ବାମପନ୍ଥୀ ଶକ୍ତିଭାବେ ଉଭା ହୋଇଛି। ଦଳର ପ୍ରତିଷ୍ଠାତା ଏ ଯୁଗର ମହାନ୍ ମାର୍କ୍ସବାଦୀ ଚିନ୍ତାନାୟକ କମ୍ରେଡ୍ ଶିବଦାସ ଘୋଷଙ୍କ ଚିନ୍ତା ଶିକ୍ଷା ବିଶ୍ୱର ବିଭିନ୍ନ ଦେଶର କମ୍ୟୁନିଷ୍ଟ ପାର୍ଟି ଓ ବାମପନ୍ଥୀ ମନୋଭାବ ଜନଗଣଙ୍କ ନିକଟରେ ଆଜି ବିଶେଷଭାବେ ଆଦୃତ ହେଉଛି।

ଏହି ଦଳର ପ୍ରତିଷ୍ଠା ଦିବସ ପ୍ରତିବର୍ଷ ଗଭୀର ଆବେଗ ଓ ଯଥାଯୋଗ୍ୟ ମର୍ଯ୍ୟାଦାର ସହ ଦେଶବ୍ୟାପୀ ପାଳିତ ହୁଏ। ଶୋଷିତ ମଣିଷ ଛୁଟି ଆସନ୍ତି ଦୂରଦୂରାନ୍ତରୁ। ଏହି ଦିବସରେ ସମବେତ ହୁଅନ୍ତି ଏବଂ ମହାନ ନେତା କମ୍ରେଡ୍ ଶିବଦାସ ଘୋଷଙ୍କ ଅପୂରିତ ସ୍ୱପ୍ନ; ପୁଞ୍ଜିବାଦ ବିରୋଧି ସମାଜତାନ୍ତ୍ରିକ ବିପ୍ଳବକୁ ସଫଳ କରିବା ପାଇଁ ଦୃଢ ସଂକଳ୍ପ ନେଇ ଫେରିଯାଆନ୍ତି। ବିପ୍ଳବ ପାଇଁ ସବୁ କିଛି ପ୍ରସ୍ତୁତ। ଗୋଟିଏଦିଗରେ ଆଦର୍ଶ ଅଛି, ସଂଗଠନ ଅଛି, ଅନ୍ୟପଟରେ ପୁଞ୍ଜିବାଦର ନିର୍ମମ ଅତ୍ୟାଚାରରେ ଜନଗଣ ଅତିଷ୍ଠ। ମାତ୍ର ଏହି ମୁମୂର୍ଷୁ ପୁଞ୍ଜିବାଦକୁ ଧ୍ୱଂସ କରି ଶୋଷିତ ମଣିଷର ରାଷ୍ଟ୍ର ସମାଜତାନ୍ତ୍ରିକ ରାଷ୍ଟ୍ର ପ୍ରତିଷ୍ଠା ପାଇଁ ଆବଶ୍ୟକ ସାଂଗଠନିକ ଶକ୍ତି ଏବେ ବି ଅର୍ଜିତ ହୋଇ ନାହିଁ। ଦ୍ରୁତ ସେହି ଶକ୍ତି ଅର୍ଜନ ନିମନ୍ତେ ପ୍ରତିବର୍ଷ ୨୪ ଏପ୍ରିଲ ଆହ୍ୱାନ ଦିଏ। ସେହି ଆହ୍ୱାନକୁ ସାକାର କରିବା ପାଇଁ ଚଳିତ ବର୍ଷ ଦେଶବ୍ୟାପୀ ପାଳିତ ହୋଇଛି ପାର୍ଟିର ୬୮ ତମ ପାର୍ଟି ପ୍ରତିଷ୍ଠା ଦିବସ। ୨୪ ଏପ୍ରିଲ ଦିନ ରାଜ୍ୟର ସମସ୍ତ ପାର୍ଟି ଅଫିସରେ ଶ୍ରମିକଶ୍ରେଣୀର ରକ୍ତ ପତାକା ଉତ୍ତୋଳନ, କମ୍ରେଡ୍ ଶିବଦାସ ଘୋଷଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ, କମ୍ରେଡ୍ ଶିବଦାସ ଘୋଷଙ୍କ ଫଟୋଚିତ୍ର ସମ୍ବଳିତ ବ୍ୟାଜ୍ ପରିଧାନ, ସଭା, ସମିତିମାନ ଆୟୋଜିତ ହୋଇଥିଲା। ଏହି ଉପଲକ୍ଷେ ରାଜ୍ୟ ବିଭିନ୍ନ ସ୍ଥାନରେ କମ୍ରେଡ୍ ଶିବଦାସ ଘୋଷଙ୍କ ପୁସ୍ତକ ଜନସାଧାରଣଙ୍କ ମଧ୍ୟରେ ବ୍ୟାପକ ବିକ୍ରୟ କରାଯାଇଥିଲା। କର୍ମୀ, ସମର୍ଥକ, ଶୁଭେଚ୍ଛୁମାନେ ବ୍ୟକ୍ତିଗତ ଓ ଯୌଥଗତଭାବେ ମଧ୍ୟ ଶିବଦାସ ଘୋଷଙ୍କ ଦ୍ୱାରା ରଚିତ ପୁସ୍ତକ ଅଧ୍ୟୟନ କରିଥିଲେ।

୨୬ ଏପ୍ରିଲ ଦିନ ଆମ ରାଜ୍ୟରେ ରାଜ୍ୟ ସ୍ତରୀୟ ସମାବେଶ ଅନୁଷ୍ଠିତ ହୋଇଥିଲା। ପ୍ରଚଣ୍ଡ ରୋଦ୍ରତାପ, ଝଡ ତୋଫାନ, ବର୍ଷା ସବୁକିଛି ହାର ମାନିଥିଲା ଶୋଷିତ ମଣିଷର ପାର୍ଟି ପ୍ରତି ରାଜ୍ୟର ଜନସାଧାରଣଙ୍କର ଗଭୀର ଭଲପାଇବା ଓ ଆବେଗ ନିକଟରେ। ସୁଦୂର କୋରାପୁଟ, କଳାହାଣ୍ଡି, ମୟୁରଭଞ୍ଜ, କେନ୍ଦୁଝର, ଗଞ୍ଜାମ ସମେତ ରାଜ୍ୟର ୩୦ଟି ଯାକ ଜିଲ୍ଲାରୁ ହଜାର ହଜାର ଲୋକ ଛୁଟି ଆସିଥିଲେ ରାଜଧାନୀ ଭୁବନେଶ୍ୱରକୁ। ଭୁବନେଶ୍ୱର ରେଳ ଷ୍ଟେସନରେ ସମସ୍ତେ ଏକତ୍ରିତ ହୋଇଥିଲେ। ରେଳଷ୍ଟେସନ୍‌ରୁ ସୁଶୋଭିତ ଓ ଶୃଙ୍ଖଳିତ ଶୋଭାଯାତ୍ରାରେ ଶୋଭାଯାତ୍ରାକାରୀମାନେ ସଭାସ୍ଥଳରେ ପହଞ୍ଚିଥିଲେ। ପୂର୍ବରୁ ଭୁବନେଶ୍ୱରର ବହୁ ବୁଦ୍ଧିଜୀବୀ, ମାନ୍ୟଗଣ୍ୟ ବ୍ୟକ୍ତି ମଧ୍ୟ ସଭାସ୍ଥଳରେ ଉପସ୍ଥିତ ହୋଇଯାଇଥିଲେ। ସଭା ପୂର୍ବରୁ ସଂଗୀତ ଗୋଷ୍ଠୀ ପକ୍ଷରୁ ବିପ୍ଳବୀ ସଂଗୀତ ପରିବେଷଣ କରାଯାଇଥିଲା। ଦଳର ରାଜ୍ୟ ସମ୍ପାଦକ କମ୍ରେଡ୍ ଧୂର୍ଜ୍ଜଟୀ ଦାସଙ୍କ ସଭାପତିତ୍ୱରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ପ୍ରଥମେ ଦଳର କିଶୋର ବାହିନୀ କମ୍‌ସୋମଲ ପକ୍ଷରୁ ମହାନ୍ ନେତା କମ୍ରେଡ୍ ଶିବଦାସ ଘୋଷଙ୍କ ପ୍ରତି ଗାର୍ଡ ଅଫ୍ ଅନର ପ୍ରଦର୍ଶନ କରାଯାଇଥିଲା। ଏହାପରେ ପ୍ରତିଷ୍ଠା ଦିବସ ଉପଲକ୍ଷେ ରଚିତ ସଂଗୀତ ଓ କମ୍ରେଡ୍ ଶିବଦାସ ଘୋଷଙ୍କ ଉପରେ ରଚିତ ସଂଗୀତ ପରିବେଷଣ କରାଯାଇଥିଲା।

ଅବଶିଷ୍ଟାଂଶ ୨ୟ ପୃଷ୍ଠାରେ

ଦିଲ୍ଲୀଠାରେ ବିଦ୍ୟୁତ୍ ଗ୍ରାହକମାନଙ୍କର ସର୍ବଭାରତୀୟ କନ୍‌ଭେନ୍‌ସନ୍

ଏପ୍ରିଲ ୮ ତାରିଖ ଦିନ ନୂଆ ଦିଲ୍ଲୀର ରାଜେନ୍ଦ୍ର ଭବନ ହଲରେ ବିଦ୍ୟୁତ୍ ଗ୍ରାହକମାନଙ୍କର ଏକ ସର୍ବଭାରତୀୟ କନ୍‌ଭେନ୍‌ସନ୍ ଅନୁଷ୍ଠିତ ହୋଇଯାଇଛି। ଏହି କନ୍‌ଭେନ୍‌ସନ୍‌ରେ ଉପସ୍ଥିତ ଥିଲେ ଦିଲ୍ଲୀ, ହରିୟାନା, ଗୁଜୁରାଟ, ଓଡିଶା, ବିହାର ପଶ୍ଚିମବଙ୍ଗ ପ୍ରଭୃତି ରାଜ୍ୟରୁ ଆସିଥିବା ପ୍ରତିନିଧିବୃନ୍ଦ। ପଶ୍ଚିମବଙ୍ଗ ବିଦ୍ୟୁତ୍ ଗ୍ରାହକ ସଂଗଠନ ABECA ର ସଭାପତି କମ୍ରେଡ୍ ସଞ୍ଜିବ ବିଶ୍ୱାସ ସଭା ପରିଚାଳନା କରିଥିଲେ। ଆବେକାର ସମ୍ପାଦକ ପ୍ରଦ୍ୟୋତ୍ ଚୌଧୁରୀ କନ୍‌ଭେନ୍‌ସନ୍‌ର ମୂଳ ଚିଠା ପ୍ରସ୍ତାବ ଆଗତ କରିଥିଲେ। ଦିଲ୍ଲୀ ହାଇକୋର୍ଟର ପୂର୍ବତନ ବିଚାରପତି ରାଜେନ୍ଦ୍ର ସାଚାର ଅସୁସ୍ଥତା କାରଣରୁ ଏହି କନ୍‌ଭେନ୍‌ସନ୍‌ରେ ଯୋଗଦେଇ ପାରି ନଥିଲେ ମଧ୍ୟ ଏକ ଲିଖିତ ବକ୍ତବ୍ୟ ପଠାଇଥିଲେ। ସେ ତାଙ୍କର ବକ୍ତବ୍ୟତରେ ଉଲ୍ଲେଖ କରିଥିଲେ ଯେ, ସେ ପାଦରେ ଆଘାତ ଯୋଗୁ ଶଯ୍ୟାସାୟୀ ହୋଇ ପଡିଛନ୍ତି। ସେଥିପାଇଁ ଇଚ୍ଛା ଥିବା ସତ୍ତ୍ୱେ ଏହି କନ୍‌ଭେନ୍‌ସନ୍‌ରେ ଯୋଗ ଦେଇ ପାରି ନଥିବାରୁ ସେ ଦୁଃଖିତ। ଭାରତର ସମସ୍ତ ରାଜ୍ୟରେ ବିଦ୍ୟୁତ୍ ସଂକଟ ଭୟଙ୍କର ରୂପ ନେଉଥିବାରୁ ବିଦ୍ୟୁତ୍ ଆଇନ୍ ୨୦୦୩କୁ ପରିବର୍ତ୍ତନ କରିବାର ଆବଶ୍ୟକତା ରହିଛି ଏବଂ ସେ ବାବଦରେ ସେ ନିଶ୍ଚିତ ବୋଲି ଜଷ୍ଟିସ୍ ସାଚାର ଉଲ୍ଲେଖ କରିଥିଲେ। ସେ ଆହୁରି ଉଲ୍ଲେଖ କରିଥିଲେ ଯେ, ଏ ଆଇନ୍ ଆଉ ଚଳିବ ନାହିଁ। ମୋର ମନେହୁଏ ବେସରକାରୀକରଣ ଏବଂ ବାଣିଜ୍ୟିକକରଣ ନୀତିକୁ ପରିବର୍ତ୍ତନ କରି ଶିଳ୍ପ କ୍ଷେତ୍ରରେ ସରକାରୀ ନିୟନ୍ତ୍ରଣ ଆଣିବାକୁ ପଡିବ। ଏହି କାମ କରିବା ପାଇଁ ବିଦ୍ୟୁତ୍ ବିଶେଷଜ୍ଞ, ଅର୍ଥନୀତିବିତ୍, ରାଜନୈତିକ ଦଳର ପ୍ରତିନିଧି, ବିଦ୍ୟୁତ୍ ଗ୍ରାହକମାନଙ୍କର ପ୍ରତିନିଧି, କୃଷି ଏବଂ ଶିଳ୍ପର ପ୍ରତିନିଧିମାନଙ୍କୁ ନେଇ ଏକ ବିଶେଷଜ୍ଞ କମିଟି ଗଠନ କରିବାକୁ ପଡିବ। ଏ ବିଷୟରେ ସରକାର ଅବିଳମ୍ବେ ପଦକ୍ଷେପ ନେବା ଜରୁରୀ।

କନ୍‌ଭେନ୍‌ସନ୍‌ର ଅନ୍ୟତମ ବକ୍ତା ତଥା ମେନ୍‌ଷ୍ଟ୍ରିମ୍ ପତ୍ରିକାର ସମ୍ପାଦକ ଶ୍ରୀଯୁକ୍ତ ସୁମିତ ଚକ୍ରବର୍ତ୍ତି ତାଙ୍କର ବକ୍ତବ୍ୟରେ କହିଥିଲେ ଯେ, ବିଦ୍ୟୁତ୍‌ର ବେସରକାରୀକରଣ କରିବା ଦ୍ୱାରା ବିଦ୍ୟୁତ୍ ପରିସେବା କ୍ଷେତ୍ରରେ କୌଣସି ଉନ୍ନତି ଘଟି ନାହିଁ ବରଂ ପ୍ରତି ବର୍ଷ ଶୁଳ୍କ ବଢି ବଢି ଚାଲିଛି। କନ୍‌ଭେନ୍‌ସନ୍‌ର ମୂଳ ପ୍ରସ୍ତାବକୁ ସମର୍ଥନ କରି ସେ କହିଥିଲେ ଯେ, ଏହି ଆଇନ୍ ମାଧ୍ୟମରେ ବେସରକାରୀ ବିନିଯୋଗକାରୀମାନେ କେବଳ ଲାଭବାନ ହୋଇଛନ୍ତି। ସେ ଆହୁରି କହିଥିଲେ ଯେ ଆମ ଦେଶର ଅଧିକାଂଶ ତାପଜ ବିଦ୍ୟୁତ୍ ଉତ୍ପାଦନ କୋଇଲା ଉପରେ ନିର୍ଭରଶୀଳ। ଏଥିରେ ପରିବର୍ତ୍ତନର ଆବଶ୍ୟକତା ରହିଛି। ବିଦ୍ୟୁତ୍ ଉତ୍ପାଦନ ବୃଦ୍ଧି କରିବାପାଇଁ ବିକଳ୍ପ ଉପାୟ ବାହାର କରିବାକୁ ପଡିବ।

ବିଶିଷ୍ଟ ମାର୍କ୍ସବାଦୀ ନେତା ଅଲ୍ ଇଣ୍ଡିଆ ୟୁ.ଟି.ୟୁ.ସିର ସର୍ବଭାରତୀୟ ସଭାପତି କମ୍ରେଡ୍ କୃଷ୍ଣ ଚକ୍ରବର୍ତ୍ତି ତାଙ୍କ ବକ୍ତବ୍ୟରେ କହିଲେ ଯେ, ବିଜୁଳି ମଣିଷ ଜୀବନରେ ଏକ ଅପରିହାର୍ଯ୍ୟ ସାମଗ୍ରୀ। ବିଜୁଳି ବିନା ଆଧୁନିକ ସମାଜ କଥା ଭାବି ହେବ ନାହିଁ। ଅଥଚ ବିଜୁଳିକୁ ନେଇ ବ୍ୟବସାୟ ଚାଲିଛି। ଘରୋଇ କମ୍ପାନୀମାନଙ୍କର ମୁନାଫା ସ୍ୱାର୍ଥରେ ବିଜୁଳି କ୍ଷେତ୍ରର ଘରୋଇକରଣ କରାଯାଇଛି। ଯେଉଁ ୨୦୦୩ ବିଦ୍ୟୁତ୍ ଆଇନ୍ ବିରୁଦ୍ଧରେ ଆପଣମାନେ ଲଢେଇ କରୁଛନ୍ତି ସେହି ଆଇନ୍ ମଧ୍ୟ ବେସରକାରୀକରଣ କରିବା ସ୍ୱାର୍ଥରେ ଅଣାଯାଇଥିଲା। ଯାହାଫଳରେ ତା ପରଠାରୁ ବିଦ୍ୟୁତ୍ ଭଳି ଏକ ପରିସେବାର ମୂଲ୍ୟ ବା ଟାରିଫ୍ କ୍ରମାଗତ ବୃଦ୍ଧି କରାଯାଇଛି। କେବଳ ବିଦ୍ୟୁତ୍ ନୁହେଁ; ଶିକ୍ଷା, ସ୍ୱାସ୍ଥ୍ୟ ପ୍ରଭୃତି ସମସ୍ତ କ୍ଷେତ୍ରରେ ବର୍ତ୍ତମାନ ମୁନାଫା ଅର୍ଜନ ମୂଳ ଉଦ୍ଦେଶ୍ୟ। ଏସବୁ ସାଧାରଣ ମଣିଷର କ୍ରୟ କ୍ଷମତା ବାହାରକୁ ଚାଲିଯାଇଛି।

ଦିଲ୍ଲୀରେ କେଜ୍ରିୱାଲ୍ ସରକାର ସବ୍‌ସିଡି ଦେଇ ବିଦ୍ୟୁତ୍ ଶୁଳ୍କ ହ୍ରାସ କରିଛି। ଅର୍ଥାତ୍ କମ୍ପାନୀଗୁଡ଼ିକୁ ଶୁଳ୍କ ହ୍ରାସ କରିବାକୁ ବାଧ୍ୟ କରି ନାହାନ୍ତି। ଆମେ ସବ୍‌ସିଡି ଦାବି କରୁ ନାହୁଁ। ଆମେ ଦାବି କରୁଛୁ ଯେ ମୁନାଫା କବଳରୁ ବିଦ୍ୟୁତ୍ ଉତ୍ପାଦନ ଓ ବଣ୍ଟନକୁ ମୁକ୍ତ କରାଯାଉ। ଏହି ଦାୟିତ୍ୱ ସରକାର ବହନ କରନ୍ତୁ ବୋଲି କମ୍ରେଡ୍ ଚକ୍ରବର୍ତ୍ତି ଦାବି କରିଥିଲେ।

ଅନ୍ୟମାନଙ୍କ ପଧରେ ବିହାରର ଅଶୋକ କୁମାର ସିଂ, ଗୁଜୁରାଟର କୁମୁଲ କରାଟେ, ଉତ୍ତରପ୍ରଦେଶର ବଳଦେଓ କଟିୟାର, ଦିଲ୍ଲୀର ଉମେଶ ଶର୍ମା, ହରିୟାନାର ସତ୍ୟବାନ, ଅଇନ୍‌ଜୀବୀ ବୀରେନ୍ଦ୍ର ସାଙ୍ଗୱାନ୍ ପ୍ରମୁଖ ବକ୍ତବ୍ୟ ରଖିଥିଲେ। କନ୍‌ଭେନ୍‌ସନ୍‌ରେ ବିଦ୍ୟୁତ୍ ଗ୍ରହକମାନଙ୍କର ଏହି ସଂଗଠନକୁ ସର୍ବଭାରତୀୟ ରୂପ ଦେବା ପାଇଁ ପ୍ରସ୍ତାବ ଗୃହୀତ ହୋଇଥିଲା।

ଏସ୍.ୟୁ.ସି.ଆଇ(କମ୍ୟୁନିଷ୍ଟ) ଦଳର ୬୮ତମ...

ପ୍ରାରମ୍ଭିକ ସୂଚନା ପ୍ରଦାନ କରି ରାଜ୍ୟ କମିଟିର ବରିଷ୍ଠ ସଦସ୍ୟ କମ୍ରେଡ୍ ବିଷ୍ଣୁ ଦାସ, ଦଳ ଗଠନର ଐତିହାସିକ ପୃଷ୍ଠଭୂମି ଉପରେ ଆଲୋକପାତ କରିଥିଲେ । ସମ୍ପ୍ରତି ନେପାଳ ସମେତ ଭାରତର ବିଭିନ୍ନ ରାଜ୍ୟରେ ଘଟିଯାଇଥିବା ପ୍ରଳୟଙ୍କରୀ ଭୂମିକମ୍ପରେ ନିହତ ଜନଗଣଙ୍କ ସମ୍ମାନାର୍ଥେ ୧ ମିନିଟ ନିରବତା ପାଳନ କରାଯାଇଥିଲା। ଏହାପରେ ସଭାର ମୁଖ୍ୟବକ୍ତା ଏସ୍.ୟୁ.ସି.ଆଇ(କମ୍ୟୁନିଷ୍ଟ)ର କେନ୍ଦ୍ରୀୟ କମିଟିର ସଭ୍ୟ ତଥା ପଶ୍ଚିମବଙ୍ଗ ରାଜ୍ୟ କମିଟି ସମ୍ପାଦକ କମ୍ରେଡ୍ ସୌମେନ୍ ବୋଷ ସଭାରେ ଉଦ୍‌ବୋଧନ ଦେଇଥିଲେ। କମ୍ରେଡ୍ ସୌମେନ୍ ବୋଷ କହିଥିଲେ ଯେ, ଦେଶର ସ୍ୱାଧୀନତାର ୬୮ ବର୍ଷ ହୋଇଗଲା ତେବେ ଆଜି ଦେଶର ପ୍ରକୃତ ଅବସ୍ଥା କଣ ? ଜନସଂଖ୍ୟାର ପ୍ରତି ୧୦ ଜଣରୁ ୯ଜଣଙ୍କର ଅବସ୍ଥା ଅତି ଶୋଚନୀୟ। ଗଗନଚୁମ୍ବୀ ଅଟ୍ଟାଳିକା, ବଡ ବଡ ଫ୍ଲାୟ ଓଭର ପଛରେ ଦରିଦ୍ର ଦେଶର କରୁଣ ଛବିକୁ ଲୁଚେଇ ଦିଆଯାଉଛି। ପ୍ରାକୃତିକ ସମ୍ପଦରେ ବିଭବଶାଳୀ ଓଡିଶାର ଜନଗଣ ଦରିଦ୍ର, ଦେଶର ଦରିଦ୍ରତମ ତିନୋଟି ରାଜ୍ୟ ମଧ୍ୟରେ ଓଡିଶା ରହିଛି। ଦେଶର ସ୍ୱାଧୀନତା ଆନ୍ଦୋଳନରେ ଓଡିଶାର ଅବଦାନ କମ ନୁହେଁ। ଏଠି ବି ଲୋକେ ଲଢିଛନ୍ତି, ଗୁଳି ଖାଇଛନ୍ତି, ଶହୀଦ ହୋଇଛନ୍ତି, ଏଠି ବାଘାଜତୀନ ଶହୀଦ ହୋଇଛନ୍ତି, ଲକ୍ଷ୍ମଣ ନାୟକ ଫାଶୀ ପାଇଛନ୍ତି। ଉତ୍କଳମଣୀ ଗୋପବନ୍ଧୁ, ନବକୃଷ୍ଣ ଚୌଧୁରୀ, ମାଳତୀ ଚୌଧୁରୀଙ୍କ ସମେତ ଅଗଣିତ ସଂଗ୍ରାମୀମାନେ ଦେଶର ସ୍ୱାଧୀନତା ପାଇଁ ଅଶେଷ ଅବଦାନ ଦେଇଯାଇଛନ୍ତି। ସ୍ୱପ୍ନ ଥିଲା, ଦେଶ ସ୍ୱାଧୀନ ହେବ, ଦୁଃଖ ଦାରିଦ୍ର୍ୟ ଘୁଞ୍ଚିବ, ମା'ଭଉଣୀମାନେ ଇଜ୍ଜତ ସହକାରେ ବଞ୍ଚିବେ, ଲୋକେ ଭଲରେ ରହିବେ। ତେବେ ୬୮ ବର୍ଷର ସ୍ୱାଧୀନତାର ସୁଫଳ ସାଧାରଣ ଲୋକେ ପାଇନାହାନ୍ତି। ଦେଶର ସମ୍ପଦର ମାଲିକାନା ଦେଶର ୯୦ ଭାଗ ଲୋକଙ୍କ ହାତରେ ନାହିଁ। ଅଛି ମୁଷ୍ଟିମେୟ ପୁଞ୍ଜିପତିଶ୍ରେଣୀ ହାତରେ। ସମ୍ପ୍ରତି ସି.ଏ.ଜି ଦ୍ୱାରା ପ୍ରକାଶିତ ରିପୋର୍ଟରେ ଏହି ସତ୍ୟ ସ୍ପଷ୍ଟଭାବେ ପ୍ରକାଶିତ ହୋଇଛି। ଆଜି ଶୋଷିତ ମଣିଷ ଧ୍ୱଂସ ମୁଖରେ, ଚାଷୀର ଦୁରାବସ୍ଥା କହିଲେ ନସରେ, ଚାଷ ଖର୍ଚ୍ଚ ବଢିଚାଲିଛି, ଚଷୀ ଫସଲର ଦାମ ପାଉ ନାହିଁ, ଆତ୍ମହତ୍ୟା କରୁଛି, ପାଗଳ ହୋଇଯାଉଛି। ସେମାନଙ୍କର ପରିବାର ଉଚ୍ଛନ୍ନ ହୋଇଯାଉଛି। ସେମାନଙ୍କର ସନ୍ତାନ ସନ୍ତତି ବାସ୍ତୁହରା ହୋଇ ଘୁରି ବୁଲୁଛନ୍ତି। ସେମାନଙ୍କର ଠିକଣା ଅଜଣା। ଶ୍ରମିକ ମଧ୍ୟ କାମ ପାଉନାହିଁ, କାମ କରି ମଧ୍ୟ ପାଉଣା ପାଉନାହିଁ, ଦେଶର ସର୍ବତ୍ର ଆଜି ହାହାକାର। ବଞ୍ଚିବାର ସର୍ବନିମ୍ନ ଅଧିକାରଗୁଡ଼ିକୁ ଆଜି ହରଣ କରାଯାଉଛି। ଏଭଳି କାହିଁକି ହେଲା ? ନେତାଜୀ, ଭଗତ ସିଂ, ଖୁଦୀରାମଙ୍କ ଭଳି ସଂଗ୍ରାମୀମାନଙ୍କର ସ୍ୱପ୍ନ କାହିଁକି ଉଜୁଡି ଗଲା ?

ମହାନ୍ ନେତା କମ୍ରେଡ୍ ଶିବଦାସ ଘୋଷ ଏହାର ବିଜ୍ଞାନସମ୍ମତ କାରଣ ଦର୍ଶାଇଛନ୍ତି। ସ୍ୱାଧୀନତା ଆନ୍ଦୋଳନର ଗତି ପ୍ରକୃତିକୁ ବିଶ୍ଳେଷଣ କରି କମ୍ରେଡ୍ ଶିବଦାସ ଘୋଷ ଦର୍ଶାଇଥିଲେ ଯେ, ସେଦିନ କଂଗ୍ରେସର ନେତୃତ୍ୱ ଟାଟା ବିରଳା ଭଳି ପୁଞ୍ଜିପତିମାନଙ୍କ ହାତରେ ରହିଯାଇଥିଲା, ଏହି ଜାତୀୟ ପୁଞ୍ଜିପତିମାନେ ବ୍ରିଟିଶ ସାମ୍ରାଜ୍ୟବାଦୀମାନଙ୍କ ସହିତ ଏକ ବୁଝାମଣା କରିଥିଲେ। ସେମାନେ ବିପ୍ଳବଭୀତ ଥିଲେ। ତେଣୁ କଂଗ୍ରେସର ନିର୍ବାଚିତ ପ୍ରେସିଡେଣ୍ଟ ସୁଭାଷ ବୋଷଙ୍କୁ ଅତି ଅନ୍ୟାୟ ଓ ଅଗଣତାନ୍ତ୍ରିକଭାବେ ଇସ୍ତଫା ଦେବାକୁ ବାଧ୍ୟ କରିଥିଲେ ଓ ପରବର୍ତ୍ତୀ ସମୟରେ ଏମାନେ ସୁଭାଷ ବୋଷଙ୍କୁ କଂଗ୍ରେସରୁ ବହିଷ୍କାର କରିଥିଲେ। ଦେଶର ସମସ୍ତ ସମ୍ପଦକୁ କରାୟତ୍ତ କରିବା ପାଇଁ ଏମାନେ ଚାହିଁଥିଲେ। ସେଥିପାଇଁ ଦରକାର ଥିଲା ରାଜନୈତିକ ସ୍ୱାଧୀନତା। ଗଣମୁକ୍ତି ବା ଗଣ ବିପ୍ଳବ ନୁହେଁ। ସେଥିପାଇଁ ଟାଟା ବିରଳାଙ୍କ ଭଳି ଜାତୀୟ ପୁଞ୍ଜିପତିମାନେ କଂଗ୍ରେସ ଦଳ ମାଧ୍ୟମରେ କ୍ଷମତା ହସ୍ତାନ୍ତର ହିଁ ଚାହିଁଥିଲେ ଓ ସେଥିରେ ସଫଳ ହୋଇଥିଲେ। ଦେଶ ସ୍ୱାଧୀନ ହୋଇଛି, ମାତ୍ର ଭୋଟ ନାଁରେ ନାଟକବାଜୀ ଚାଲିଛି। ସ୍ୱାଧୀନତା ମାଧ୍ୟମରେ ଶାନ କ୍ଷମତା ଅର୍ଜନ କରିଥିବା ପୁଞ୍ଜିପତିମାନେ ଅଜସ୍ର ଟଙ୍କା ଖର୍ଚ୍ଚ କରି ପ୍ରଚାରଯନ୍ତ୍ର ସାହାଯ୍ୟରେ ବିଭିନ୍ନ ରାଜନୈତିକ ଦଳ, ଜନସାଧାରଣଙ୍କୁ ବୋକା ବନେଇ କ୍ଷମତାକୁ ଯାଉଛନ୍ତି। ଭୋଟ ପୂର୍ବରୁ ଲୋକଙ୍କ ପାଇଁ କାନ୍ଦନ୍ତି, ଭୋଟ ପରେ ପୁଞ୍ଜିପତିମାନଙ୍କ ପାଇଁ କାନ୍ଦନ୍ତି, ସେମାନଙ୍କର ସେବା କରନ୍ତି, କଂଗ୍ରେସ, ବି.ଜେ.ପି, ବି.ଜେ.ଡି, ଟି.ଏମ୍.ସି ଭଳି ଦଳମାନେ ସେହି ମାୟାବୀ ରାବଣ ଭଳି, ସନ୍ୟାସୀର ଛଦ୍ମବେଶ ନେଇ ଭୋଟ ବେଳେ ଆସନ୍ତି, ଭୋଟ ସରିଲା ପରେ ସେମାନଙ୍କର ଅସଲ ରୂପ ଜଣାପଡେ।

ଭୋଟ ପୂର୍ବରୁ ନରେନ୍ଦ୍ର ମୋଦି 'ଆଚ୍ଛେ ଦିନ'ର କଥା କହିଥିଲେ। ଏହି କଥା କହି ବି.ଜେ.ପି ସରକାର ଗଠନ କଲା। ନରେନ୍ଦ୍ର ମୋଦି ପ୍ରଧାନମନ୍ତ୍ରୀ ହେଲେ। ଏଥର ପୁଞ୍ଜିପତିମାନେ ଖୋଲା ଖୋଲି ନରେନ୍ଦ୍ର ମୋଦିଙ୍କ ସପକ୍ଷରେ ପ୍ରଚାରରେ ଓହ୍ଲାଇଥିଲେ। ଗୁଜୁରାଟ ଗଣହତ୍ୟାର ପୁରୋଧା ନରେନ୍ଦ୍ର ମୋଦିଙ୍କୁ ମହାମାନବ ରୂପରେ ଦେଶ ସମ୍ମୁଖରେ ଉପସ୍ଥାପିତ କରାଗଲା। ଗୁଜୁରାଟ ଉନ୍ନୟନର ମଡେଲରେ ଦେଶ ଗଢାଯିବ ବୋଲି ପ୍ରଚାର କରଗଲା। ତେବେ ଆଜି ଗୁଜୁରାଟ ମଡେଲ ଉପରେ ସି.ଏ.ଜି ଦେଇଥିବା ରିପୋର୍ଟରୁ ଗୁଜୁରାଟ ମଡେଲର ଅସଲ ରୂପ ପଦାରେ ପଡିଯାଇଛି। ସାଧାରଣତଃ ଭୋଟ ପରେ ସଂଖ୍ୟା ଗରିଷ୍ଠ ଦଳର ନେତା ନିର୍ବାଚନ ହୁଏ ଓ ସେ ପ୍ରଧାନମନ୍ତ୍ରୀ ନିର୍ବାଚିତ ହୁଅନ୍ତି। ମାତ୍ର ଏଥର ପୁଞ୍ଜିପତିମାନେ ହିଁ ଭୋଟ ପୂର୍ବରୁ ନରେନ୍ଦ୍ର ମୋଦିଙ୍କୁ ପ୍ରଧାନମନ୍ତ୍ରୀ ବନେଇ ଦେଇଥିଲେ। ମୋଦିଙ୍କ ନିର୍ବାଚନରେ ଲକ୍ଷ ଲକ୍ଷ କୋଟି କୋଟି ଟଙ୍କା ଢାଳି ଦେଇଥିଲେ। ଏତେ ସତ୍ତ୍ୱେ ମାତ୍ର ଶତକଡ଼ା ୩୩ ପ୍ରତିଶତ ଭାଗ ଭୋଟ ପାଇ ମୋଦି ସରକାର ଗଢିଲେ। ମୋଦି ବିରୋଧି ଭୋଟକୁ ପୁଞ୍ଜିପତିଶ୍ରେଣୀ ନାନା ଉପାୟରେ ଭାଗ ଭାଗ କରିଦେଲେ। କଂଗ୍ରେସ ତ ଜନସାଧାରଣଙ୍କ ଦ୍ୱାରା ସମ୍ପୂର୍ଣ୍ଣ ପ୍ରତ୍ୟାଖ୍ୟାତ ହୋଇଯାଇଛି। ମୋଦି ପ୍ରଧାନମନ୍ତ୍ରୀ ହେଉ ହେଉ ଦେଶବାସୀଙ୍କୁ ବାଣୀ ଶୁଣାଇଥିଲେ ଯେ, ଦେଶକୁ ରୋଗ ହୋଇଛି, ସେଥିପାଇଁ ପିତା ଔଷଧ ଖାଇବାକୁ ପଡିବ। ଅର୍ଥାତ୍ ସରକାରଙ୍କ ନୀତିଗୁଡ଼ିକ ସାଧାରଣ ଲୋକଙ୍କୁ ପିତା ଲାଗିବ। ତେବେ ଅସଲରେ ମୋଦି ଯାହା ଗୋପନ ରଖିବାକୁ ଚାହିଁଲେ, ତାହେଲା ଦେଶର ପୁଞ୍ଜିପତିଶ୍ରେଣୀ ରୋଗଗ୍ରସ୍ତ। ସେମାନଙ୍କୁ ଉଦ୍ଧାର କରିବା ପାଇଁ ସାଧାରଣ ଲୋକଙ୍କୁ ପିତା ଔଷଧ ଖାଇବାକୁ ପଡିବ।

ତେଣୁ ସଙ୍ଗେ ସଙ୍ଗେ ରେଳଭଡା ୧୪% ବୃଦ୍ଧି ହେଲା। ଦରଦାମରେ ନିଆଁ ଲାଗିଗଲା। ବର୍ତ୍ତମାନ ଲୋକଙ୍କର ବଞ୍ଚିବାର ଶେଷ ସମ୍ବଳ ଚାଷ ଜମି ଜବରଦସ୍ତି ଛଡ଼ାଇ ନେବାପାଇଁ ଅତ୍ୟନ୍ତ ଜନବିରୋଧୀ ଜମି ଅଧିଗ୍ରହଣ ଅଧ୍ୟାଦେଶ ଆଇନ୍‌ରେ ପରିଣତ ହେବାକୁ ଯାଉଛି। ଶିକ୍ଷା, ସ୍ୱାସ୍ଥ୍ୟ ଭଳି ସମସ୍ତ ସାମାଜିକ ସେବା କ୍ଷେତ୍ରରେ ବ୍ୟାପକ ଖର୍ଚ୍ଚକାଟ ହେଉଛି। ଅନ୍ୟପଟରେ ପୁଞ୍ଜିପତିମାନଙ୍କୁ ବ୍ୟାପକ ସୁବିଧା ସୁଯୋଗ ଦିଆଯାଉଛି। ଆଜି ଦେଶ ସାରା ଆତଙ୍କ। ଜନଗଣ ସିଙ୍ଗୁର ନନ୍ଦୀଗ୍ରାମ ଭଳି ଜୀବନ ଦେଇ ଲଢେଇ କରିପାରିଲେ ହିଁ ଜମି ରକ୍ଷା କରି ପାରିବେ, ନହେଲେ ପୁଞ୍ଜିପତିମାନେ ସବୁ ଲୁଟି ନେବେ। ସ୍ୱାଧୀନତାର ପ୍ରାକ୍‌କାଳରେ ହିଁ କମ୍ରେଡ୍ ଶିବଦାସ ଘୋଷ ଏହି ଚେତାବନୀ ଦେଇଥିଲେ। ଧର୍ମ ନାଁରେ ହେଉ, ଜାତି ନାଁରେ ହେଉ, ଏପରିକି ଲାଲଝଣ୍ଡା ଉଡେଇ ଲୋକଙ୍କୁ ଭୁଆଁ ବୁଲାଉଥିବା ଦଳମାନେ ଗରିବର ସର୍ବନାଶ କରିବେ। ସେମାନେ ଦୁର୍ନୀତିଗ୍ରସ୍ତ ହେବାକୁ ବାଧ୍ୟ ହେବେ। ଆଖୁରୁ ରସ ବାହାର କରିନେଲା ପରେ ଆଖୁ ଛେଦା ଯେମିତି ମୂଲ୍ୟହୀନ ହୋଇପଡେ, ଦେଶର ଜନସାଧାରଣ ସେମିତି ଭୋଟ ଦେଲା ପରେ ଅଦରକାରୀ ହୋଇ ପଡନ୍ତି।

କେବଳ ମୋଦି ବା ବି.ଜେ.ପି ନୁହେଁ, ବାମ ହେଉ ବା ଦକ୍ଷିଣ ହେଉ ସମସ୍ତ ଭୋଟ ସର୍ବସ୍ୱ ରାଜନୈତିକ ଦଳ ଲୋକଙ୍କୁ ପ୍ରକୃତ ସତ୍ୟଠାରୁ ଦୂରେଇ ରଖିବାକୁ

ଅବଶିଷ୍ଟାଂଶ ୭ମ ପୃଷ୍ଠାରେ

ରାଜ୍ୟବାସୀ ସାବଧାନ !

ଏକ ବିପର୍ଯ୍ୟୟ ଘଟିବା ପରେ ସମଗ୍ର ବିଶ୍ୱ ରାଜନୀତି ଓ ଅର୍ଥନୀତି କ୍ଷେତ୍ରରେ ଆମୂଳଚୁଳ ପରିବର୍ତ୍ତନ ଘଟିଥିଲା। ଏହି ପରିବର୍ତ୍ତନ ଆସିଥିଲା ଜଗତୀକରଣ, ଘରୋଇକରଣ ଓ ଉଦାରୀକରଣ ରୂପ ନେଇ। ସେ ପର୍ଯ୍ୟନ୍ତ ସମାଜବାଦୀ ଢାଞ୍ଚାର ସମାଜର ଧୂଆଁବାଣ ମାରି ଚାଲିଥିବା ଦେଶର ଶାସକ ଏକଚାଟିଆ ପୁଞ୍ଜିପତି ଶ୍ରେଣୀର ସେବକାରୀ ସରକାରମାନଙ୍କ ମୁହଁରେ ହଠାତ୍ ନୂଆ କଥା ଶୁଣିବାକୁ ମଳିଲା। ଆରମ୍ଭ ହେଲା ଘରୋଇକରଣ ଓ ସମସ୍ତ ଜନମଙ୍ଗଳକାରୀ କ୍ଷେତ୍ରରୁ ଆର୍ଥିକ ଦାୟିତ୍ୱରୁ ପର୍ଯ୍ୟାୟକ୍ରମେ ଓହରି ଯିବାର ଯୁଗ। ତତକାଳୀନ କେନ୍ଦ୍ର କଂଗ୍ରେସ ସରକାର ଘୋଷଣା କଲେ ଆଉ ସରକାରୀ ଉଦ୍ୟମରେ ଦେଶର ଦାରିଦ୍ର୍ୟ ଓ ପଶ୍ଚାଦପଦତା ହଟିବ ନାହିଁ। ଦେଶର ବିକାଶ ପାଇଁ ଆବଶ୍ୟକ ଘରୋଇ ପୁଞ୍ଜି ବିନିଯୋଗ।

ଏହି ସ୍ଲୋଗାନର ପରୀକ୍ଷା ଆରମ୍ଭ ହେଲା ଓଡିଶାର ଶକ୍ତି କ୍ଷେତ୍ରରେ। ୧୯୯୪ ମସିହାରେ ତତକାଳୀନ ରାଜ୍ୟ କଂଗ୍ରେସ ସରକାର ସେ ପର୍ଯ୍ୟନ୍ତ ରାଜ୍ୟର ବିଦ୍ୟୁତ ଉତ୍‌ପାଦନ, ବଣ୍ଟନ ଓ ଶୁଲ୍‌କ ଆଦାୟ ଦାୟିତ୍ୱରେ ଥିବା ଓଡିଶା ରାଜ୍ୟ ବିଦ୍ୟୁତ ବୋର୍ଡକୁ ଭାଙ୍ଗି ଶକ୍ତି କ୍ଷେତ୍ରରେ ଘରୋଇକରଣର ମାହାତ୍ମ୍ୟ ସମ୍ପର୍କରେ ଗୀତ ଗାଇବାକୁ ଆରମ୍ଭ କଲେ! ସରକାରଙ୍କ ଓକିଲାତି ଥିଲା ସରକାରୀ ପରିଚାଳନାଧିନ ବିଦ୍ୟୁତବୋର୍ଡ ପ୍ରତିବର୍ଷ କୋଟି କୋଟି ଟଙ୍କା କ୍ଷତି ସହୁଛି। ଆଉ ସରକାରଙ୍କୁ ଏହି କ୍ଷତି ଭରଣା କରିବାକୁ ପଡୁଛି। ଫଳରେ ରାଜ୍ୟର ଦରିଦ୍ର ଲୋକଙ୍କ ବିକାଶ ସକାଶେ ଅର୍ଥର ଘୋର ଅଭାବ ଦେଖାଯାଉଛି ! ଏହି ଅଭାବ ପୂରଣର ଆଳ ଦେଖାଇ ସରକାର ରାଜ୍ୟର ବିଦ୍ୟୁତ ଉତ୍ପାଦନ, ବଣ୍ଟନ ଓ ଶୁଲ୍‌କ ଆଦାୟ ଦାୟିତ୍ୱ ଘରୋଇ କମ୍ପାନୀମାନଙ୍କୁ ହସ୍ତାନ୍ତର କରିବା ପାଇଁ ଘୋଷଣା କଲେ ! ସରକାର ଯୁକ୍ତି ଦର୍ଶାଇଥିଲେ ଘରୋଇ କମ୍ପାନୀମାନେ ଏ କ୍ଷେତ୍ରରେ ପ୍ରଚୁର ପୁଞ୍ଜି ବିନିଯୋଗ କରିବେ ଓ ଉନ୍ନତ ପ୍ରଯୁକ୍ତି ବିଦ୍ୟାର ବ୍ୟବହାର କରିବେ। ଫଳରେ ଅର୍ଥାଭାବ ଯୋଗୁଁ ବିଦ୍ୟୁତ ଶକ୍ତି ପହଞ୍ଚି ପାରୁ ନଥିବା ଗାଁ ଗଣ୍ଡାରେ ବିଜୁଳି ଆଲୁଅ ଝଲସି ଉଠିବ ! ଉନ୍ନତ ପ୍ରଯୁକ୍ତି ବିଦ୍ୟା, ବିଦ୍ୟୁତ ସରବରାହ ଜନିତ କ୍ଷତିକୁ ଯଥେଷ୍ଟ ହ୍ରାସ କରିବ। ଫଳରେ ବିଦ୍ୟୁତ ଗ୍ରାହକମାନଙ୍କୁ ସୁଲଭ ଦରରେ ମିଳିବ। ପୁଣି ଶସ୍ତାରେ ରାଜ୍ୟର ଖାଉଟିମାନେ ଉଚ୍ଚମାନର ବିଦ୍ୟୁତ ଶକ୍ତି ପାଇବେ ଏବଂ ଲୋ ଭୋଲ୍ଟେଜ ଏବଂ ଘନ ଘନ ବିଦ୍ୟୁତ କାଟ ଇତିହାସର କାହାଣୀ ହୋଇ ରହିଯିବ ! ଏହିଭଳି ମନମତାଣିଆ ବାଗାଡମ୍ବର କରି ରାଜ୍ୟ କଂଗ୍ରେସ ସରକାର ୧୯୯୫ ମସିହା ନଭେମ୍ବର ମାସରେ ବିଧାନସଭାରେ ଓଡିଶା ଇଲେକ୍ଟ୍ରିସିଟି ସଂସ୍କାର ଆଇନ (Odisha electricity reform act- 1995) ପାଶ କରାଇନେଲେ। ଏହା ସହିତ ଆରମ୍ଭ ହେଲା ରାଜ୍ୟରେ ବିଦ୍ୟୁତ କ୍ଷେତ୍ରରେ ଘରୋଇକରଣର ଯୁଗ। ଏଠାରେ ସୂଚନାଯୋଗ୍ୟ ୨୦୦୩ ମସିହାରେ ବିଜେପି ନେତୃତ୍ୱରେ ପରଚାଳିତ ଏନ.ଡି.ଏ ସରକାର ବିଦ୍ୟୁତ କ୍ଷେତ୍ରରେ ଘରୋଇକରଣ କରିବା ଉଦ୍ଦେଶ୍ୟରେ ଜାତୀୟ ଶକ୍ତି ନୀତିର ମୂଳ ଆଧାର ଥିଲା ଓଡିଶାରେ ପ୍ରଚଳନ କରାଯାଇଥିବା ଏହି ମାରାତ୍ମକ ସଂସ୍କାରମୂଳକ ଆଇନ।

୧୯୯୬ ଏପ୍ରିଲ ମାସରେ ଏହି ଆଇନ କାର୍ଯ୍ୟକାରୀ ହେଲା। ଏହା ଫଳରେ ଓଡିଶା ରାଜ୍ୟ ବିଦ୍ୟୁତ ବୋର୍ଡକୁ ଦୁଇଭାଗ କରି ଗ୍ରୀଡକୋ (Grid Corporation) ଏବଂ ଓଡିଶା ଜଳ ବିଦ୍ୟୁତ ଶକ୍ତି କର୍ପୋରେସନ (OHPC) ଗଠନ କରାଗଲା। ଗ୍ରୀଡକୋ ବିଦ୍ୟୁତ ଯୋଗାଣ ଓ ଶୁଲ୍‌କ ଆଦାୟ ଦାୟିତ୍ୱ ବହନ କଲା ଏବଂ OHPC ଜଳ ବିଦ୍ୟୁତ ଉତ୍ପାଦନ ଦାୟିତ୍ୱ ବହନ କଲା। ୧୯୯୭ ମସିହାରେ ଗ୍ରୀଡକୋ - WESCO, NESCO, SOUTHCO, CESCO ନାମକ ଚାରୋଟି କମ୍ପାନୀ ସୃଷ୍ଟି କଲା। ସେତେବେଳ ପର୍ଯ୍ୟନ୍ତ ଏ ସମସ୍ତ କମ୍ପାନୀ ସରକାରୀ ଥିଲା। ୧୯୯୭ ମସିହାରେ ବିଦ୍ୟୁତ କ୍ଷେତ୍ରର ଘରୋଇକରଣ ଆରମ୍ଭ ହେଲା। ୧୯୯୯ ମସିହାରେ WESCO, NESCO, SOUTHCO ର ଦାୟିତ୍ୱ ବି.ଏସ.ଇ.ଏସ କମ୍ପାନୀକୁ ହସ୍ତାନ୍ତର କରାଗଲା। କିଛିଦିନ ପୂର୍ବ ପର୍ଯ୍ୟନ୍ତ ଏହି କମ୍ପାନୀମାନଙ୍କୁ ରିଲାଏନ୍ସ କମ୍ପାନୀ ପରିଚାଳନା କରୁଥିଲା। CESCO ଗ୍ରୀଡକୋ ଦ୍ୱାରା ପରିଚାଳିତ ହେଉଥିଲା। ଏହାପରେ ୧୯୯୯ ମସିହା ସେପ୍ଟେମ୍ବର ମାସରେ ଗ୍ରୀଡକୋ ସେସ୍କୋରେ ଥିବା ଏହାର ଶତକଡା ୫୧ ଭାଗ ଅଂଶଧନ ଆମେରୀକାର ଏ.ଇ.ଏସ କମ୍ପାନୀକୁ ବିକ୍ରି କରି ସେସ୍କୋକୁ ମଧ୍ୟ କାର୍ଯ୍ୟତଃ ଘରୋଇ କମ୍ପାନୀ ହାତକୁ ଟେକିଦେଲା। ଏହି ଏ.ଇ.ଏସ କମ୍ପାନୀ ରାଜ୍ୟର ଖାଉଟିମାନଙ୍କର ହଜାର ହଜାର କୋଟି ଟଙ୍କା ଆତ୍ମସାତ୍ କରି ଫେରାର ହେବା ପରେ ୧୯୯୫ ସଂସ୍କାର ଆଇନ ବଳରେ ଘରୋଇ କମ୍ପାନୀ ଓ ସରକାରଙ୍କ ମଧ୍ୟରେ ତାଳମେଳ ରକ୍ଷା କରି ଖାଉଟିଙ୍କ ସ୍ୱାର୍ଥ ଜଗିବାର ଘୋଷିତ ଲକ୍ଷ୍ୟରେ ସୃଷ୍ଟି ହୋଇଥିବା ବିଦ୍ୟୁତ ନିୟାମକ ଆୟୋଗ ସେସକୋର ଲାଇସେନ୍ସ ରଦ୍ଦ କରିବା ଫଳରେ ୨୦୦୬ ମସିହା ସରକାର ସେସୁ ଗଠନ କରି ରାଜ୍ୟର ଉପକୂଳବର୍ତ୍ତୀ ଅଞ୍ଚଳର ବିଦ୍ୟୁତ ଯୋଗାଣ ଦାୟିତ୍ୱ ବହନ କରିଥିଲା।

ଇତିମଧ୍ୟରେ ୨୩ ବର୍ଷ ବିତିଯାଇଛି। ୨୩ ବର୍ଷ ପରେ ପ୍ରବଳ ଜନ ଅସନ୍ତୋଷ ଓ ଘରୋଇ କମ୍ପାନୀମାନଙ୍କ ମନଇଚ୍ଛା କାରବାର ସୀମା ଟପିବାରୁ ବିଦ୍ୟୁତ୍ ନିୟାମକ ଆୟୋଗ ଗତ ମାସ ରିଲାଏନ୍ସ ଏନର୍ଜିର ଲାଇସେନ୍ସ ରଦ୍ଦ କରିବା ଫଳରେ ରାଜ୍ୟ ସରକାର ବାଧ୍ୟ ହୋଇ ରାଜ୍ୟର ବିଦ୍ୟୁତ ବ୍ୟବସ୍ଥାର ଦାୟିତ୍ୱ ବହନ କରିଛନ୍ତି। ଦାୟିତ୍ୱ ବହନ କରୁ କରୁ ରାଜ୍ୟ ସରକାର କୃଷି କ୍ଷେତ୍ର ଓ ରାଜ୍ୟର ଛୋଟ ଛୋଟ ବିଦ୍ୟୁତ ଉପଭୋକ୍ତାଙ୍କ ଉପରେ ପୁଣିଥରେ ଶୁଲ୍‌କ ବୃଦ୍ଧିର ବୋଝ ଲଦି ଦେଇଛନ୍ତି। ମାତ୍ର ଆଶ୍ଚର୍ଯ୍ୟର କଥା ଶିଳ୍ପ ଉପରୁ ସରକାର ଶତକଡା ୧୦ଭାଗ ବିଦ୍ୟୁତ ଶୁଲ୍‌କ ଛାଡ କରିଛନ୍ତି।

ଅବଶିଷ୍ଟାଂଶ ୩ୟ ପୃଷ୍ଠାରେ

ସି.ଏ.ଜି ରିପୋର୍ଟ : ତଥାକଥିତ ବିକାଶମୁଖୀ ଗୁଜୁରାଟ ମଡେଲର ପର୍ଦ୍ଦାଫାସ କଲା

ଗୁଜୁରାଟ ମଡେଲ୍ କି ଜିନିଷ ସେକଥା ମଣିଷ ବୁଝୁ ବା ନ ବୁଝୁ ତାର ପ୍ରବଳ ପ୍ରଚାର ଅଛି । ତେବେ ସଦ୍ୟ ପ୍ରକାଶିତ ଗୁଜୁରାଟର ସି.ଏ.ଜି ରିପୋର୍ଟ ସେଇ ପ୍ରଚାରର ପର୍ଦ୍ଦାଫାସ କରି ଦେଇଛି ।

ମାର୍ଚ୍ଚ ୩୧ ତାରିଖରେ ଗୁଜୁରାଟ ବିଧାନସଭାରେ ଆଗତ ହୋଇଥିବା, ବା ସି.ଏ.ଜି ରିପୋର୍ଟରେ ଦର୍ଶାଯାଇଛି ଯେ, ଶିକ୍ଷା, ସ୍ୱାସ୍ଥ୍ୟ, ନାରୀ-ଶିଶୁ କଲ୍ୟାଣ ଓ ସାମାଜିକ କ୍ଷେତ୍ର ତଥା କୃଷି, ଶିଳ୍ପ ସମେତ ରାଜ୍ୟର ସମସ୍ତ କ୍ଷେତ୍ରର ଚିତ୍ର ଅନ୍ଧକାରାଚ୍ଛନ୍ନ ସେଥିରେ ଉନ୍ନୟନର ଚିହ୍ନମାତ୍ର ନାହିଁ ।

ରିପୋର୍ଟରେ ପ୍ରକାଶ ପାଇଛି, ଗୁଜୁରାଟ ରାଜ୍ୟର ଶିଶୁ, ସୁରକ୍ଷା ସମିତି ତାର କାର୍ଯ୍ୟନୀତି ହିଁ ପ୍ରସ୍ତୁତ କରି ପାରି ନାହିଁ । ତେଣୁ ଏ ସଂକ୍ରାନ୍ତ ଲକ୍ଷ୍ୟ ସ୍ଥିର କରିବା ଦୂରର କଥା ସରକାରଙ୍କ ଏଇ ବିଭାଗ କୌଣସି ପରିକଳ୍ପନା କାର୍ଯ୍ୟକାରୀ କରି ପାରି ନାହିଁ । ରାଜ୍ୟରେ ଶିଶୁ ସୁରକ୍ଷା ଓ ଶିଶୁ କଲ୍ୟାଣ କ୍ଷେତ୍ରଟି ସମ୍ପୂର୍ଣ୍ଣ ଅବହେଳିତ ରହିଯାଇଛି ।

ବିକାଶର ସମ୍ପୂର୍ଣ୍ଣ ଶୀର୍ଷରେ ପହଞ୍ଚିଛି ବୋଲି ଦାବି କରାଯାଉଥିବା ଗୁଜୁରାଟରେ ପ୍ରତି ଏକ ହଜାର ପୁରୁଷରେ ମହିଳାମାନଙ୍କ ସଂଖ୍ୟା ଯଥେଷ୍ଟ ହ୍ରାସ ପାଇଛି । ଏପରିକି ଦେଶର ହାରାହାରି ହିସାବରୁ ମଧ୍ୟ ଏହା କମ୍ । ୨୦୧୧ ମସିହା ଜନଗଣନା ଅନୁସାରେ ଅର୍ଥାତ୍ ମୋଦିଙ୍କ ଶାସନକାଳରେ ଏଇ ସଂଖ୍ୟା ପୂର୍ବଠାରୁ ଯଥେଷ୍ଟ କମିଯାଇଛି । ସାରା ଦେଶରେ କନ୍ୟା ଭୃଣ ହତ୍ୟା ଅଭିଶାପର ରୂପ ଧାରଣ କରୁଥିବା ବେଳେ ସି.ଏ.ଜି ରିପୋର୍ଟ ଅନୁସାରେ ଗୁଜୁରାଟର ବି.ଜେ.ପି ସରକାର କନ୍ୟାଭୃଣହତ୍ୟା ବନ୍ଦ କରିବା କ୍ଷେତ୍ରରେ ସମ୍ପୂର୍ଣ୍ଣ ବିଫଳ ହୋଇଛି । ଭାବୀ ସନ୍ତାନର ଲିଙ୍ଗ ପରୀକ୍ଷା ବନ୍ଦ କରିବା ସକାଶେ ଯେଉଁ ଆଇନ୍‌ଟି ଅଛି ତାହା ପ୍ରୟୋଗ କରିବାରେ ସରକାର ସମ୍ପୂର୍ଣ୍ଣ ବ୍ୟର୍ଥ ହୋଇଛି । ମୋଦି ଯେତେ 'ବେଟି ବଚାଓ' 'ବେଟି ବଢାଓ'ର ରଙ୍ଗା ରଙ୍ଗ ବିଜ୍ଞାପନରେ ଦେଶ ଛାଇ ଦିଅନ୍ତୁ ନା କାହିଁକି ବାସ୍ତବରେ ବିଷୟଟି ଉପରେ ସି.ଏ.ଜି ରିପୋର୍ଟ ତାଙ୍କର ଆନ୍ତରିକତାକୁ ନେଇ ପ୍ରଶ୍ନ ଉଠାଇଛି । ସି.ଏ.ଜି ରିପୋର୍ଟରୁ ସ୍ପଷ୍ଟ ଯେ, ଗୁଜୁରାଟରେ କନ୍ୟା ଭୃଣ ହତ୍ୟା ଭଳି ଜଘନ୍ୟ ଘଟଣା ବିନା ବାଧାରେ ଘଟାଇ ଚାଲିଛନ୍ତି ।

ସି.ଏ.ଜି ରିପୋର୍ଟରେ ଗୁଜୁରାଟରେ ମହିଳାମାନଙ୍କ ନିରାପତ୍ତା ସଂକ୍ରାନ୍ତୀୟ ଭୟଙ୍କର ତଥ୍ୟ ପ୍ରକାଶ ପାଇଛି । ରିପୋର୍ଟରେ ଦର୍ଶାଇଛି, ୨୦୧୨-୧୩ ମସିହା ମଧ୍ୟରେ ଗୁଜୁରାଟରେ ଶିଶୁକନ୍ୟା ଧର୍ଷଣର ହାର ୭୬% କୁ ବୃଦ୍ଧି ପାଇଛି । ଏହି ହାର ବର୍ଷକୁ ବର୍ଷ ବଢି ବଢି ଚାଲିଛି । ଏହି ହିସାବ ଅନୁଯାୟୀ ଗତ ପାଞ୍ଚ ବର୍ଷ ମଧ୍ୟରେ ଗୁଜୁରାଟରେ ପ୍ରାୟ ଅଢେଇ ହଜାର ଧର୍ଷଣର ଘଟଣା ପଞ୍ଜିକୃତ ହୋଇଛି । ବାସ୍ତବ ସଂଖ୍ୟାଟା ଯେ ଏହାଠାରୁ ଯଥେଷ୍ଟ ବେଶୀ ତାହା ବୁଝିବାକୁ ଅସୁବିଧା ହୁଏ ନାହିଁ । ଧର୍ଷଣର ଶୀକାର ମହିଳା ଶିଶୁକନ୍ୟାମାନଙ୍କୁ କ୍ଷତିପୁରଣ ଦେବା ବିଷୟରେ ମଧ୍ୟ ଗୁଜୁରାଟ ସରକାର ଚୂଡାନ୍ତ ଅବହେଳା ଓ ଉଦାସୀନତାର ପରିଚୟ ଦେଇଛି । ରିପୋର୍ଟ ଅନୁଯାୟୀ ୨୦୧୨-୧୩ ମସିହାରେ ନଥିଭୁକ୍ତ ହୋଇଥିବା ୧୨୦୫ଟି ଧର୍ଷଣ ଘଟଣାରୁ ଏ ପର୍ଯ୍ୟନ୍ତ ମାତ୍ର ଅଳ୍ପ କେତେଜଣଙ୍କୁ କ୍ଷତିପୁରଣ ମିଳିଛି ।

ମାତ୍ର ଧର୍ଷଣର ସହଜ ଶିକାର ହେଉଥିବା ରାସ୍ତାର ଶିଶୁ, ଫୁଟପାଥବାସୀ ଓ ଭିକାରୀମାନଙ୍କ ଭଳି ଅସହାୟ ମଣିଷମାନଙ୍କ ପାଇଁ ରାତିରେ ରହିବାର ଆଶ୍ରୟସ୍ଥଳୀର ବ୍ୟବସ୍ଥା କରିବା ନିତାନ୍ତ ଅପରିହାର୍ଯ୍ୟ । ଅଥଚ ସି.ଏ.ଜି ରିପୋର୍ଟ କହୁଛି ରାଜ୍ୟରେ ଏ ଧରଣର କୌଣସି ବ୍ୟବସ୍ଥା ନାହିଁ । ଶିଶୁମାନଙ୍କ ପାଇଁ ଉଦ୍ଦିଷ୍ଟ ସାମାନ୍ୟ କେତୋଟିଆଶ୍ରୟ ସ୍ଥଳୀର ଅବସ୍ଥା ଶୋଚନୀୟ । ସେଠାରେ ଥିବା ଶୌଚାଳୟଗୁଡ଼ିକ ଅପରିଷ୍କାର, ଗୃହର ଚତୁଃପାର୍ଶ୍ୱରେ ପାଚେରୀ ନାହିଁ, ଖେଳ ପାଇଁ ପଡିଆ ତ ଦୂରର କଥା ପ୍ରୟୋଜନ ଭଳି ନର୍ଦ୍ଦମାର ପାଣି ନିଷ୍କାସନ ପାଇଁ ବ୍ୟବସ୍ଥା ମଧ୍ୟ ନାହିଁ । ସି.ଏ.ଜି ରିପୋର୍ଟ ଜଣାଇଛି ଉତ୍କଟ ଦାରିଦ୍ର୍ୟ ଯୋଗୁ ଘରୁ ଛୋଟ ଶିଶୁକନ୍ୟାମାନେ ପଳାଇ ଯିବା ଘଟଣା ମଧ୍ୟ ପ୍ରାୟ ଘଟେ । ତେଣୁ ସ୍ପଷ୍ଟ ବୁଝାଯାଏ ଗୁଜୁରାଟରେ ଦରିଦ୍ର ଫୁଟପାତବାସୀ ମଣିଷମାନଙ୍କ ଜୀବନରେ ନିରାପତ୍ତା ବୋଲି କିଛି ନାହିଁ, ସେମାନେ ପ୍ରତି ମୁହୂର୍ତ୍ତରେ ବିପଦର ଆଶଙ୍କା ନେଇ ଚରମ ଅନିଶ୍ଚିୟତା ମଧ୍ୟରେ ଜୀବନ କାଟନ୍ତି ।

ବିକାଶର ତଥାକଥିତ ରୋଲ ମଡେଲ ଗୁଜୁରାଟରେ ଶିକ୍ଷା ଅବସ୍ଥା କିଭଳି ? ରିପୋର୍ଟ ପ୍ରକାଶ କରିଛି ଯେ, ସରକାରୀ ସ୍କୁଲଗୁଡ଼ିକ ଅଭାବରେ ହାହାକାର କରୁଛନ୍ତି । ପରିଣତି ସ୍ୱରୂପ ପଢାଶୁଣାର ମାନ ନିମ୍ନଗାମୀ ହେବା ସହିତ ଅଧାରୁ ପଢା ଛାଡିଥିବା ପିଲାମାନଙ୍କ ସଂଖ୍ୟା ମଧ୍ୟ ବ୍ୟାପକ ହାରରେ ବଢିଛି । ରାଜ୍ୟରେ ୬୪ଟି ସ୍କୁଲ ଅଛି, ଯେଉଁଠାରେ ଜଣେ ଶିକ୍ଷକ ମଧ୍ୟ ନାହାନ୍ତି । ୮୭୪ଟି ସ୍କୁଲର କାମ ଚଳେ ମାତ୍ର ଜଣେ ଶିକ୍ଷକଙ୍କୁ ନେଇ । ରାଜ୍ୟର ବିଶେଷକରି ଆଦିବାସୀ ଅଧ୍ୟୁଷିତ ଇଲାକାର ୬ ହଜାର ସରକାରୀ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ସ୍କୁଲରେ ଛାତ୍ର ଅନୁଯାୟୀ ଶିକ୍ଷକମାନଙ୍କ ସଂଖ୍ୟା ପ୍ରୟୋଜନ ତୁଳନାରେ ନଗଣ୍ୟ ।

ସି.ଏ.ଜି ରିପୋର୍ଟ ଅନୁସାରେ ଗୁଜୁରାଟରେ କୃଷି ଉତ୍ପାଦନ ହାର ମଧ୍ୟ ଯଥେଷ୍ଟ କମିଛି । କୃଷି କ୍ଷେତ୍ର ବାବଦରେ ପ୍ରଶାସନ ସଂପୂର୍ଣ୍ଣ ଉଦାସୀନ । ଚାଷୀମାନଙ୍କୁ ଯୋଗାଇ ଦିଆଯାଉଥିବା ଅଧିକ ଉତ୍ପାଦନ କ୍ଷମତାସମ୍ପନ୍ନ ମଞ୍ଜି ବ୍ୟବହାର କରି ଉତ୍ପାଦନ ବାସ୍ତବରେ ବୃଦ୍ଧି ପାଇଲା କି ନାହିଁ ତାକୁ ନେଇ କୌଣସି ଯାଞ୍ଚ୍ କରାଯାଉ ନାହିଁ । ପଶୁପାଳନକୁ ନେଇ ସେଠାକାର ବି.ଜେ.ପି ସରକାରର ଯେ କୌଣସି ମୁଣ୍ଡବ୍ୟଥା ନାହିଁ । ସଂକ୍ଷେପରେ ଏହା ହିଁ ହେଲା ବହୁ ପ୍ରଚାରିତ ଗୁଜୁରାଟ ମଡେଲର ବାସ୍ତବ ଚେହେରା । ଏଇ ମଡେଲ କୁଆଡେ ସାରା ଦେଶକୁ ବିକାଶର ରାସ୍ତା ଦେଖାଇବ । ବିକାଶ କହିଲେ ଯଦି ଆମେ ରାଜ୍ୟର ସାଧାରଣ ମଣିଷଙ୍କର ଭଲଭାବେ ବଞ୍ଚି ରହିବାକୁ ବୁଝୁ, ଯଥାଯଥଭାବେ ଶିକ୍ଷା, ସ୍ୱାସ୍ଥ୍ୟ ଓ ପରିଷ୍କାର ପରିଚ୍ଛନ୍ନ ପରିବେଶରେ ବାସ କରିବାର ସୁଯୋଗ ସହ ସେମାନଙ୍କ ଜୀବନର ମାନର ଉନ୍ନତିକୁ ବୁଝିଥାଉ, ତାହେଲେ ସି.ଏ.ଜି ରିପୋର୍ଟ ଦେଖାଇ ଦେଇଛି ଗୁଜୁରାଟର ତତ୍କାଳୀନ ମୁଖ୍ୟମନ୍ତ୍ରୀ ନରେନ୍ଦ୍ର ମୋଦି ଏ କାମରେ ସମ୍ପୂର୍ଣ୍ଣ ବିଫଳ । ମାତ୍ର ମୋଦି ନେତୃତ୍ୱାଧିନ ଗୁଜୁରାଟର ବି.ଜେ.ପି ସରକାର କଣ କାହାରି ପାଇଁ ବିକାଶର ବ୍ୟବସ୍ଥା କରି ନାହାନ୍ତି ? ଅବଶ୍ୟ ସେ ଭୂଲ ସେ କରିନାହାନ୍ତି । ମୋଦିଙ୍କ ନିର୍ଦ୍ଦେଶରେ ତତ୍କାଳୀନ ବି.ଜେ.ପି ସରକାର ବଡ ବଡ ଶିଳ୍ପପତି ଓ ବ୍ୟାବସାୟୀଙ୍କୁ ସମସ୍ତ ପ୍ରକାର ସୁବିଧା ସୁଯୋଗ ଯୋଗାଇ ଦେଇଛି ଏବଂ ତାର ବିସ୍ତୃତ ବିବରଣୀ ସି.ଏ.ଜି ରିପୋର୍ଟରେ ପ୍ରକାଶ ପାଇଛି । ସେଥିରେ ଦର୍ଶାଯାଇଛି ଯେ, ବୃହତ୍ ଶିଳ୍ପପତିମାନଙ୍କୁ ସେମାନେ ଶାଗମାଛ ଦରରେ ହଜାର ହଜାର ଏକର ଜମି ଯୋଗାଇ ଦେଇଛନ୍ତି । ଫଳରେ ୨୦୧୧-୧୨ ମସିହାରେ ଗୁଜୁରାଟରେ ୩୯୨ କୋଟି ଟଙ୍କା ରାଜସ୍ୱ କ୍ଷତି ଘଟିଛି ।

ରାଜ୍ୟବାସୀ ସାବଧାନ !

ତେବେ ବର୍ତ୍ତମାନ ଦେଖାଯାଉ ୨୩ ବର୍ଷର ଘରୋଇକରଣରେ ରାଜ୍ୟର ସାଧାରଣ ବିଦ୍ୟୁତ ଉପଭୋକ୍ତା କଣ ପାଇଛନ୍ତି । ପ୍ରଥମତଃ ଏହି ସମୟ ମଧ୍ୟରେ ବିଦ୍ୟୁତ ଶୁଳ୍କ ଆକାଶଛୁଆଁ ହୋଇଛି । ମୁମ୍ବାଇ, ଚେନ୍ନାଇ, ଦିଲ୍ଲୀ ଭଳି ସହର ଅପେକ୍ଷା ଓଡିଶାର ଖାଉଟିଙ୍କୁ ଯଥେଷ୍ଟ ଅଧିକ ବିଦ୍ୟୁତ୍ ଶୁଳ୍କ ଦେବାକୁ ପଡୁଛି । ଦ୍ୱିତୀୟତଃ ଉନ୍ନତ ପ୍ରଯୁକ୍ତି ବିଦ୍ୟା ପ୍ରୟୋଗ କରି ଘରୋଇ କମ୍ପାନୀମାନେ ବିଦ୍ୟୁତ ସରବରାହ ଜନିତ କ୍ଷତି ହ୍ରାସ କରିବା ଘୋଷଣା ମଧ୍ୟ ହାସ୍ୟାସ୍ପଦ ପରିଣତିରେ ପହଞ୍ଚିଛି । ଘରୋଇ କମ୍ପାନୀମାନଙ୍କ ଦ୍ୱାରା ପରିଚାଳିତ ଓଡିଶାର ବିଦ୍ୟୁତ କ୍ଷେତ୍ରରେ ସରବରାହ ଜନିତ କ୍ଷତି ଶତକଡା ୩୭ ଭାଗ । ଅର୍ଥାତ୍ ପ୍ରତ୍ୟେକ ଶହେ ୟୁନିଟ ବିଦ୍ୟୁତ ଶକ୍ତିରୁ ୩୭ ୟୁନିଟ ବିଦ୍ୟୁତ ଶକ୍ତି ସଂଚାରଣ ସମୟରେ ନଷ୍ଟ ହେଉଛି ଏବଂ ଏହି ବ୍ୟାପକ କ୍ଷତିର ବୋଝ ବୋହିବାକୁ ପଡୁଛି ରାଜ୍ୟର ସାଧାରଣ ବିଦ୍ୟୁତ ଗ୍ରାହକଙ୍କୁ । ସୂଚନା ଯୋଗ୍ୟ ସଂଚାରଣ ଜନିତ କ୍ଷତିର ପ୍ରାପ୍ୟ ହାର ହେଉଛି ଶତକଡା ୧୭ । ପୁଣି ୧୯୯୯ ମସିହାର ମହାବାତ୍ୟା ହେଉ ବା ଫାଇଲିନ, ହୁଡହୁଡ ହେଉ ଘରୋଇ କମ୍ପାନୀମାନେ ଏହି ଧରଣର କ୍ଷୟକ୍ଷତିର ଭରଣା ପାଇଁ ଟଙ୍କାଟିଏ ମଧ୍ୟ ଖର୍ଚ୍ଚ କରିନାହାନ୍ତି । ୨୩ ବର୍ଷ ତଳେ ତତକାଳୀନ ରାଜ୍ୟ କଂଗ୍ରେସ ସରକାର ଘୋଷଣା କରିଥିଲେ ଯେ, ଘରୋଇକରଣର ୧୦ ବର୍ଷ ମଧ୍ୟରେ ରାଜ୍ୟରେ ଆଉ ଅନ୍ଧାର ଗାଁ ନ ଥିବ ଅର୍ଥାତ ରାଜ୍ୟର ସବୁ ଗାଁ ରେ ବିଜୁଳି ଆଲୋକ ଜଳୁଥିବ । ମାତ୍ର ଆଜି ଘରୋଇକରଣର ୨୩ ବର୍ଷ ପରେ ବି ରାଜ୍ୟରେ ୪୦୦୦ରୁ ଅଧିକ ଗାଁରେ ବିଜୁଳି ଆଲୁଅ ପହଞ୍ଚି ପାରିନାହିଁ ବୋଲି ରାଜ୍ୟ ସରକାର ସ୍ୱୀକାର କରିଛନ୍ତି । ସରକାର ଏକଥା ମଧ୍ୟ ସ୍ୱୀକାର କରିଛନ୍ତି ଯେ, ଗତ ୨୩ ବର୍ଷ ମଧ୍ୟରେ ରାଜ୍ୟରେ କେବଳ ୪୦୦ଟି ଗାଁକୁ ବିଜୁଳି ଶକ୍ତି ଯୋଗାଇ ଦିଆଯାଇପାରିଛି ।

ସୂଚନାଯୋଗ୍ୟ ଘରୋଇକରଣର ଏହି ୨୩ ବର୍ଷ ମଧ୍ୟରୁ ରାଜ୍ୟରେ ୧୬ବର୍ଷ ଧରି ପ୍ରଥମେ ବିଜେଡି- ବିଜେପି ମିଳିତ ସରକାର ଓ ପରେ ଏକକଭାବେ ବିଜେଡି କ୍ଷମତାରେ ରହି ଆସିଛି । ମାତ୍ର ଏହି ୧୬ ବର୍ଷ ମଧ୍ୟରେ ରାଜ୍ୟ ସରକାର ରାଜ୍ୟର ବିଦ୍ୟୁତ ଉପଭୋକ୍ତାମାନଙ୍କୁ ଘରୋଇ କମ୍ପାନୀମାନଙ୍କ ଶୋଷଣରୁ ରକ୍ଷା କରିବା ପାଇଁ ଉପଯୁକ୍ତ ପଦକ୍ଷେପ ଗ୍ରହଣ କରିବା ତ ଦୂରର କଥା ଘରୋଇ କମ୍ପାନୀମାନଙ୍କର ଲଗାମଛଡା ଶୋଷଣକୁ ସିଧାସଳଖଭାବରେ ଉତ୍ସାହିତ କରିଚାଲିଛନ୍ତି । ଏହାଫଳରେ ଏ.ଇ.ଏସ କମ୍ପାନୀ ରାଜ୍ୟବାସୀଙ୍କର ଶହ ଶହ କୋଟି ଟଙ୍କା ହଡପ କରି ଚମ୍ପଟ ମାରିଛି । ଏହାପରେ ରିଲାଏନ୍ସ କମ୍ପାନୀ ଗ୍ରୀଡକୋର ୫୦୦୦ କୋଟିରୁ ଅଧିକ ଟଙ୍କା ହଡପ କରିଛି । ଟଙ୍କା ଶୁଝିବା ତ ଦୂରର କଥା ଓଲଟା ୬୦୦୦କୋଟି କ୍ଷତି ପୂରଣ ପାଇଁ ଅଦାଲତରେ ମାମଲା ରୁଜୁ କରିଛି ।

ଏହିଭଳି ପରିସ୍ଥିତିରେ ରାଜ୍ୟ ବିଦ୍ୟୁତବୋର୍ଡର ପୁନଃ ପ୍ରତିଷ୍ଠା କରି ବିଦ୍ୟୁତ କ୍ଷେତ୍ରକୁ ସରକାର ସମ୍ପୂର୍ଣ୍ଣ ଭାବରେ ହାତକୁ ନେବାକୁ ରାଜ୍ୟର ଜନସାଧାରଣ ଦୃଢ ଦାବି କରିଛନ୍ତି । ଏହି ଦାବିରେ ଆମ ଦଳ ଏସ.ୟୁ.ସି.ଆଇ(କମ୍ୟୁନିଷ୍ଟ) ସମେତ ରାଜ୍ୟର ଜନସାଧାରଣ ଜୋରସୋର ଆନ୍ଦୋଳନ ଚଳାଇଛନ୍ତି । ମାତ୍ର ରାଜ୍ୟ ସରକାର ରାଜ୍ୟର ଜନସାଧାରଣଙ୍କ ଏହି ନ୍ୟାୟସଂଗତ ଦାବି ତୁରନ୍ତ ପୂରଣ କରିବା ପରିବର୍ତ୍ତେ ଯେଉଁ ଘୋଷଣା କରିଛନ୍ତି ସେଥିରେ ରାଜ୍ୟର ସାଧାରଣ ବିଦ୍ୟୁତ ଉପଭୋକ୍ତାଙ୍କର ଭବିଷ୍ୟତରେ ସମ୍ଭାବ୍ୟ ଦୂରାବସ୍ଥା ଆମ ଆଗରେ ଅନେକ ସ୍ପଷ୍ଟ ହୋଇଯାଇଛି । ରାଜ୍ୟ ଶକ୍ତି ମନ୍ତ୍ରୀ ସ୍ପଷ୍ଟ ଭାଷାରେ ଘୋଷଣା କରିଛନ୍ତି ଯେ, ରାଜ୍ୟର ବିଦ୍ୟୁତ କ୍ଷେତ୍ରରେ ପ୍ରଥମ ଦଫା ଘରୋଇକରଣ ନାମକ ସଂସ୍କାର ବିଫଳ ହୋଇଛି, ତେବେ ପଛକୁ ଫେରିବାର ପ୍ରଶ୍ନ ଉଠୁନାହିଁ । ଖୁବ ଶୀଘ୍ର ରାଜ୍ୟରେ ଦ୍ୱିତୀୟ ଦଫା ସଂସ୍କାର ଆରମ୍ଭ ହେବ । ମନ୍ତ୍ରୀ ମହୋଦୟ ଏହି ଦ୍ୱିତୀୟ ଦଫା ସଂସ୍କାରର ନିର୍ଦ୍ଦିଷ୍ଟ ରୂପରେଖ ଘୋଷଣା କରି ନଥିଲେ ମଧ୍ୟ ପ୍ରଥମ ଦଫା ସଂସ୍କାରର ପ୍ରବଳ ଆକ୍ରମଣରେ ହାହାକାର କରୁଥିବା ବିଚରା ଖାଉଟି ଦ୍ୱିତୀୟ ଦଫା ସଂସ୍କାରରେ ଯେ ମହରଗରୁ ଯାଇ କାନ୍ତାରରେ ପଡି ଛଟପଟ ହେବ ତାହା ବୁଦ୍ଧିଭ୍ରଷ୍ଟ ଛଡା ଆଉ କାହାକୁ ବୁଝାଇ କହିବାର ଆବଶ୍ୟକତା ନାହିଁ । ତେଣୁ ବିଦ୍ୟୁତ୍ ଉପଭୋକ୍ତା ଜନତା ସାବଧାନ ହୁଅନ୍ତୁ ! ଲେଡିଗୁଡ କହୁଣୀକୁ ବୋହିବା ଆଗରୁ ଅଣ୍ଟା ଭିଡି ଏହାକୁ ପ୍ରତିରୋଧ କରିବା ପାଇଁ ସଜାଗ ଓ ସଂଗଠିତ ହୁଅନ୍ତୁ । ନଚେତ ଅନ୍ଧାର ଭିତରେ ଘାଣ୍ଟି ଚକଟି ହୋଇ କପାଳରେ କର ମାରି ମାରି ବଂଚି ରହିବାକୁ ପ୍ରସ୍ତୁତ ହୁଅନ୍ତୁ !

ଆମର ଆହ୍ୱାନ ବିଦ୍ୟୁତ୍ କ୍ଷେତ୍ରର ସମ୍ପୂର୍ଣ୍ଣ ସରକାରୀକରଣ କରି ଉପଭୋକ୍ତାମାନଙ୍କୁ ସୂଲଭ ମୂଲ୍ୟରେ ବିଦ୍ୟୁତ ଯୋଗାଇଦେବା ତଥା ବିଦ୍ୟୁତ କ୍ଷେତ୍ରରେ ଅନ୍ୟାନ୍ୟ ସୁବିଧା ସୁଯୋଗ ଯୋଗାଇ ଦେବାର ଦାବି ନେଇ ଶକ୍ତିଶାଳୀ ଓ ଦୀର୍ଘସ୍ଥାୟୀ ଆନ୍ଦୋଳନ ସଂଗଠିତକରିବାକୁ ଆମେ ରାଜ୍ୟର ସର୍ବସ୍ତରର ଜନସାଧାରଣଙ୍କୁ ଆହ୍ୱାନ କରୁଛୁ । ●

ବଲାଙ୍ଗିରରେ ପାର୍ଟି ଅଫିସର ନୂତନ ଗୃହ ଉଦ୍‌ଘାଟିତ

ବଲାଙ୍ଗୀରଠାରେ ଏସ୍.ୟୁ.ସି.ଆଇ(କମ୍ୟୁନିଷ୍ଟ) ଓ ଅଲ୍ ଇଣ୍ଡିଆ ଡି.ଏସ୍.ଓର ନୂତନ ଅଫିସ ଗୃହ ତଥା ଗଙ୍ଗାଧର ମେହେର ସ୍ମୃତି ପାଠାଗାର ୧୯ ଏପ୍ରିଲ ଦିନ ଉଦ୍‌ଘାଟିତ ହୋଇଯାଇଛି । ପାର୍ଟିର ରାଜ୍ୟ ସମ୍ପାଦକ କମ୍ରେଡ୍ ଧୂର୍ଜଟୀ ଦାସ ନୂତନ ଅଫିସ ଗୃହ ଉଦ୍‌ଘାଟନ କରିଥିଲେ । ଏହି ଅବସରରେ ଅଫିସ ପ୍ରାଙ୍ଗଣରେ ସ୍ଥାନୀୟ ସଂଗଠକ ଓମପ୍ରକାଶ ସାହୁଙ୍କ ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଥିଲା । ଅଲ୍ ଇଣ୍ଡିଆ ଡି.ଏସ୍.ଓ ସର୍ବଭାରତୀୟ ସାଧାରଣ ସମ୍ପାଦକ କମ୍ରେଡ୍ ଅଶୋକ ମିଶ୍ର, ଅଲ୍ ଇଣ୍ଡିଆ ଡି.ଏସ୍.ଓ ବଲାଙ୍ଗିର ଜିଲ୍ଲା ସମ୍ପାଦକ କମ୍ରେଡ୍ ସୁନୀଲ ଭୋଇ, କଳାହାଣ୍ଡି ଜିଲ୍ଲାର ସଂଗଠକ ବରୁଣ ଭୋଇ, ଗିରିଶ ସା, ଜଗଦୀଶ ମିଶ୍ର, ସଞ୍ଜୟ ମିଶ୍ର, ମାଧବ ମେହେର, ଲକ୍ଷ୍ମୀ ସାମଲ, ରାଜେଶ ସାହୁ, ବିକାଶ ପ୍ରଧାନ, ଡୋଲାମଣି ରଣା, ଅଲ୍ ଇଣ୍ଡିଆ ଡି.ୱାଇ.ଓ ରାଜ୍ୟ ସମ୍ପାଦକ ମଣ୍ଡଳୀ ସଦସ୍ୟ ବିଷ୍ଣୁ ପଣ୍ଡା, ଅଲ୍ ଇଣ୍ଡିଆ ଏମ୍.ଏସ୍.ଏସ୍. ରାଜ୍ୟ ସମ୍ପାଦକ ମଣ୍ଡଳୀ ସଦସ୍ୟା ମନ୍ଦୋଦରୀ ରାଉଳ, ଏସ୍.ୟୁ.ସି.ଆଇ(କମ୍ୟୁନିଷ୍ଟ) ସୋନପୁର ଆଞ୍ଚଳିକ କମିଟି ସମ୍ପାଦକ ନିତ୍ୟାନନ୍ଦ ମଲ୍ଲିକ ପ୍ରମୁଖ ବକ୍ତବ୍ୟ ରଖିଥିଲେ । ଶେଷରେ ଉଦ୍‌ଘାଟକ କମ୍ରେଡ୍ ଧୂର୍ଜଟୀ ଦାସ ବକ୍ତବ୍ୟରେ କହିଥିଲେ ଯେ, ମହାନ୍ ନେତା କମ୍ରେଡ୍ ଶିବଦାସ ଘୋଷଙ୍କ ଚିନ୍ତାଧାରା ହିଁ ଆଜି ସମାଜରେ ଏକ ସୁସ୍ଥ ରାଜନୀତି ଓ ନୂତନ ସଂସ୍କୃତି ସୃଷ୍ଟି କରିଛି । ଏହି ଅଫିସ ବଲାଙ୍ଗିର, କଳାହାଣ୍ଡି ଓ ଏହାର ପଡୋଶୀ ଜିଲ୍ଲାମାନଙ୍କର ଶୋଷିତ ମଣିଷର ସଂଗ୍ରାମର କେନ୍ଦ୍ରଭାବେ କାମ କରିବ ବୋଲି କମ୍ରେଡ୍ ଦାସ କହିଥିଲେ । ମହାନ୍ ନେତା କମ୍ରେଡ୍ ଶିବଦାସ ଘୋଷଙ୍କ ଉପରେ ଚରିତ ସଙ୍ଗୀତ ଗାନ ସହିତ ଉଦ୍‌ଘାଟନୀ ସମାରୋହ ସମାପନ ହୋଇଥିଲା ।

ଆନ୍ଦୋଳନ ଚାପରେ କଟକ ବସ୍ତି ବାସିନ୍ଦାଙ୍କ ଥଇଥାନ ପାଇଁ ଉଚ୍ଚ ସ୍ତରୀୟ କମିଟି ଗଠନ ହେଲା

ବସ୍ତିବାସିନ୍ଦା ମାନଙ୍କର ବିଭିନ୍ନ ଦାବି ପୂରଣ ପାଇଁ ଗତ ମାର୍ଚ୍ଚ ୧୫ ଓ ୧୬ତାରିଖ ,ଦୁଇଦିନ ଧରି ବସ୍ତିବାସିନ୍ଦାଙ୍କ ମିଳିତ ମଞ୍ଚ ତରଫରୁ କଟକରୁ ଭୁବନେଶ୍ୱର ପର୍ଯ୍ୟନ୍ତ ଅନୁଷ୍ଠିତ ପଦଯାତ୍ରା ଏବଂ ଏପ୍ରିଲ ୯ ତାରିଖରେ ଜିଲ୍ଲାପାଳ ଅଫିସ୍ ଘେରାଉର ପ୍ରଭାବରେ ବାସିନ୍ଦାଙ୍କୁ ସ୍ଥାୟୀ ଜମିପଟା ପ୍ରଦାନ ପାଇଁ ସରକାର ରାଜସ୍ୱ ମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ କମିଟି ଗଠନ କରିବାପାଇଁ ନିଷ୍ପତ୍ତି ନେଇଛନ୍ତି । ସରକାରଙ୍କର ଏହି ନିଷ୍ପତ୍ତିକୁ ବସ୍ତିବାସିନ୍ଦାଙ୍କ ମିଳିତ ମଞ୍ଚ ତରଫରୁ ସ୍ୱାଗତ କରାଯିବା ସହ ସମସ୍ତ ପଦଯାତ୍ରାକାରୀ ଓ 'ମହାନଗର ନାଗରିକ ମଞ୍ଚ'କୁ ଅଭିନନ୍ଦନ ଜ୍ଞାପନ କରାଯାଇଛି । କଟକ ସହରର ଅନ୍ୟ ସମସ୍ତ ବସ୍ତିବାସିନ୍ଦାଙ୍କ ଅବସ୍ଥା ଅନୁଧ୍ୟାନ କରି ସ୍ଥାୟୀ ବାସସ୍ଥାନ ଜମିପଟା ପ୍ରଦାନ ପାଇଁ ସୁପାରିଶ୍ କରିବାକୁ ମଞ୍ଚ ତରଫରୁ କମିଟି ନିକଟରେ ମଧ୍ୟ ଦାବି କରାଯାଇଛି । ଏହାଛଡା କମିଟିରେ ବସ୍ତିବାସିନ୍ଦାଙ୍କ ମିଳିତ ମଞ୍ଚର କର୍ମକର୍ତ୍ତାଙ୍କୁ ସାମିଲ କରିବା, ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ଥଇଥାନ କାର୍ଯ ଶେଷ କରିବା, ଥଇଥାନ ନ କରିବା ପର୍ଯନ୍ତ ବସ୍ତିଉଚ୍ଛେଦ ବନ୍ଦ କରିବା, ଖରାଦିନ ପାଇଁ ସମସ୍ତ ବସ୍ତିରେ ପାନୀୟ ଜଳ ଯୋଗଣ, ବସ୍ତିବାସିନ୍ଦାଙ୍କୁ ଚିହ୍ନଟ କରି ପରିଚୟ ପତ୍ର ପ୍ରଦାନ କରିବା, ସରକାରୀ ନୀତି ଅନୁଯାୟୀ ପ୍ରତ୍ୟେକ ବସ୍ତିବାସିନ୍ଦାଙ୍କୁ ଚାରି ଡେସିମିଲ୍ ହିସାବରେ ଜାଗା ଯୋଗାଇଦେବା ପାଇଁ ସଂଗଠନ ପକ୍ଷରୁ ଦୃଢ ଦାବି କରାଯାଇଛି ।

ରେଳବାଇର ବସ୍ତି ଉଚ୍ଛେଦ ନୋଟିସ୍ ପ୍ରତ୍ୟାହାର ଦାବିରେ ବିକ୍ଷୋଭ

ରେଳବାଇ କର୍ତ୍ତୃପକ୍ଷଙ୍କ ଦ୍ୱାରା କଟକ ମଣିମଠ ବସ୍ତି, ମାଲଗୋଦାମ ଡକ୍ ବସ୍ତି, ଜଗତପୁର ପ୍ରଧାନ ସାହି, ଷ୍ଟେସନ ବଜାର ଗୋର୍ଖା ଲେନ ତଥା ଅନ୍ୟାନ୍ୟ ବସ୍ତି ଉଚ୍ଛେଦ ପାଇଁ ଜାରି କରାଯାଇଥିବା ନୋଟିସ୍ ତୁରନ୍ତ ପ୍ରତ୍ୟାହାର କରିବା, ପୂର୍ବରୁ ରେଲୱେ ଷ୍ଟେସନ ବଜାର କୁଲି ବସ୍ତିର ଉଚ୍ଛେଦ ହୋଇଥିବା ବସ୍ତିବାସିନ୍ଦାଙ୍କୁ ଥଇଥାନ କରିବା ଦାବିରେ ''ବସ୍ତି ବାସିନ୍ଦାଙ୍କ ମିଳିତ ମଞ୍ଚ'' ତରଫରୁ ପୂର୍ବତଟ ରେଳବାଇର କଟକ ଜୋନ ଇନସପେକ୍ଟର ଅଫ୍ ୱାର୍କସ ଏବଂ ପୂର୍ବତଟ ରେଳବାଇର ଖୋର୍ଦ୍ଧା ଡ଼ିଭିଜିନାଲ ରେଲୱେ ମ୍ୟାନେଜରଙ୍କ ଅଫିସ୍ ସମ୍ମୁଖରେ ଏପ୍ରିଲ ୧୬ ତାରିଖ ଦିନ ବିକ୍ଷୋଭ ପ୍ରଦର୍ଶନ କରାଯାଇ ସ୍ମାରକପତ୍ର ପ୍ରଦାନ କରାଯାଇଛି । ଏହି ବିକ୍ଷୋଭରେ 'ବସ୍ତିବାସିନ୍ଦାଙ୍କ ମିଳିତ ମଞ୍ଚର' ଯୁଗ୍ମ ଆବାହକ ଶେଖ୍ ଅବଦୁଲ୍ଲା, ଖଗେଶ୍ୱର ସେଠୀ, ବସ୍ତିନେତା ଦୀପକ ଦାସ, ପାଭେଲ ପ୍ରିୟଦର୍ଶନ, ସୁରେଶ ଟହଲି, ରେଣୁବାଳା ଦାସ, ରୁକସାର ବେଗମ, ଧୋବଣି ଜାଲି, ସୁମିତ୍ରା ବେହେରା, କାହ୍ନୁଚରଣ ଦାସ, ଅନାମ ପ୍ରଧାନ, ଉମେଶ ମହାପାତ୍ର, ଅଜି ଜାଲି, ମମତା ବେହେରା, ଶୁକରିଆ ବେହେରା, ସୁମିତ୍ରା ବେହେରା, ମୁଦୀ ବେହେରା, ଦୟନ୍ତୀ ଜାଲି, ପ୍ରମୁଖ ନେତୃତ୍ୱ ନେଇଥିଲେ । ରେଳ କର୍ତ୍ତୃପକ୍ଷ ଦାବି ପୂରଣ ନ କଲେ ଆଗାମୀ ଦିନରେ ଆନ୍ଦୋଳନ କରାଯିବ ବୋଲି ମଞ୍ଚ ତରଫରୁ ମତ ପ୍ରକାଶ କରାଯାଇଛି ।

ମୌଳବାଦ ଓ ଅନ୍ଧବିଶ୍ୱାସ ବିରୁଦ୍ଧରେ ଶକ୍ତିଶାଳୀ, ଦୃଢ ଓ ଗଣତାନ୍ତ୍ରିକ ଶ୍ରମିକଶ୍ରେଣୀ ଆନ୍ଦୋଳନ ଏବଂ ତୀବ୍ର ଆଦର୍ଶଗତ ସଂଗ୍ରାମ ସମୟର ଆହ୍ୱାନ - ପ୍ରଭାସ ଘୋଷ

ସି.ପି.ଆଇ ଦଳର ୨୨ତମ ପାର୍ଟି କଂଗ୍ରେସ ପଣ୍ଡିଚେରୀଠାରେ ୨୫ ମାର୍ଚ୍ଚ ୨୦୧୫ରେ ଅନୁଷ୍ଠିତ ହୋଇଥିଲା। ଏହି କଂଗ୍ରେସର ଉଦ୍‌ଯାପନୀ ଅଧିବେଶନରେ ଏସ୍.ୟୁ.ସି.ଆଇ(କମ୍ୟୁନିଷ୍ଟ)ର ସାଧାରଣ ସମ୍ପାଦକ କମ୍ରେଡ୍ ପ୍ରଭାସ ଘୋଷ ନିମ୍ନଲିଖିତ ବକ୍ତବ୍ୟ ଉପସ୍ଥାପନ କରିଥିଲେ। ବକ୍ତବ୍ୟର ଓଡିଆ ଅନୁବାଦ ସର୍ବହରା କ୍ରାନ୍ତିରେ ପ୍ରକାଶିତ ହେଉଛି। (ଅନୁବାଦ ଜନିତ ତ୍ରୁଟି ପାଇଁ ଆମେ ଦାୟୀ। -ସମ୍ପାଦକ ସର୍ବହରା କ୍ରାନ୍ତି।)

ସମ୍ମାନୀୟ କମ୍ରେଡ୍ ଏ.ବି.ବର୍ଦ୍ଧନ, ସଭାପତିମଣ୍ଡଳୀ ଅନ୍ୟ ବାମପନ୍ଥୀ ଦଳର ନେତୃମଣ୍ଡଳୀ ଏବଂ ପ୍ରତିନିଧିବୃନ୍ଦ, ସୋସିଲିଷ୍ଟ ୟୁନିଟି ସେଣ୍ଟର ଅଫ୍ ଇଣ୍ଡିଆ(କମ୍ୟୁନିଷ୍ଟ) ପକ୍ଷରୁ ମୁଁ ଆପଣମାନଙ୍କୁ ଆନ୍ତରିକ ଅଭିନନ୍ଦନ ଜ୍ଞାପନ କରୁଛି। ସି.ପି.ଆଇ ହେଉଛି ଆମ ଦେଶର ସର୍ବ ପୁରାତନ ବାମପନ୍ଥୀ ଦଳ। ଏହା ସହିତ ଆମର ଆଦର୍ଶଗତ ପାର୍ଥକ୍ୟ ରହିଛି। ମାତ୍ର ଆମେ ଯେହେତୁ ସର୍ବଦା ଅନ୍ୟମାନଙ୍କଠାରୁ ଶିଖୁ, ସି.ପି.ଆଇର ଦୀର୍ଘ ସଂଗ୍ରାମର ଇତିହାସରୁ ମଧ୍ୟ ଆମେ ଶିକ୍ଷା ଗ୍ରହଣ କରିଛୁ।

ବର୍ତ୍ତମାନ ବିଶ୍ୱ ପୁଞ୍ଜିବାଦ-ସାମ୍ରାଜ୍ୟବାଦ ଗଭୀର ସଂକଟରେ ନିମଜ୍ଜିତ। ଏହି ଆନ୍ତର୍ଜାତିକ ପରିସ୍ଥିତି ସମ୍ବନ୍ଧରେ ଆପଣଙ୍କ ସାଧାରଣ ସମ୍ପାଦକ ରଖିଥିବା ମତ ସହିତ ମୁଁ ଏକମତ। ବହୁତ ଦିନ ପୂର୍ବରୁ ମହାନ୍ ଲେନିନ୍ ଏକଦା ଦର୍ଶାଇ ଥିଲେ ଯେ, ପୁଞ୍ଜିବାଦ ଏକଚାଟିଆ ସାମ୍ରାଜ୍ୟବାଦ ସ୍ତରରେ ପହଞ୍ଚି କ୍ଷୟିଷ୍ଣୁ ହୋଇ ସାରିଛି। ଆଜି ପୁଞ୍ଜିବାଦ ଗଭୀର ସଂକଟରେ, ମୃତ୍ୟୁ ଶଯ୍ୟାରେ। ମୃତ୍ୟୁମୁଖରେ ପଡିଥିବା ପୁଞ୍ଜିବାଦ-ସାମ୍ରାଜ୍ୟବାଦକୁ ରକ୍ଷା କରିବା ପାଇଁ କୌଣସି ଚିକିତ୍ସକ ନାହାନ୍ତି।

କିନ୍ତୁ ଦୁଃଖର ବିଷୟ ହେଉଛି ପୁଞ୍ଜିବାଦ-ସାମ୍ରାଜ୍ୟବାଦକୁ ବିଶ୍ୱ ବୁକୁରେ କବର ଦେବା ପାଇଁ ବିଶ୍ୱର ସର୍ବହରା ବିପ୍ଳବୀ ଦଳ ପ୍ରସ୍ତୁତ ନୁହେଁ। ସଂଶୋଧନବାଦୀମାନଙ୍କ ଦ୍ୱାରା ବିଶ୍ୱର ମହାନ୍ ସମାଜବାଦୀ ବ୍ୟବସ୍ଥାର ଦୁଃଖଦ ପତନ ଘଟିଛି। ବ୍ୟକ୍ତିପୂଜା ଆଳରେ ମହାନ୍ ଷ୍ଟାଲିନ୍‌କୁ ପ୍ରକାଶ୍ୟରେ ନିନ୍ଦା କରାଯାଇଥିଲା। ଏହା ଦ୍ୱାରା ବାସ୍ତବରେ ଲେନିନ୍‌ଙ୍କର ଗାରିମାକୁ ହିଁ କାଳିମାଲିପ୍ତ ଓ ପ୍ରତ୍ୟାଖ୍ୟାନ କରାଯାଇଛି। ଏହାରି ଜରିଆରେ ହିଁ ପ୍ରତିବିପ୍ଳବର ଦ୍ୱାରା ଉନ୍ମୁକ୍ତ କରାଯଇଥିଲା।

କିନ୍ତୁ ଆଶାର ଆଲୋକ ଏବେ ବି ଉଜ୍ଜୀବିତ। ସାରା ବିଶ୍ୱରେ ଆଜି ଜନସାଧାରଣଙ୍କ ଅସନ୍ତୋଷ, କ୍ଷୋଭ ବିକ୍ଷିପ୍ତଭାବରେ ବିସ୍ଫୋରଣ ହେଉଛି। ଆବଶ୍ୟକ କେବଳ ଉପଯୁକ୍ତ ନେତୃତ୍ୱର। ନିକଟ ଭବିଷ୍ୟତରେ ମାର୍କ୍ସବାଦ-ଲେନିନ୍‌ବାଦର ସଠିକ୍ ବୁଝାମଣା ଭିତ୍ତିରେ ବିପ୍ଳବୀ ଆନ୍ଦୋଳନ ସାରା ବିଶ୍ୱରେ ବିକଶିତ ହେବ। ଏହା ଆମର ଦୃଢ ବିଶ୍ୱାସ। ପୁଣି ବିଶ୍ୱ ପୁଞ୍ଜିବାଦ-ସାମ୍ରାଜ୍ୟବାଦକୁ କବର ଦେବା ପାଇଁ ଶ୍ରମିକଶ୍ରେଣୀର ନେତୃତ୍ୱର ଅଭ୍ୟୁଦୟ ମଧ୍ୟ ଘଟିବ।

ଗୋଟିଏ ଦିଗରେ ଆମ ଦେଶରେ ଏକଚାଟିଆ ପୁଞ୍ଜିପତିଶ୍ରେଣୀ ଓ ବହୁଜାତୀୟ କମ୍ପାନୀ ସେମାନଙ୍କ ନିଷ୍ଠୁର ଶୋଷଣକୁ ତୀବ୍ରତର କରିବା ତଥା ଅନ୍ୟଦିଗରେ ଦେଶ ପାଇଁ ଅତ୍ୟନ୍ତ ବିପଜ୍ଜନକ, ଫାଶିବାଦ ପ୍ରତିଷ୍ଠାର ପ୍ରକ୍ରିୟାକୁ ତ୍ୱରାନ୍ୱିତ କରି ଦେଶକୁ ଅତ୍ୟନ୍ତ ଭୟଙ୍କର ଅବସ୍ଥାକୁ ଠେଲି ଦେବା ପାଇଁ ଶାସକ ବୁର୍ଜୁଆଶ୍ରେଣୀ ବି.ଜେ.ପିକୁ କ୍ଷମତାରେ ଅବସ୍ଥାପିତ କରିଛି।

ଆମ ଦେଶରେ ଏକଚାଟିଆ ପୁଞ୍ଜି ଠୁଳିଭୂତ ହୋଇସାରିଛି। ରାଷ୍ଟ୍ର ଶକ୍ତି କେନ୍ଦ୍ରୀଭୂତ ହୋଇ ସାରିଛି ଏବଂ ପ୍ରଶାସନିକ ଫାସିବାଦ ମଧ୍ୟ ଇତିମଧ୍ୟରେ ପ୍ରତିଷ୍ଠିତ ହୋଇଛି। ଆମର ଆଦର୍ଶ ଓ ସଂସ୍କୃତି ଇତ୍ୟାଦି କ୍ଷେତ୍ରକୁ କ୍ଷୟିଷ୍ଣୁ ପୁରୁଣାକାଳିଆ ଧାର୍ମିକ ଚିନ୍ତାଭାବନା, ଅନ୍ଧବିଶ୍ୱାସ ଓ ମଧ୍ୟଯୁଗୀୟ ଚିନ୍ତାଭାବନା ଦ୍ୱାରା ଉତ୍ତେଜିତ ଓ ଉତ୍ସାହିତ କରି ମାରାତ୍ମକ ଆକ୍ରମଣ ସୃଷ୍ଟି କରାଯାଉଛି। ଏପରିକି ଆଧୁନିକ ଯୁଗରେ ଯାହା ସବୁ ବୈଜ୍ଞାନିକ ଆବିଷ୍କାର ହୋଇଛି ସେସବୁ ପ୍ରାଚୀନ ଭାରତରେ ଥିବାର ଅସଂଗତ ଦାବି ମଧ୍ୟ କରାଯାଉଛି। କେବଳମାତ୍ର ଉଗ୍ର ହିନ୍ଦୁ ଜାତୀୟତାବାଦ ଏବଂ ପ୍ରାଚୀନ ପାରମ୍ପରିକ ଚିନ୍ତାଭାବନାକୁ ଉସ୍‌କେଇବା ପାଇଁ ଏସବୁ କରାଯାଉଛି।

ସାରା ବିଶ୍ୱ ଯେତେବେଳେ ପ୍ରକାଶ୍ୟରେ ହିଟଲରକୁ ନିନ୍ଦା କରୁଥିଲା ସେହି ସମୟରେ ଆମ ଦେଶରେ ଏକମାତ୍ର ଗୋଲଓ୍ୱାଲକର ହିଟଲରର ପ୍ରଶଂସାରେ ଶତମୁଖ ଥିଲେ। କାରଣ ହିଟଲର ଜର୍ମାନ ଜାତିର ପବିତ୍ରତା ପାଇଁ ଜିଉମାନଙ୍କୁ ଜର୍ମାନ ମାଟିରେ ହତ୍ୟା କରିଥିଲା। ସେହିପରି ଭାରତରେ କେବଳ ହିନ୍ଦୁ ଜାତୀୟତା ପ୍ରତିଷ୍ଠା କରିବା ଏବଂ ତା'ର ପବିତ୍ରତାକୁ ରକ୍ଷା କରିବା ପାଇଁ ହିଟଲରଙ୍କ ରାସ୍ତା ଉପାଦେୟ ବୋଲି ସେ କହିଥିଲେ। ସେଥିପାଇଁ ଗୋଲଓ୍ୱାଲକର ଉତ୍ସାହୀ ହୋଇ ହିଟଲରକୁ ଅଭିବାଦନ ଜଣାଇଥିଲେ।

ବି.ଜେ.ପି ହେଉଛି ଆର୍.ଏସ୍.ଏସ୍‌ର ଶାଖା ସଂଗଠନ। ଭାରତୀୟ ସ୍ୱାଧୀନତା ଆନ୍ଦୋଳନରେ ଆର୍.ଏସ୍.ଏସ୍ କେବେ ବି ଅଂଶଗ୍ରହଣ କରି ନଥିଲା। ବରଂ ଆର୍.ଏସ୍.ଏସ୍ ନେତୃତ୍ୱ ଏହି ସ୍ୱାଧୀନତା ଆନ୍ଦୋଳନକୁ ସମାଲୋଚନା କରିଥିଲା। କାରଣ ଏହି ସ୍ୱାଧୀନତା ସଂଗ୍ରାମ ହିନ୍ଦୁ ଜାତୀୟତାକୁ ଭିତ୍ତି ନକରି ଆଞ୍ଚଳିକ ଜାତୀୟତାକୁ ଭିତ୍ତି କରି ସାଧାରଣ ଶତ୍ରୁ ବିଟ୍ରିଶ ସାମ୍ରାଜ୍ୟବାଦ ବିରୁଦ୍ଧରେ ଗଢି ଉଠିଥିଲା। ଭାରତୀୟ ନବଜାଗରଣ ଦ୍ୱାରା ଉଦ୍ଧ୍ୱୋତ୍ତୋଳିତ ହୋଇଥିବା ସମସ୍ତ ଧର୍ମନିରପେକ୍ଷ, ଗଣତାନ୍ତ୍ରିକ ମୂଲ୍ୟବୋଧକୁ ଆର୍.ଏସ୍.ଏସ୍ ଧ୍ୱଂସ କରୁଛି। ତେଣୁ ଆଧ୍ୟାତ୍ମବାଦ ଓ ଅନ୍ଧବିଶ୍ୱାସକୁ ସଂସ୍କୃତି କ୍ଷେତ୍ରରେ ଉତ୍ସାହିତ କରାଯାଉଥିବା ଆମେ ଦେଖିବାକୁ ପାଉଛୁ। ଆହୁରି ମଧ୍ୟ ବିଜ୍ଞାନର ମୌଳିକ ଦିଗକୁ ବାଦଦେଇ କେବଳ କାରିଗରୀ ଦିଗକୁ ପ୍ରୋତ୍ସାହିତ କରାଯାଉଛି। ସମ୍ପୂର୍ଣ୍ଣଭାବରେ ଏହା ଏକ ଫାସିବାଦୀ ଆକ୍ରମଣ। ଏହି ଆକ୍ରମଣକୁ ପ୍ରତିହତ କରିବା ପାଇଁ ଶକ୍ତିଶାଳୀ ଆଦର୍ଶଗତ ସଂଗ୍ରାମ ପ୍ରୟୋଜନ।

ବାମଗଣତାନ୍ତ୍ରିକ ଐକ୍ୟବଦ୍ଧ ଆନ୍ଦୋଳନ ହେଉଛି ସମୟର ଆହ୍ୱାନ। କିନ୍ତୁ କେଉଁମାନେ ବାମପନ୍ଥୀ? ମାର୍କ୍ସବାଦର ବୁଝାମଣା ଏବଂ ଏହାର ପ୍ରୟୋଗରେ ମୌଳିକ ପାର୍ଥକ୍ୟ ଥାଇପାରେ କିନ୍ତୁ ଯେଉଁମାନେ ନିଜକୁ ମାର୍କ୍ସବାଦୀ ବୋଲି ପରିଚୟ ଦିଅନ୍ତି, ନିଶ୍ଚିତଭାବେ ସେମାନେ ହିଁ ମାର୍କ୍ସବାଦୀ ବୋଲି ବିବେଚିତ ହେବେ। ସେମାନଙ୍କ ମଧ୍ୟରେ ଆଦର୍ଶଗତ ମତପାର୍ଥକ୍ୟ ଓ ଆଦର୍ଶଗତ ସଂଗ୍ରାମ ରହି ପାରେ। କିନ୍ତୁ ଏହାଦ୍ୱାରା ଐକ୍ୟ ଦୁର୍ବଳ ହୁଏ ନାହିଁ ବରଂ ଶକ୍ତିଶାଳୀ ହୁଏ, ନିଜ ମଧ୍ୟରେ ଉତ୍ତମ ବୁଝାମଣା ପାଇଁ ଆଦର୍ଶଗତ ସଂଗ୍ରାମ ଆବଶ୍ୟକ।

କେଉଁମାନେ ଗଣତାନ୍ତ୍ରିକ ଓ ଧର୍ମନିରପେକ୍ଷ ଦଳ ଏ ସମ୍ପର୍କରେ ବ୍ୟାପକ ବିଭ୍ରାନ୍ତି ରହିଛି। ବି.ଜେ.ପିକୁ ବିରୋଧ କରୁଥିବା ଯେକୌଣସି ଦଳକୁ ଆମେ ଧର୍ମନିରପେକ୍ଷ ବୋଲି କହି ପାରିବା ନାହିଁ। ନିର୍ବାଚନରେ ବିଜୟ ହାସଲ କରିବା ପାଇଁ କଂଗ୍ରେସ ବି.ଜେ.ପିକୁ ବିରୋଧ କରୁଛି। ତାହେଲେ କଣ ଆମେ କଂଗ୍ରେସକୁ ଧର୍ମନିରପେକ୍ଷ ଦଳ କହି ପାରିବା? ଆହୁରି ବହୁ ପ୍ରକାର ଆଞ୍ଚଳିକ ଦଳ, ଜାତିବାଦୀ ଦଳ, ସ୍ଥାନୀୟ ଦଳ ଅଛି ଯେଉଁମାନଙ୍କୁ ଆମେ ଧର୍ମନିରପେକ୍ଷ ଦଳ କହି ପାରିବା ନାହିଁ।

ଧର୍ମନିରପେକ୍ଷତାର ଐତିହାସିକ ଅର୍ଥ ରହିଛି। ୟୁରୋପୀୟ ନବଜାଗରଣ ଓ ବୁର୍ଜୁଆ ଗଣତାନ୍ତ୍ରିକ ବିପ୍ଳବ ସମୟରୁ ଏହି ଧର୍ମନିରପେକ୍ଷତା ସମ୍ପର୍କିତ ଧାରଣାର ଅଭ୍ୟୁଦୟ ଘଟିଛି। 'କୌଣସି ଅତିପ୍ରାକୃତିକ ସତ୍ତାକୁ ସ୍ୱୀକୃତି ନଦେବା ହେଉଛି ଧର୍ମନିରପେକ୍ଷ' ତାର ଦାର୍ଶନିକ ବାଖ୍ୟା। କେବଳ ପ୍ରକୃତି ଓ ବାସ୍ତବଜଗତକୁ ବାସ୍ତବ ବୋଲି ସ୍ୱୀକୃତି ଦେବା ଧର୍ମନିରପେକ୍ଷତାର ଅର୍ଥ।

ଧର୍ମନିରପେକ୍ଷତାର ରାଜନୈତିକ ବ୍ୟାଖ୍ୟା ହେଉଛି- ଧର୍ମ ସହିତ ରାଜନୀତି, ଶିକ୍ଷା ଓ ସାମାଜିକ ଘଟଣା ବା ବିଷୟର କୌଣସି ସମ୍ପର୍କ ରହିବ ନାହିଁ। ଧର୍ମନିରପେକ୍ଷତା କେବଳମାତ୍ର ଆମ ସମ୍ବିଧାନରେ ଲିଖିତ ରହିଛି। ମାତ୍ର ବାସ୍ତବ କ୍ଷେତ୍ରରେ ତାର କୌଣସି ପ୍ରୟୋଗ ହେଉ ନାହିଁ। ସବୁ ଧର୍ମକୁ ସମାନ ପ୍ରୋତ୍ସାହନର ଅର୍ଥ ଧର୍ମନିରପେକ୍ଷତାର ନୁହେଁ। ରାଷ୍ଟ୍ର ଓ ଏହାର ସମସ୍ତ କାର୍ଯ୍ୟକଳାପ ଧର୍ମୀୟ ଦୃଷ୍ଟିଭଙ୍ଗୀ ପ୍ରଭାବରୁ ମୁକ୍ତ ରହିବା କଥା।

ଗଣତାନ୍ତ୍ରିକ ଦଳ କେଉଁମାନେ? ଯେଉଁ ଦଳମାନେ କେବଳ କଥାରେ ନୁହେଁ କାମରେ ଜାତିବାଦ, ଆଞ୍ଚଳିକତାବାଦ, ସାମ୍ପ୍ରଦାୟିକତାବାଦ ଓ ସାମ୍ରାଜ୍ୟବାଦ ବିରୁଦ୍ଧରେ ଧାରାବାହିକ ଭାବରେ ଲଢେଇ କରୁଛନ୍ତି ଏବଂ ବାସ୍ତବ କ୍ଷେତ୍ରରେ ଧର୍ମନିରପେକ୍ଷ ଦୃଷ୍ଟିଭଙ୍ଗୀ ପୋଷଣ କରୁଛନ୍ତି ଓ ବାମପନ୍ଥୀ ରାଜନୀତିକୁ ସମର୍ଥନ ଦେଉଛନ୍ତି ତଥା ଜନଗଣଙ୍କ ଗଣତାନ୍ତ୍ରିକ ଅଧିକାରକୁ ଉର୍ଦ୍ଧ୍ୱୋତ୍ତୋଳିତ କରୁଛନ୍ତି, ସେମାନଙ୍କୁ ଗଣତାନ୍ତ୍ରିକ ଦଳ କୁହାଯାଏ। ଏହିଭଳି ଦଳ କ୍ଷମତାରେ ଥିଲେ କେବେହେଲେ ବି ଗଣତାନ୍ତ୍ରିକ ଆନ୍ଦୋଳନ, କୃଷକ ଓ ଶ୍ରମିକମାନଙ୍କ ସଂଘର୍ଷକୁ ଦମନ କରେ ନାହିଁ।

ତେଣୁ ଉପରୋକ୍ତ ବିଷୟରେ ଆମେ ଖୋଲା ମନରେ ମୁଣ୍ଡ ଖଟେଇ ବିଷଦଭାବରେ ଚିନ୍ତାଭାବନା କରିବା ଉଚିତ। ଏହି କ୍ଷେତ୍ରରେ ନିର୍ବାଚନୀ ଫାଇଦା ହାସଲ ପାଇଁ ରାଜନୈତିକ ଦଳଗୁଡ଼ିକ ମଧ୍ୟରେ କୌଣସି ବିଶୃଙ୍ଖଳିତ ମେଣ୍ଟ ହେବା ଉଚିତ ନୁହେଁ। ଧର୍ମନିରପେକ୍ଷ, ଗଣତାନ୍ତ୍ରିକ ଓ ବାମପନ୍ଥୀ ସମ୍ପର୍କରେ ସ୍ୱଷ୍ଟ ବ୍ୟାଖ୍ୟା ରହିବା ଉଚିତ।

ପ୍ରଥମତଃ ଧର୍ମୀୟ ମୌଳବାଦୀ ଦୃଷ୍ଟିଭଙ୍ଗୀ ଓ ମଧ୍ୟଯୁଗୀୟ ଚିନ୍ତାଭାବନା ବିରୁଦ୍ଧରେ ସାଲିସବିହୀନ ଏବଂ ଦୃଢ ଆଦର୍ଶଗତ ସଂଗ୍ରାମ ହେଉଛି ସମୟର ଆହ୍ୱାନ। ଏହିଭଳି ମାରାତ୍ମକ ଧାରଣାର ପ୍ରଭାବରୁ ଜନସାଧାରଣଙ୍କୁ ମୁକ୍ତ ରଖିବା ନିତ୍ୟାନ୍ତ ଆବଶ୍ୟକ।

ଦ୍ୱିତୀୟତଃ ସ୍ୱାଧୀନୋତ୍ତୋର ଭାରତରେ ଯେପରି ଏକଦା ଗଣତାନ୍ତ୍ରିକ ଆନ୍ଦୋଳନ ଗଢି ଉଠିଥିଲା, ସେହିଭଳି ଶକ୍ତିଶାଳୀ ଗଣତାନ୍ତ୍ରିକ ଓ ଶ୍ରମଜୀବୀ ଜନଗଣଙ୍କ ଆନ୍ଦୋଳନଗୁଡ଼ିକୁ ବିକଶିତ କରିବାକୁ ହେବ। ସେହି ସମୟ ଥିଲା ଆମ ଦେଶର ଗଣତାନ୍ତ୍ରିକ ବାମପନ୍ଥୀ ଆନ୍ଦୋଳନର ଗୌରବୋଜ୍ଜ୍ୱଳ ସମୟ। ଗୁଳି, ବନ୍ଧୁକ, ଲାଠି ଖାଇ କେବଳ ଏହାଦ୍ୱାରା ହିଁ ଜନସାଧାରଣଙ୍କ ମଧ୍ୟରେ ବାମପନ୍ଥୀ ତାର ଗୌରବ ତଥା ଖ୍ୟାତି ଫେରି ପାଇ ପାରିବେ।

ମୁଁ ଆପଣମାନଙ୍କ ସମ୍ମୁଖରେ ଯାହା ଉପସ୍ଥାପନ କଲି ଏହା ହିଁ ଆମ ପାର୍ଟିର ବକ୍ତବ୍ୟ। ଏହା ଉପରେ ଗୁରୁତ୍ୱ ସହକାରେ ଆପଣାମାନେ ବିଚାର ବିମର୍ଶ କରିବେ। ମୁଁ ଆଉ ଅଧିକ ସମୟ ନେବା ଉଚିତ୍ ନୁହେଁ।

ସମସ୍ତଙ୍କୁ ଲାଲ୍ ସଲାମ୍, ଆପଣଙ୍କ ପାର୍ଟି କଂଗ୍ରେସ ସଫଳ ହେଉ। ଏହି ଆଶା ଭରସା ରଖି ମୁଁ ମୋର ବକ୍ତବ୍ୟ ଶେଷ କରୁଛି।

ମାର୍କ୍ସବାଦ-ଲେନିନ୍‌ବାଦ-ଜିନ୍ଦାବାଦ।
ସର୍ବହରା ଆନ୍ତର୍ଜାତିକବାଦ- ଜିନ୍ଦାବାଦ।

ଐତିହାସିକ ମଇ ଦିବସର ଆହ୍ୱାନ...

ଶ୍ରମିକଶ୍ରେଣୀର ଏହି ମହାନ୍ ସଂଗ୍ରାମର ଐତିହ୍ୟକୁ ଚପାଇ ଦେବା ବିଶ୍ୱର କୌଣସି ଦେଶର ପୁଞ୍ଜିପତିଶ୍ରେଣୀ ପକ୍ଷରେ ସମ୍ଭବ ହୋଇ ନାହିଁ। ମେ ଦିବସର ଲଢେଇରେ ଶ୍ରମିକ ରକ୍ତରେ ରଞ୍ଜିତ ଲାଲ ପତାକା ଉଡୁଛି ଦେଶେ ଦେଶେ। ଶ୍ରମିକଶ୍ରେଣୀ ଏହି ଲଢେଇର ପ୍ରେରଣା ନେଇ ଗଢ଼ିଛି ସୋଭିଏତ୍ ୟୁନିୟନ୍‌ରେ, ପୂର୍ବ ୟୁରୋପର ବିଭିନ୍ନ ଦେଶରେ, ଚୀନରେ, ଭିଏତ୍‌ନାମ, କ୍ୟୁବା, ଉତ୍ତର କୋରିଆ ପ୍ରଭୃତି ବିଭିନ୍ନ ଦେଶରେ ଶ୍ରମିକଶ୍ରେଣୀର ରାଜ, ସମାଜତାନ୍ତ୍ରିକ ସମାଜ ବ୍ୟବସ୍ଥା।

ଘଟଣା ଚକ୍ରରେ ଆଜି ସମାଜତାନ୍ତ୍ରିକ ବ୍ୟବସ୍ଥାରେ ବିପର୍ଯ୍ୟୟ ଦେଖା ଦେଇଛି। ପୁଞ୍ଜିବାଦୀ-ସାମ୍ରାଜ୍ୟବାଦୀମାନେ ଆନନ୍ଦରେ ଆତ୍ମହରା ହୋଇ ଏକମେରୁ ବିଶିଷ୍ଟ ଦୁନିଆ ଗଢିବା ପାଇଁ ଜଗତୀକରଣ, ଉଦାରୀକରଣ ଓ ଘରୋଇକରଣର ଧାରା ଆରମ୍ଭ କରି ଭାବିଛନ୍ତି ସେମାନଙ୍କର ଶୋଷଣ ଶାସନକୁ ଚିରସ୍ଥାୟୀ କରି ରଖିବେ। ବିଶ୍ୱ ବାଣିଜ୍ୟ ସଂସ୍ଥା ଗଠନ କରିଛନ୍ତି। ନାନାଭାବରେ ବିଭିନ୍ନ ଦେଶକୁ କବ୍‌ଜା କରିବା ଓ ନିଜର ଆଧିପତ୍ୟ ବିସ୍ତାର କରିବା ଓ ବଜାର ଦଖଲ ପାଇଁ ନିଜ ଭିତରେ ପ୍ରବଳ ପ୍ରତିଦ୍ୱନ୍ଦ୍ୱିତାରେ ଲିପ୍ତ ହୋଇଛନ୍ତି ଏହି ପୁଞ୍ଜିବାଦୀ-ସାମ୍ରାଜ୍ୟବାଦୀମାନେ। ଗୋଟିଏ ସଂକଟରୁ ମୁକ୍ତ ହେଲେ ସେମାନଙ୍କୁ ମାଡି ବସୁଛି ଆହୁରି ଗୋଟିଏ ଭୟଙ୍କର ସଂକଟ। ପୁଞ୍ଜିବାଦୀ-ସାମ୍ରାଜ୍ୟବାଦୀ ବଜାରର ଆଉ ସ୍ଥାୟିତ୍ୱ ବୋଲି କିଛି ନାହିଁ। କୌଣସି ମତେ ବଞ୍ଚିବା ପାଇଁ ଭେଣ୍ଟିଲେଟରର ଆଶ୍ରୟ ନେଉଛି। ଶ୍ରମିକମାନଙ୍କୁ ସ୍ଥାୟୀ କାମ ଦେବା ଦୂରେ ଥାଉ ଅସ୍ଥାୟୀ, ଠିକାଦାରୀ କାମ ବି ଦେଇ ପାରୁ ନାହିଁ। ବଜାର ଅଭାବରୁ ଅସଂଖ୍ୟ କଳକାରଖାନା ବନ୍ଦ ହୋଇଯାଉଛି। ଲକ୍ଷ ଲକ୍ଷ ଶ୍ରମିକ ଛଟେଇ ହୋଇ ଚାଲିଛନ୍ତି। ଦେଶେ ଦେଶେ କର୍ମହୀନ ବେକାର ଶ୍ରମିକ ଛାଇ ହୋଇଯାଉଛନ୍ତି। ଦାଦନ ଶ୍ରମିକର ସଂଖ୍ୟା ବର୍ଣ୍ଣନାତୀତଭାବେ ବଢିବାରେ ଲାଗିଛି। ମଜୁରୀ ବୃଦ୍ଧି ପରିବର୍ତ୍ତେ ମଜୁରୀ ଉପରେ ଅଙ୍କୁଶ ଜାରୀ ହେଉଛି। ଆଧୁନିକୀକରଣ, ଅଟୋମେସନ୍ ବା କମ୍ପ୍ୟୁଟାରାଇଜେସନ୍ ଫଳରେ ଶ୍ରମିକ ନିଯୁକ୍ତିର ଦ୍ୱାର ସମ୍ପୂର୍ଣ୍ଣ ରୁଦ୍ଧହୋଇ ଯାଉଛି। ସମଗ୍ର ବିଶ୍ୱର ଶ୍ରମିକଶ୍ରେଣୀ ସାମ୍ନାରେ ଆଜି ଏହି ଭୟଙ୍କର ସମସ୍ୟା। ତେଣୁ ଖୋଦ ଆମେରିକାରେ ଶ୍ରମିକ ଲଢୁଛି ପ୍ରବଳ ସଂଗ୍ରାମୀ ତେଜ ନେଇ ଅପାରେସନ୍ ୱାଲ୍‌ଷ୍ଟ୍ରୀଟ୍ ଭଳି ଲଢେଇ। ଫ୍ରାନ୍ସ, ଜର୍ମାନୀ, ଇଂଲଣ୍ଡରେ ପୃଥିବୀର ସମସ୍ତ ଦେଶରେ ପୁଣି ଥରେ ଶ୍ରମିକର ଲଢେଇ ମୁଣ୍ଡ ଟେକୁଛି।

ଆମ ଦେଶରେ ବି ଶ୍ରମିକଶ୍ରେଣୀ ସଂଗଠିତ ହେଉଛି। ଲଢେଇର ମଇଦାନରେ। କଂଗ୍ରେସ ସରକାର ଶ୍ରମିକଶ୍ରେଣୀର ସ୍ୱାର୍ଥକୁ ଯେଉଁଭଳିଭାବେ ପଦ ଦଳିତ କରି ଚାଲିଥିଲା, ତାଠାରୁ ଆହୁରି ଭୟଙ୍କର ଆକ୍ରମଣ ଆସିଛି 'ଆଚ୍ଛେଦିନ' ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବି.ଜେ.ପି ସରକାର ନିକଟରୁ। ମୋଦି ସରକାରଙ୍କ ଛତ୍ରଛାୟା ତଳେ ଓ ତାଙ୍କ ନୂଆ ଆଇନ୍ ବଳରେ ୧୦୦ ରୁ ଉର୍ଦ୍ଧ୍ୱ ଶ୍ରମିକ କାମକରୁଥିବା କାରାଖାନାକୁ ମାଲିକ ବିନାଅନୁମତିରେ ଅନାୟାସରେ ବନ୍ଦ କରିଦେଇ ଶ୍ରମିକମାନଙ୍କୁ ଛଟେଇ କରିଦେଇ ପାରିବ। ପୁଣି ଆଇନ୍ କରିଛନ୍ତି ଯେ ଶ୍ରମିକ ୟୁନିୟନ୍‌କୁ କୌଣସି କାରାଖାନାରେ ସ୍ୱୀକୃତି ପାଇବାକୁ ଆଉ ୧୦ ଭାଗ ନୁହେଁ ୩୦ ଭାଗ ଶ୍ରମିକଙ୍କ ସମର୍ଥନ ରହିଥିବାର ପ୍ରମାଣ ଦେବାକୁ ହେବ। ଏ ଦେଶରେ ବହୁ ଦିନରୁ ଠିକା ଶ୍ରମିକ (ନିୟନ୍ତ୍ରଣ ଓ ବିଲୋପ) ଆଇନ୍ କରି ଠିକା ଶ୍ରମିକଙ୍କ ସ୍ୱାର୍ଥ ରକ୍ଷାର ଯାହା କି ସୁଯୋଗ ଥିଲା ଏବେ ବି.ଜେ.ପି ସରକାର ଠିକା ଶ୍ରମିକଙ୍କୁ ପଦଦଳିତ କରି ଠିକାଦାର ବା କଣ୍ଟାକ୍ଟରମାନଙ୍କ ପାଇଁ ପଦକ୍ଷେପ ଗ୍ରହଣ କରି ଚାଲିଛନ୍ତି। ଏ ଦିଗରେ ରାଜସ୍ଥାନର ବି.ଜେ.ପି ପରିଚାଳିତ ସରକାର ଆଇନ୍ କରିଛି ୪୯ ଜଣ ଶ୍ରମିକଙ୍କୁ ନିଯୁକ୍ତି ଦେଇଥିବା କଣ୍ଟ୍ରାକ୍ଟର ଏହି ଆଇନ୍ ଅନ୍ତର୍ଭୁକ୍ତ ହେବ ନାହିଁ ଅର୍ଥାତ୍ ଯେତେବେଳେ ଯାହାକୁ ଚାହିଁବ ତାକୁ କାମରେ ରଖିବ, ଯାହାକୁ ଚାହିଁବ ବାହାର କରିଦେବ। ଦରମା ଦେଇ ପାରେ, ନଦେଇ ପାରେ, ସେଥିପାଇଁ କୌଣସି ଆଇନ୍‌ଗତ ସୁରକ୍ଷା ଶ୍ରମିକ ପାଇବ ନାହିଁ। ଇତିମଧ୍ୟରେ ରାଜସ୍ଥାନ ବି.ଜେ.ପି ସରକାର କାରଖାନା(ସଂଶୋଧନ) ବିଲ ୨୦୧୪ ଆଗତ କରି ଏହାର ୨୬ ଧାରାକୁ ସଂଶୋଧନ କରିଛନ୍ତି। ଏହି ଆଇନ୍ ଅନୁଯାୟୀ ଜଣେ ଶ୍ରମିକ ଖାଇବା ସମୟକୁ ମିଶାଇ ଦୈନିକ ୧୦ ଘଣ୍ଟା ୩୦ ମିନିଟ୍ କାମ କରିବାକୁ ପଡିବ। ପୁଣି ଇନ୍ସପେକ୍ଟରଙ୍କ ଅନୁମତି ନେଇ ଜଣେ ଶ୍ରମିକଙ୍କୁ ୧୨ ଘଣ୍ଟା ଯାଏଁ ବି ଖଟାଇ ପରିବେ। ସବୁଠାରୁ ମାରାତ୍ମକ ଶ୍ରମିକ ବିରୋଧି ପଦକ୍ଷେପ ଯାହା ବି.ଜେ.ପି ସରକାର ଗ୍ରହଣ କରିବାକୁ ଯାଉଛି ତାହା ଶ୍ରମିକମାନଙ୍କ ମଧ୍ୟରେ କୁଶଳୀ, ଅର୍ଦ୍ଧକୁଶଳୀ, ଅଣକୁଶଳୀ ପ୍ରଭେଦକୁ ହଟାଇ ଦେଇ ସମସ୍ତଙ୍କ ପାଇଁ ଏକ ସର୍ବନିମ୍ନ ମଜୁରୀ ନୀତି ପ୍ରଣୟନ।

ତେଣୁ ଆଜି ଏହା ସ୍ୱଷ୍ଟ ଯେ ବର୍ତ୍ତମାନର ଜଗତୀକରଣ ଯୁଗରେ ଘରୋଇ ପୁଞ୍ଜିପତିଙ୍କ ସ୍ୱାର୍ଥରକ୍ଷାକାରୀ ସରକାରମାନେ ଶ୍ରମିକମାନଙ୍କର ନ୍ୟାଯ୍ୟ ଅଧିକାର ପୂରଣ ତ ଦୂରର କଥା ଆଗାମୀ ଦିନରେ ଶ୍ରମିକକୁ କେବଳ ଅର୍ଥନୈତିକଭାବେ ନୁହେଁ, ଯେଉଁ ଗଣତାନ୍ତ୍ରିକ ଅଧିକାରଗୁଡ଼ିକ ଶ୍ରମିକଶ୍ରେଣୀ ବହୁ ରକ୍ତକ୍ଷୟୀ ସଂଗ୍ରାମ ଅର୍ଜନ କରିଥିଲା ସେ ସମସ୍ତ କିଛିକୁ ଛଡାଇ ନେବାକୁ ଯଅଉଛି। ପୁଞ୍ଜିବାଦୀ କର୍ପୋରେଟ୍ ଦୁନିଆରେ ଧୋବଧାଉଳିଆ ପୋଷାକ ଦେଇ ଟାଇ ପିନ୍ଧାଇ ବେକାର ଯୁବକମାନଙ୍କୁ ବେଠି ଖଟାଯାଉଛି ୧୪ ଘଣ୍ଟା, ୧୬ ଘଣ୍ଟା ଯାଏଁ। କେହି କିଛି କହି ପାରିବେ ନାହିଁ। ସବୁ ନିର୍ଯ୍ୟାତନା ସହି ଅମଣିଷ ଭଳି ଖଟିବେ। ନଚେତ୍ ମୁହୂର୍ତ୍ତକରେ ବିଦା ହେବେ। କୋଟି କୋଟି ବେକାର ବାହିନୀ ପୁଣି ରହିଛନ୍ତି ସର୍ବତ୍ର। ଯେଉଁମାନେ ଥିଲାବାଲା ଅର୍ଥାତ୍ ମାଲିକ ସେମାନେ ନଥିଲାବାଲା ଅର୍ଥାତ୍ ସର୍ବହରାଶ୍ରେଣୀ ଉପରେ ଶୋଷଣର ପ୍ରଚଣ୍ଡ ଆକ୍ରମଣ କରି ଏବେ ହୁଏତ ଚାଲୁଛି ଆଉ ସମାଜତାନ୍ତ୍ରିକ ବ୍ୟବସ୍ଥା ନାହିଁ ତେଣୁ କିଏ ଆଉ ରକ୍ଷା କରିବ ଶ୍ରମିକଶ୍ରେଣୀକୁ। ପୁଞ୍ଜିପତିଶ୍ରେଣୀର ରାଜ, ତାର ଶୋଷଣ ଜୁଲୁମ୍ ଚିରନ୍ତନ କାଳ ଯାଏ ରହିଥିବ।

ସମାଜତନ୍ତ୍ରର ସାମୟିକ ବିପର୍ଯ୍ୟୟ ଦେଖି ସେମାନେ ହୁଏତ ଭୁଲିଯାଉଛନ୍ତି ଯେ, ଏହି ଶ୍ରମିକଶ୍ରେଣୀ ଯିଏ ଦୁନିଆକୁ ଗଢୁଛି, ପଢୁଛି କୋଠାବାଡି, ଗାଡି, ମଟର, ଗଢୁଛି କଳକାରଖାନା, ଖଣିଖାଦାନ, କ୍ଷେତ ଖମାର- ସେଇ ସ୍ରଷ୍ଟା ଏବେ ବି ହୁଏତ ସମ୍ପୂର୍ଣ୍ଣ ଏକତାବଦ୍ଧ ହୋଇ ନାହିଁ କିନ୍ତୁ ଆଉ ବେଶୀ ଡେରୀ ନାହିଁ- ମେ' ଦିବସର ଲଢେଇର ସେହି ଦିନଗୁଡିକ ଫେରି ଆସୁଛି ଦେଶେ ଦେଶେ। ଜାଗି ଉଠୁଛି ଖଟିଖିଆ, ଶ୍ରମିକ, ରକ୍ତ ପିପାସୁ ପୁଞ୍ଜିବାଦ-ସାମ୍ରାଜ୍ୟବାଦର କବର ଉପରେ ଗଢିବ ନୂତନ ଶୋଷଣହୀନ ସମାଜ-ସମାଜତାନ୍ତ୍ରିକ ବ୍ୟବସ୍ଥା। ●

ଭୋଟ୍ ସ୍ୱାର୍ଥ ପାଇଁ ନୁହେଁ, ଶକ୍ତିଶାଳୀ ଶ୍ରେଣୀ ସଂଗ୍ରାମ ଓ ଗଣଆନ୍ଦୋଳନ ଗଢ଼ିତୋଳିବା ପାଇଁ ଆମେ ବାମଐକ୍ୟ ଚାହୁଁ। ସି.ପି.ଆଇ(ଏମ୍) ପାର୍ଟି କଂଗ୍ରେସରେ କମ୍ରେଡ୍ ପ୍ରଭାସ ଘୋଷ

[ଆନ୍ଧ୍ରପ୍ରଦେଶର ବିଶାଖାପାଟଣା ଠାରେ ଏପ୍ରିଲ ମାସ ୧୪ ରୁ ୧୮ ତାରିଖ ପର୍ଯ୍ୟନ୍ତ ସି.ପି.ଆଇ(ଏମ୍) ଦଳର ୨୧ ତମ ପାର୍ଟି କଂଗ୍ରେସ ଅନୁଷ୍ଠିତ ହୋଇଥିଲା। ଏହି କଂଗ୍ରେସର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଯୋଗଦେଇ ଆମର ପ୍ରିୟ ଦଳ ଏସ୍.ୟୁ.ସି.ଆଇ(କମ୍ୟୁନିଷ୍ଟ)ର ସାଧାରଣ ସମ୍ପାଦକ କମ୍ରେଡ୍ ପ୍ରଭାସ ଘୋଷ ଇଂରାଜୀ ଭାଷାରେ ପ୍ରଦାନ କରିଥିବା ଭାଷଣର ଓଡିଆ ଅନୁବାଦ ସର୍ବହରା କ୍ରାନ୍ତିର ଚଳିତ ସଂଖ୍ୟାରେ ପ୍ରକାଶ କରାଯାଉଛି। (ଭାଷାନ୍ତର ଜନିତ ତ୍ରୁଟି ପାଇଁ ଆମେ ସମ୍ପୂର୍ଣ୍ଣ ଦାୟୀ-ସମ୍ପାଦକ ସର୍ବହରା କ୍ରାନ୍ତି)]

କମ୍ରେଡ୍ ସଭାପତି, ସି.ପି.ଆଇ(ଏମ୍) ସାଧାରଣ ସମ୍ପାଦକ କମ୍ରେଡ୍ ପ୍ରକାଶ କାରାତ, ସି.ପି.ଆଇ(ଏମ୍) ପଲିଟ୍‌ବ୍ୟୁରୋର ସଦସ୍ୟ ବୃନ୍ଦ, ଅନ୍ୟାନ୍ୟ ବାମପନ୍ଥୀ ଦଳମାନଙ୍କର ନେତୃବୃନ୍ଦ ଓ ଉପସ୍ଥିତ ପ୍ରତିନିଧି ବୃନ୍ଦ। ଆମ ଦଳ ସୋସାଲିଷ୍ଟ ୟୁନିଟି ସେଣ୍ଟର ଅଫ୍ ଇଣ୍ଡିଆ(କମ୍ୟୁନିଷ୍ଟ) ପକ୍ଷରୁ ଆପଣମାନଙ୍କୁ ଅଭିନନ୍ଦନ ଜଣାଉଛି। ଆପଣମାନଙ୍କ ଦଳର ପାର୍ଟି କଂଗ୍ରେସର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଆମ ଦଳକୁ ଆମନ୍ତ୍ରଣ କରିଥିବାରୁ ଆମର ଧନ୍ୟବାଦ ଗ୍ରହଣ କରନ୍ତୁ। କମ୍ରେଡ୍‌ମାନେ,

ଦେଶର ଗୋଟିଏ ଅଭୂତପୂର୍ବ ସଂକଟ ସମୟରେ ଆପଣଙ୍କ ଦଳର ପାର୍ଟି କଂଗ୍ରେସ ଅନୁଷ୍ଠିତ ହେଉଛି। ଦେଶର ସର୍ବବୃହତ ବାମପନ୍ଥୀ ଦଳ ହିସାବରେ ଏହି କଂଗ୍ରେସରେ ଆପଣମାନଙ୍କର ସିଦ୍ଧାନ୍ତ ଓ ପରବର୍ତ୍ତି ସମୟରେ ଏହାର କାର୍ଯ୍ୟକାରିତା ଉପରେ ଦେଶର ବାମପନ୍ଥୀ ଆନ୍ଦୋଳନର ଭବିଷ୍ୟତ ଅନେକଟା ନିର୍ଭର କରୁଛି।

ଦୀର୍ଘ ଦିନ ପୂର୍ବରୁ ମହାନ୍ ଲେନିନ୍ କହିଥିଲେ ଯେ, 'ପୁଞ୍ଜିବାଦ ଏକଦା ଗଣତନ୍ତ୍ର ଓ ବ୍ୟକ୍ତି ସ୍ୱାଧୀନତା ପ୍ରତି ଦାୟବଦ୍ଧ ଥିଲା, ମାତ୍ର ସାମ୍ରାଜ୍ୟବାଦ ସ୍ତରରେ ପହଞ୍ଚି ଏହା ଅମଲାତନ୍ତ୍ର ଓ ସମରବାଦ ଉପରେ ହିଁ ଅଧିକ ନିର୍ଭରଶୀଳ ହୋଇଛି। ମହାନ୍ ଷ୍ଟାଲିନ୍ ତାଙ୍କ ମୃତ୍ୟୁର କିଛିକାଳ ପୂର୍ବରୁ ସୋଭିଏତ୍ ୟୁନିୟନ୍ କମ୍ୟୁନିଷ୍ଟ ପାର୍ଟିର ୧୯ ତମ ସମ୍ମିଳନୀରେ କହିଥିଲେ ଯେ, ବୁର୍ଜୁଆମାନେ ସେମାନଙ୍କ ହାତରୁ ଗଣତନ୍ତ୍ରର ପତାକା ଫୋପାଡି ଦେଇଛନ୍ତି। ପାର୍ଲାମେଣ୍ଟାରୀ ଗଣତନ୍ତ୍ର ବାସ୍ତବରେ ନିର୍ଲ୍ଲଜ ଭଣ୍ଡାମୀ ଛଡା ଅନ୍ୟ କିଛି ନୁହେଁ ବୋଲି ଆମେ ବର୍ତ୍ତମାନ ଦେଖୁଛୁ। ବହୁ ପ୍ରଚାରିତ ସ୍ୱାଧୀନ ଓ ସ୍ୱଚ୍ଛ ନିର୍ବାଚନ ହେଉଛି ମସ୍ତବଡ ପ୍ରତାରଣା। ଭୋଟ୍‌ର ଫଳାଫଳ ଜନସାଧାରଣ ନିର୍ଦ୍ଧାରଣ କରନ୍ତି ନାହିଁ, କରନ୍ତି ବୁର୍ଜୁଆମାନେ। ଶାସକ ବୁର୍ଜୁଆମାନେ ହିଁ ସେମାନଙ୍କର ବିଶ୍ୱସ୍ତ ରାଜନୈତିକ ସେବାଦାସକୁ ବାଛନ୍ତି, ନିର୍ବାଚନ ଆଳରେ ତାକୁ କ୍ଷମତାରେ ଅଧିଷ୍ଠିତ କରାନ୍ତି, ପୁନର୍ବାର ବସାନ୍ତି, ପୁଣି ଆବଶ୍ୟକ ହେଲେ ଜଣକୁ ହଟାଇ ଆଉ ଜଣକୁ ବସାନ୍ତି। ବୁର୍ଜୁଆ ଗଣତନ୍ତ୍ରର ଶେଷ ଅବଶିଷ୍ଟାଂଶଟି ମଧ୍ୟ ଆଜି ଅବଲୁପ୍ତ। ବର୍ତ୍ତମାନ ବିଶ୍ୱର ପ୍ରାୟ ସମସ୍ତ ଅଗ୍ରସର ଓ ପଶ୍ଚାଦ୍‌ପଦ ଦେଶରେ ହିଁ ଅନ୍ଧକାରମୟ ଫାଶିବାଦ ନାନା ରୂପରେ ବିରାଜମାନ କରୁଛି।

ଫାଶିବାଦର ୩ଟି ବୈଶିଷ୍ଟ୍ୟ ରହିଛି- ପୁଞ୍ଜିର କେନ୍ଦ୍ରୀକରଣ ବା କ୍ରମବର୍ଦ୍ଧମାନ ଏକଚାଟିଆକରଣ, ଶାସନ ବିଭାଗ ଓ ଅମଲାତନ୍ତ୍ର ହାତରେ ଅଧିକରୁ ଅଧିକ କ୍ଷମତାର ଠୁଳିକରଣ, ଚିନ୍ତାଭାବନା ଓ ସଂସ୍କୃତି କ୍ଷେତ୍ରରେ ଆଧ୍ୟାତ୍ମିବାଦ ଓ ବିଜ୍ଞାନର ପ୍ରଯୁକ୍ତିଗତ ଦିଗଗୁଡ଼ିକର ସମ୍ମିଶ୍ରଣ ଘଟାଇ ଯାନ୍ତ୍ରିକ ଓ ଛାଞ୍ଚରେ ଢଳାଯାଇଥିବା ଚିନ୍ତାପଦ୍ଧତିର ବିସ୍ତାର। ଫାଶିବାଦର ଏହି ସମସ୍ତ ବୈଶିଷ୍ଟ୍ୟ ହିଁ ଆମ ଦେଶରେ ବିଦ୍ୟମାନ। ଶାସକ ବୁର୍ଜୁଆମାନଙ୍କର ପ୍ରୟୋଜନକୁ ଲକ୍ଷ୍ୟ କରି ହିଁ ଗତ ଲୋକସଭା ନିର୍ବାଚନରେ କଂଗ୍ରେସକୁ ହଟାଇ ବି.ଜେ.ପିକୁ କ୍ଷମତାସୀନ କରାଯାଇଛି। ଗୋଟିଏ ପଟରେ ନୃଶଂସ ବୁର୍ଜୁଆ ଆର୍ଥିକ ଶୋଷଣ ଓ ଦାନବୀୟ ରାଜନୈତିକ ନିପୀଡନ ଅବ୍ୟାହତ ରଖିବା ଓ ତାହାକୁ ଆହୁରି ତୀବ୍ର କରିବା କ୍ଷେତ୍ରରେ ସାହାଯ୍ୟ ଦେବା ପାଇଁ ଏବଂ ଅନ୍ୟଦିଗରେ ଫାଶିବାଦ ପ୍ରତିଷ୍ଠା ପ୍ରକ୍ରିୟାକୁ ଆହୁରି ଅଧିକ ତ୍ୱରାନ୍ୱିତ କରିବା ପାଇଁ ବି.ଜେ.ପି ଦାୟବଦ୍ଧ।

ଆପଣମାନେ ସମ୍ଭବତଃ ଜାଣନ୍ତି ଯେ, ପୃଥିବୀରେ ଯେଉଁ ସମୟରେ ରୋମାଁ ରୋଲାଁ, ଆଇନ୍‌ଷ୍ଟାଇନ୍, ବାନାର୍ଡ ସ, ରବୀନ୍ଦ୍ରନାଥ ଓ ଅନ୍ୟାନ୍ୟ ବିଶିଷ୍ଟ ବ୍ୟକ୍ତିତ୍ୱମାନେ ହିଟଲରର ନିନ୍ଦାରେ ଶତମୁଖ ହୋଇଥିଲେ ସେତେବେଳେ ଏହି ଭାରତରେ ସଂଘ ପରିବାରର ଜଣେ 'ଗୁରୁଜୀ' ବା ପଥପ୍ରଦର୍ଶକ ଏମ୍.ଏସ୍. ଗୋଲଓ୍ୱାଲକର ହିଟଲରର ପ୍ରଶଂସାରେ ଶତମୁଖ ହୋଇ କହିଥିଲେ, ଇହୁଦୀମାନଙ୍କୁ ବିତାଡିତ କରି ଜର୍ମାନ ଜାତିକୁ ବିଶୁଦ୍ଧ କରିବା ମାଧ୍ୟମରେ ହିଟଲର ଭାରତରେ ହିନ୍ଦୁମାନଙ୍କୁ ବିଶୁଦ୍ଧ କରିବାର ରାସ୍ତା ଦେଖାଇଛନ୍ତି। ସେ ଭାରତର ନବଜାଗରଣ ଓ ସ୍ୱାଧୀନତା ଆନ୍ଦୋଳନକୁ ବିରୋଧ କରିଥିଲେ କାରଣ ଏହା ହିନ୍ଦୁ ଜାତୀୟତା ଭିତ୍ତିକ ଆନ୍ଦୋଳନ ନଥିଲା ଏବଂ ବ୍ରିଟିଶ ସାମ୍ରାଜ୍ୟବାଦ ବିରୁଦ୍ଧରେ ପରିଚାଳିତ ହେଉଥିଲା।

ବି.ଜେ.ପି ଏହି ଐତିହ୍ୟର ଉତ୍ତରାଧିକାରୀ। ଆଦର୍ଶ ଓ ସଂସ୍କୃତି କ୍ଷେତ୍ରରେ ବି.ଜେ.ପି ଭୟାନକ ଆକ୍ରମଣ ଚଳାଇଛି। ପ୍ରାଚୀନ ମଧ୍ୟଯୁଗୀୟ ଧର୍ମୀୟ ଧ୍ୟାନଧାରଣା ଓ ସଂସ୍କୃତିକୁ ସେମାନେ ପୁନରୁଜ୍ଜୀବିତ କରିଛନ୍ତି। ପ୍ରୋତ୍ସାହିତ କରୁଛନ୍ତି। ସେମାନେ ଅତ୍ୟନ୍ତ ହାସ୍ୟାସ୍ପଦ ଦାବି କରୁଛନ୍ତି ଯେ, ଆଧୁନିକ ବିଜ୍ଞାନ ଦ୍ୱାରା ଆବିଷ୍କୃତ ସମସ୍ତ ସତ୍ୟ ହିଁ କୁଆଡେ ପ୍ରାଚୀନ ହିନ୍ଦୁ ଭାରତରେ ଆବିଷ୍କୃତ ହୋଇଥିଲା। ସେମାନେ ବିଜ୍ଞାନ ପରିବର୍ତ୍ତେ ପୁରାଣ କାହାଣୀକୁ ଗୁରୁତ୍ୱ ଦେଉଛନ୍ତି, ଇତିହାସକୁ ବିକୃତ କରୁଛନ୍ତି ଏବଂ ତଦନୁଯାୟୀ ସ୍କୁଲ ପାଠ୍ୟପୁସ୍ତକ ଓ ପାଠ୍ୟକ୍ରମ ନୂଆ କରି ଚଚନା କରୁଛନ୍ତି। ଯାହାର ଉଦ୍ଦେଶ୍ୟ ହେଉଛି ଉଗ୍ର ହିନ୍ଦୁ ଦାମ୍ଭିକତା ଓ ପ୍ରାଚୀନ ଐତିହ୍ୟବାଦକୁ ପ୍ରୋତ୍ସାହିତ କରିବା, ବିଜ୍ଞାନସମ୍ମତ ଚିନ୍ତାଭାବନା ଓ ଯୁକ୍ତିଶୀଳତାକୁ ଧ୍ୱଂସ କରି ଅନ୍ଧବିଶ୍ୱାସକୁ ଉତ୍ସାହିତ କରିବା। ଏହା ଏକ ଭୟଙ୍କର ଆକ୍ରମଣ। ଗୋଟିଏ ଦିଗରେ ସେମାନେ ସାମ୍ପ୍ରଦାୟିକ ଦଙ୍ଗା ସୃଷ୍ଟି କରୁଛନ୍ତି ଓ ଦଙ୍ଗାରେ ସହାୟତା କରୁଛନ୍ତି। ଶୋଷିତ ଜନସାଧାରଣଙ୍କୁ ଧର୍ମ ବିଶ୍ୱାସର ଭିତ୍ତିରେ ବିଭକ୍ତ କରି ଗଣଆନ୍ଦୋଳନ ଗଢି ତୋଳିବା କ୍ଷେତ୍ରରେ ବାଧା ଦେବା ଓ ଏକା ସମୟରେ ହିନ୍ଦୁ ଭୋଟ୍ ବ୍ୟାଙ୍କ ସୃଷ୍ଟି କରିବାକୁ ସେମାନେ ଉଦ୍ୟମ କରୁଛନ୍ତି। ଏହା ହେଉଛି ସେମାନଙ୍କର ଘୃଣ୍ୟ ପରିକଳ୍ପନା।

ପୁଞ୍ଜିବାଦର ସ୍ୱାର୍ଥରେ ସଂସ୍କୃତି କ୍ଷେତ୍ରରେ ମଧ୍ୟ ସେମାନେ ଭୟାବହ ଆକ୍ରମଣ ଚଳାଇ ସମସ୍ତ ପ୍ରକାରର ମାନବିକ ମୂଲ୍ୟବୋଧ ଓ ନୀତି ନୈତିକତାକୁ ଧ୍ୱଂସ କରୁଛନ୍ତି। ସେମାନେ ତରୁଣ ପ୍ରଜନ୍ମର ନୈତିକ ମେରୁଦଣ୍ଡକୁ ମଧ୍ୟ ଭାଙ୍ଗି ଦେଉଛନ୍ତି। ବର୍ତ୍ତମାନ ଦେଶରେ ମହିଳାମାନଙ୍କ ପ୍ରତି ଅଶାଳୀନ ଆଚରଣ, ଧର୍ଷଣ, ଗଣଧର୍ଷଣ ଓ ହତ୍ୟା, ଏପରିକି ଶିଶୁକନ୍ୟା ଓ ବୃଦ୍ଧା ମହିଳାମାନଙ୍କ ଉପରେ ଧର୍ଷଣ ଭୟାବହ ଭାବରେ ବୃଦ୍ଧି ପାଉଛି। ତେବେ ଏହା ଆଦୌ ଆକସ୍ମିକ ନୁହେଁ। ଏହା କଣ ଆମର ସେହି ଦେଶ ଯେଉଁ ଦେଶରେ ଦିନେ ରାମମୋହନ, ବିଦ୍ୟାସାଗର, ଜ୍ୟୋତିରାଓ ଫୁଲେ, ରବୀନ୍ଦ୍ରନାଥ, ଶରତଚନ୍ଦ୍ର, ପ୍ରେମଚନ୍ଦ, ସୁବ୍ରମଣୀୟମ୍ ଭାରତୀ, ଜନ୍ମଗ୍ରହଣ କରିଥିଲେ ? ଦେଶକୁ ସମ୍ପୂର୍ଣ୍ଣ ଧ୍ୱଂସ କରାଯାଉଛି। ଆମ ଦେଶର ଇତିହାସରେ ଏହା ହେଉଛି ସବୁଠାରୁ ଅନ୍ଧକାରାଚ୍ଛନ୍ନ ସମୟ।

ଏହା ମଧ୍ୟ ଉଲ୍ଲେଖଯୋଗ୍ୟ ଯେ, ଭାରତୀୟ ରାଷ୍ଟ୍ର ଗୋଟିଏ ଉଦୀୟମାନ ସାମ୍ରାଜ୍ୟବାଦୀ ରାଷ୍ଟ୍ର ହିସାବରେ ଦକ୍ଷିଣ ଏସିଆ, ଭାରତ ମହାସାଗରୀୟ ଦେଶସମୂହ, ମଧ୍ୟପ୍ରାଚ୍ୟ, ଆଫ୍ରିକା ସମେତ ଅନ୍ୟାନ୍ୟ ଦେଶରେ ଆହୁରି ଅଧିକ ଲଗ୍ନିପୁଞ୍ଜି ଓ ପଣ୍ୟ ରପ୍ତାନୀ ଉଦ୍ଦେଶ୍ୟରେ ମାର୍କିନ ସାମ୍ରାଜ୍ୟବାଦ ସହିତ ହାତ ମିଳାଇ ଚାଲିଛି। ଆମେରିକା ସହିତ ଅର୍ଥନୈତିକ, ରାଜନୈତିକ, ସାମରିକ ସମ୍ପର୍କ ଆହୁରି ଘନିଷ୍ଟ କରୁଛି। ପୁଣି ଆମେରିକା ସହିତ ମୁଲଚାଲର କ୍ଷମତା ବଢାଇବା ପାଇଁ 'ବ୍ରିକ୍ସ,' ମେଣ୍ଟର ସଦସ୍ୟ ପଦ ଗ୍ରହଣ କରିଛି। ସେଥିପାଇଁ ଭାରତବର୍ଷର ପୁଞ୍ଜିବାଦୀ ଶାସକଶ୍ରେଣୀ ଓ ମାର୍କିନ ସାମ୍ରାଜ୍ୟବାଦ ବିରୁଦ୍ଧରେ ଦୀର୍ଘସ୍ଥାୟୀ ଲଢୁଆ ବାମ ଓ ଗଣତାନ୍ତ୍ରିକ ଆନ୍ଦୋଳନ ଗଢିତୋଳିବା ଏବଂ ଏହା ସଙ୍ଗେ ସଙ୍ଗେ ଆର୍.ଏସ୍.ଏସ୍-ବି.ଜେ.ପିର ଭୟାବହ ଆଦର୍ଶଗତ-ସାଂସ୍କୃତିକ ଆକ୍ରମଣ ବିରୁଦ୍ଧରେ ଶକ୍ତିଶାଳୀ ଆଦର୍ଶଗତ ସଂଗ୍ରାମ ଚଳାଇବା ଆଜିକାର ପରିସ୍ଥିତି ଦାବି କରୁଛି।

ବାମପନ୍ଥୀମାନଙ୍କର ଐକ୍ୟ ପ୍ରଶ୍ନରେ ମୁଁ କମ୍ରେଡ୍ ପ୍ରକାଶ କାରାତଙ୍କ ସହିତ ଏକମତ। ମାତ୍ର ଏଠାରେ ଗୋଟିଏ ବିଷୟ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଯାହା ମୁଁ ସି.ପି.ଆଇ ଦଳର କଂଗ୍ରେସରେ ମଧ୍ୟ ଉତ୍ଥାପିତ କରିଥିଲି। କେଉଁମାନେ ବାମପନ୍ଥୀ ଓ ଧର୍ମନିରପେକ୍ଷ, କେଉଁମାନେ ଗଣତାନ୍ତ୍ରିକ ? ଏହି ବିଷୟରେ ଜନସାଧାରଣଙ୍କ ମଧ୍ୟରେ ବ୍ୟାପକ ବିଭ୍ରାନ୍ତି ରହିଛି। ଏ ସମ୍ପର୍କିତ ବୁଝାମଣା କ୍ଷେତ୍ରରେ କୌଣସି ଉପରଠାଉରିଆ ଧାରଣା ବା ଅସ୍ୱଚ୍ଛତା ରହି ପାରେନା। ମାର୍କ୍ସବାଦ ସମ୍ପର୍କରେ ଉପଲବ୍ଧି ଓ ତାର ପ୍ରୟୋଗକୁ ନେଇ ମୌଳିକ ପାର୍ଥକ୍ୟ ରହିଥିଲେ ମଧ୍ୟ ଯେଉଁସବୁ ଦଳ ନିଜକୁ ମାର୍କ୍ସବାଦୀ ହିସାବରେ ଗଣ୍ୟ କରନ୍ତି ସେହିସବୁ ଦଳଗୁଡ଼ିକୁ ବାମପନ୍ଥୀ ବୋଲି ଧରି ନେବାକୁ ହେବ। କଂଗ୍ରେସ ଓ ଅନ୍ୟାନ୍ୟ ଆଞ୍ଚଳିକ, ପ୍ରାଦେଶିକତାବାଦୀ, ଜାତିବାଦୀ ଦଳ ଓ ଗୋଷ୍ଠୀଗୁଡ଼ିକ ନିର୍ବାଚନରେ ବି.ଜେ.ପିକୁ ବିରୋଧ କରନ୍ତି, ମାତ୍ର କେବଳମାତ୍ର ସେହି କାରଣରୁ ହିଁ ସେହିସବୁ ଦଳଗୁଡ଼ିକ ସେକ୍ୟୁଲାର ବା ଧର୍ମନିରପେକ୍ଷ ବୋଲି କୁହାଯାଇ ପାରିବ ନାହିଁ। ଧର୍ମନିରପେକ୍ଷତାର ଧାରଣା ୟୁରୋପରୁ, ବିଶେଷକରି ୟୁରୋପୀୟ ନବଜାଗରଣ ତଥା ବୁର୍ଜୁଆ ଗଣତାନ୍ତ୍ରିକ ବିପ୍ଳବରୁ ଆସିଥିଲା। ଦର୍ଶନଗତଭାବରେ ଧର୍ମନିରପେକ୍ଷତାର ଅର୍ଥ ହେଉଛି କୌଣସି ଅତିପ୍ରାକୃତିକ ସତ୍ତାର ଅସ୍ୱୀକୃତି। ରାଜନୈତିକ ଦିଗରୁ ଧର୍ମନିରପେକ୍ଷତାର ଅର୍ଥ ହେଉଛି ରାଷ୍ଟ୍ର ପରିଚାଳନା, ରାଜନୈତିକ କ୍ରିୟାକଳାପ, ସଂସ୍କୃତି ଓ ଶିକ୍ଷା କ୍ଷେତ୍ର ଧର୍ମୀୟ ପ୍ରଭାବରୁ ସମ୍ପୂର୍ଣ୍ଣଭାବରେ ମୁକ୍ତ ରହିବ। ରାଷ୍ଟ୍ର କୌଣସି ଧର୍ମକୁ ମଧ୍ୟ ଯେଭଳି ଉତ୍ସାହିତ କରିବ ନାହିଁ ସେହିଭଳି କାହାରି ଧର୍ମବିଶ୍ୱାସ ହସ୍ତକ୍ଷେପ ମଧ୍ୟ କରିବ ନାହିଁ। ଧର୍ମ ବ୍ୟକ୍ତିର ନିଜସ୍ୱ ବିଶ୍ୱାସ ହିସାବରେ ରହିବ। ଆମ ଦେଶର ସ୍ୱାଧୀନତା ଆନ୍ଦୋଳନ ସମୟରେ ବିପ୍ଳବଭୀତ ଜାତୀୟ ବୁର୍ଜୁଆମାନେ କେବଳମାତ୍ର ବ୍ରିଟିଶ ସାମ୍ରାଜ୍ୟବାଦୀମାନଙ୍କ ସହିତ ରାଜନୈତିକ କ୍ଷେତ୍ରରେ ଆପୋଷ କରିନାହାନ୍ତି, ମତାଦର୍ଶଗତ ଓ ସାଂସ୍କୃତିକ ଦିଗରୁ ଧର୍ମ ସହିତ ମଧ୍ୟ ଆପୋଷ କରିଛନ୍ତି ଏବଂ ସମସ୍ତ ଧର୍ମ ପ୍ରତି ଉତ୍ସାହ ପ୍ରଦାନକୁ ହିଁ ଧର୍ମନିରପେକ୍ଷତା ବୋଲି ପ୍ରଚାର କରିଛନ୍ତି, ଯାହା ପ୍ରକୃତରେ ହେଉଛି ନକଲି ଧର୍ମନିରପେକ୍ଷତା। ଗଣତାନ୍ତ୍ରିକ ଦଳ କହିଲେ ସେହିସବୁ ଦଳକୁ ହିଁ ବୁଝାଏ ଯେଉଁ ଦଳଗୁଡ଼ିକ ଧର୍ମନିରପେକ୍ଷ ଗଣତାନ୍ତ୍ରିକ ମୂଲ୍ୟବୋଧ ଆଧାରରେ ପରିଚାଳିତ ହୁଅନ୍ତି। ସାମ୍ପ୍ରଦାୟିକତା, ଜାତିବାଦ ଓ ପ୍ରାଦେଶିକ ସଂକୀର୍ଣ୍ଣତାର ବିରୁଦ୍ଧରେ ଲଢେଇ କରନ୍ତି, ନିରବିଚ୍ଛିନ୍ନ ଭାବରେ ସାମ୍ରାଜ୍ୟବାଦର ବିରୁଦ୍ଧତା କରନ୍ତି ଓ ବାମପନ୍ଥାକୁ ସମର୍ଥନ କରନ୍ତି ଏବଂ ସରକାରରେ ଥାଆନ୍ତୁ ବା ନଥାଆନ୍ତୁ ମେହେନତୀ ମଣିଷର ଗଣତାନ୍ତ୍ରିକ ଆନ୍ଦୋଳନକୁ ଉତ୍ସାହିତ କରନ୍ତି। ବାମ-ଧର୍ମନିରପେକ୍ଷ-ଗଣତାନ୍ତ୍ରିକ ଐକ୍ୟ ନାମରେ କେବଳମାତ୍ର ନିର୍ବାଚନୀ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଯେକୌଣସି ବାରମିଶା ମେଣ୍ଟ ଚାଲି ପରିବା ନାହିଁ।

ବାମପନ୍ଥୀ ଆନ୍ଦୋଳନର ସେହି ଗୌରବମୟ ଅଧ୍ୟାୟକଥା ମୋର ମନେପଡୁଛି। ସ୍ୱାଧୀନତା ଅର୍ଜନ ପରେ ପରେ ହିଁ ଏହା ଆମ ଦେଶରେ ଦେଖାଦେଇଥିଲା। ସେହି ସମୟରେ ବାମପନ୍ଥୀ ଆନ୍ଦୋଳନରେ ଅନେକ ଲୋକଙ୍କର ରକ୍ତ ବହିଥିଲା। ଅନେକ ପ୍ରାଣ ଦେଇଥିଲେ। ସେ ସମୟରେ କଂଗ୍ରେସର ଏକମାତ୍ର ବିକଳ୍ପ ହିସାବରେ ବାମପନ୍ଥୀମାନଙ୍କୁ ହିଁ ଧରି ନିଆ ଯାଇଥିଲା। ସ୍ୱାଧୀନତା ଆନ୍ଦୋଳନର ମଧ୍ୟରେ ହିଁ ସୃଷ୍ଟି ହୋଇଥିବା ବାମପନ୍ଥୀ ଧାରାର ଧାରାବାହିକତାରେ ଏବଂ ମହାନ୍ ଷ୍ଟାଲିନ୍ ଓ ମହାନ୍ ମାଓ-ସେ-ତୁଙ୍ଗଙ୍କ ନେତୃତ୍ୱରେ ଶକ୍ତିଶାଳୀ ବିଶ୍ୱ ସାମ୍ୟବାଦୀ ଆନ୍ଦୋଳନର ଜୟଯାତ୍ରାର ଶକ୍ତିରେ ବଳୀୟାନ ହୋଇ ଏ ଦେଶରେ ବାମପନ୍ଥୀ ଆନ୍ଦୋଳନ ବିକାଶଲାଭ କରିଥିଲା। କିନ୍ତୁ ଆମ ଦେଶରେ ବାମପନ୍ଥୀମାନେ ଗୋଟିଏ ପରେ ଗୋଟିଏ ଗୁରୁତର ବିଚ୍ୟୁତି ଓ ମାରାତ୍ମକ ଭୁଲ କରିଛନ୍ତି ଯାହା ଜନସାଧାରଣଙ୍କ ମଧ୍ୟରେ ବାମପନ୍ଥୀମାନଙ୍କ ସମ୍ପର୍କରେ ଅବିଶ୍ୱାସ ଓ ବିଭ୍ରାନ୍ତି ସୃଷ୍ଟି କରିଛି। ଅନ୍ୟଦିଗରେ ଆନ୍ତର୍ଜାତିକ କ୍ଷେତ୍ରରେ ବୁର୍ଜୁଆମାନଙ୍କର ଏଜେଣ୍ଟ ହିସାବରେ ସଂଶୋଧନବାଦୀମାନେ ଷ୍ଟାଲିନ୍‌ଙ୍କୁ ଆକ୍ରମଣ କରି କେବଳମାତ୍ର ଷ୍ଟାଲିନ୍‌ଙ୍କର ଅଥରିଟି ନୁହେଁ, ଲେନିନ୍‌ଙ୍କ ଅଥରିଟିକୁ ମଧ୍ୟ ହେୟ ପ୍ରତିପନ୍ନ କରିବା ଦ୍ୱାରା ପୁଞ୍ଜିବାଦର ପୁନରୁତ୍ଥାନ ପାଇଁ କ୍ଷେତ୍ର ପ୍ରସ୍ତୁତ କରି ସମାଜତନ୍ତ୍ରକୁ ଧ୍ୱଂସ କରିଛନ୍ତି।

କିନ୍ତୁ ଆନନ୍ଦର କଥା, ପୂର୍ବତନ ସୋଭିଏତ୍ ୟୁନିୟନ୍ ଓ ପୂର୍ବ ୟୁରୋପର ଦେଶଗୁଡ଼ିକରେ ହଜାର ହଜାର ଜନସାଧାରଣ ପୁଣି ଥରେ ଷ୍ଟାଲିନ୍‌ଙ୍କର ଫଟୋ ହାତରେ ଧରି ରାସ୍ତାକୁ ଓହ୍ଲାଉଛନ୍ତି, ସମାଜତନ୍ତ୍ର ଫେରାଇ ଆଣିବା ପାଇଁ ଦାବି କରୁଛନ୍ତି। ଲକ୍ଷ୍ୟ କରିବା କଥା, ଏହା ପାଖାପାଖି ପୁଞ୍ଜିବାଦର ସଂକଟ ସମାଧାନ କରିବା ଉଦ୍ଦେଶ୍ୟରେ ପ୍ରଚଳନ କରାଯାଇଥିବା ଜଗତିକରଣ ଯୋଜନା ସଂକଟ ଦୂର କରିବା ପରିବର୍ତ୍ତେ ବିଶ୍ୱବ୍ୟାପୀ ପୁଞ୍ଜିବାଦୀ ସଂକଟକୁ ଆହୁରି ତୀବ୍ର କରିଛି।

ବିଶ୍ୱ ସାମ୍ରାଜ୍ୟବାଦ ପୁଞ୍ଜିବାଦ ପ୍ରାୟ ଏକ ଦଶଂଧିରୁ ଅଧିକ ସମୟ ଧରି ମାନ୍ଦାରେ ନିମଜ୍ଜିତ, ଆକ୍ରାନ୍ତ ହୋଇଛି। ମୃତପ୍ରାୟ ପୁଞ୍ଜିବାଦକୁ ବର୍ତ୍ତମାନ କୃତ୍ରିମ ଶ୍ୱାସପ୍ରଶ୍ୱାସ ଦେଇ ବଞ୍ଚାଇ ରଖାଯାଇଛି ବୋଲି କୁହାଯାଇପାରେ। ଏଭଳି କୌଣସି ଚିକିତ୍ସକ ନାହାନ୍ତି ଯିଏ ପୁଞ୍ଜିବାଦକୁ ରକ୍ଷା କରିପାରିବେ। ବଜାର ଅର୍ଥନୀତି ଆଜି ଉତ୍ତରୋତ୍ତର ବଜାର ସଂକୋଚନର ସମ୍ମୁଖୀନ। ଜନସାଧାରଣଙ୍କ କ୍ଷୋଭ ମଧ୍ୟ ନଜିରବିହୀନ ଭାବରେ ଉଗ୍ରରୂପ ଧାରଣ କରୁଛି। ଆମେରିକା ୟୁରୋପ ସହ ସବୁ ଦେଶ ହିଁ ଗଣ ଆନ୍ଦୋଳନର ଜୁଆର ସୃଷ୍ଟି ହୋଇଛି। ଜନସାଧାରଣ ନେତୃତ୍ୱର ସନ୍ଧାନ କରୁଛନ୍ତି। ବିପ୍ଳବର ବାସ୍ତବ କ୍ଷେତ୍ର ବା ଅବ୍‌ଜେକ୍‌ଟିଭ୍ କଣ୍ଡିସନ୍ ପ୍ରସ୍ତୁତ। ସବ୍‌ଜେକ୍‌ଟିଭ୍ କଣ୍ଡିସନ୍, ଅର୍ଥାତ୍ ମାର୍କ୍ସ-ଏଙ୍ଗେଲସ୍-ଲେନିନ୍-ଷ୍ଟାଲିନ୍-ମାଓ-ସେ-ତୁଙ୍ଗଙ୍କର ବୈପ୍ଳବିକ ଶିକ୍ଷାରେ ବଳୀୟାନ ସର୍ବହରା ଶ୍ରେଣୀର ଦଳ ପୃଥିବୀର ବିଭିନ୍ନ ଦେଶରେ ବର୍ତ୍ତମାନ ମଧ୍ୟ ଅନୁପସ୍ଥିତ। ଖୁବ ଶୀଘ୍ର ହେଉ ବା ସାମାନ୍ୟ ବିଳମ୍ବରେ ହେଉ, ଇତିହାସର ଅମୋଘ ନିୟମରେ ଏହି ଧରଣର ଦଳ ଉପଯୁକ୍ତ ଶକ୍ତି ସହିତ ନିଶ୍ଚିତ ଆତ୍ମପ୍ରକାଶ କରିବ।

କମ୍ରେଡ୍‌ମାନେ, ଆମ ଦେଶରେ ରାଜନୈତିକ ସଂକଟ ଯାହାଥିଲେ ବି ସାଧାରଣ ଲୋକଙ୍କ ମଧ୍ୟରେ ବିକ୍ଷୋଭର ସ୍ଫୁଲିଙ୍ଗ ଆମ ଚାରିଦିଗରେ ଦେଖିବାକୁ ମିଳୁଛି। ଏଠାରେ ବିଭିନ୍ନ ସ୍ଥାନରେ ସ୍ୱତଃସ୍ଫୁର୍ତ୍ତ ଆନ୍ଦୋଳନ ଦେଖିବାକୁ ମିଳୁଛି। ଆଜି ସେହି ନେତୃତ୍ୱର ପ୍ରୟୋଜନ ଯେଉଁ ନେତୃତ୍ୱ ଏଗୁଡ଼ିକୁ ପରିଚାଳନା କରି ଏହାର ଯୁକ୍ତିଯୁକ୍ତ ଶେଷ ପରିଣତିରେ ପହଞ୍ଚାଇ ଦେଇ ପାରିବେ। କେଉଁମାନେ ଏହି ନେତୃତ୍ୱ ଦେଇ ପାରିବେ ? ଯୌଥଭାବରେ ବାମପନ୍ଥୀମାନେ ହିଁ କେବଳ ଏହା କରି ପାରିବେ। ସଂଗ୍ରାମୀ ଆଦର୍ଶ ଓ ଉନ୍ନତ ନୈତିକତା ଦ୍ୱାରା ହିଁ ଆନ୍ଦୋଳନଗୁଡ଼ିକୁ ପରିଚାଳନା କରିବାକୁ ହେବ।

ଆମ ଦଳ ଐକ୍ୟବଦ୍ଧ ବାମପନ୍ଥୀ ଆନ୍ଦୋଳନ ସପକ୍ଷରେ ବରାବର ହିଁ ରହି ଆସିଛି, ଆଜି ମଧ୍ୟ ଆମର ସେହି ଅବସ୍ଥାନ ଓ ଆଭିମୁଖ୍ୟ ଅପରିବର୍ତ୍ତିତ ରହିଛି। ଅତୀତରେ ଆପଣମାନେ ଓ ଆମେ ଐକ୍ୟବଦ୍ଧ ବାମ ଆନ୍ଦୋଳନରେ ଏକତ୍ର ଥିଲୁ, ମାତ୍ର ୧୯୭୪ ମସିହାରୁ ଆପଣଙ୍କ ଦଳ ସହିତ ଆମର ଐକ୍ୟ ନାହିଁ। ଆପଣଙ୍କ ଦଳ ଯେତେବେଳେ ପଶ୍ଚିମବଙ୍ଗ ଓ କେରଳରେ ସରକାରୀ କ୍ଷମତାରେ ଥିଲା ସେତେବେଳେ ଆମ ସହିତ ମତପାର୍ଥକ୍ୟ ଥିଲା ଏବଂ ଜନସାଧାରଣଙ୍କ ଜ୍ୱଳନ୍ତ ଇସ୍ୟୁଗୁଡ଼ିକୁ ନେଇ ଆମେ ଆନ୍ଦୋଳନ ମଧ୍ୟ ସଂଗଠିତ କରୁଥିଲୁ। ଆମର ସମ୍ପର୍କ ତିକ୍ତ ହୋଇଥିଲା, ବହୁ ଦୁଃଖଦାୟକ ଘଟଣା ମଧ୍ୟ ଘଟିଥିଲା। ତେବେ ସେହି ସମୟରେ ମଧ୍ୟ ଆମେ ସର୍ବଭାରତୀୟ ସ୍ତରରେ ଓ ଅନ୍ୟାନ୍ୟ ରାଜ୍ୟମାନଙ୍କରେ ବାମ ଐକ୍ୟ ଗଢି ତୋଳିବା ପାଇଁ ଉଦ୍ୟମ କରିଥିଲୁ, ମାତ୍ର ଏହା ସଫଳ ହୋଇ ନାହିଁ। ବର୍ତ୍ତମାନ ସେହି ଅଧ୍ୟାୟ ଅତିକ୍ରାନ୍ତ ହୋଇଛି। ଯୁକ୍ତ ବାମପନ୍ଥୀ ଆନ୍ଦୋଳନର ଆବେଦନ ନେଇ କମ୍ରେଡ୍ ପ୍ରକାଶ କରାତ ଆମ ସହିତ କଥାବାର୍ତ୍ତା କରିବାକୁ କଲିକତା ଯିବାର କଷ୍ଟ ସ୍ୱୀକାର କରିଥିବାରୁ ମୁଁ ତାଙ୍କୁ ଧନ୍ୟବାଦ ଜଣାଉଛି। ଆମେ ମଧ୍ୟ ଇସ୍ୟୁ ଭିତ୍ତିକ ଯୁକ୍ତ ଆନ୍ଦୋଳନରେ ଆନ୍ତରିକଭାବରେ ଅଂଶଗ୍ରହଣ କରିଛୁ। ଆମେ ଐକ୍ୟ ଚାହୁଁ, ନିର୍ବାଚନରେ ସୁବିଧା ହାସଲ କରିବା ପାଇଁ ନୁହେଁ, ଶକ୍ତିଶାଳୀ ଶ୍ରେଣୀ ସଂଗ୍ରାମ ଓ ଗଣ ସଂଗ୍ରାମ ଗଢି ତୋଳିବା ପାଇଁ। ଐକ୍ୟ ମଧ୍ୟରେ ଅବଶ୍ୟ ହିଁ ଆଦର୍ଶଗତ ପାର୍ଥକ୍ୟ ରହିବ ଏବଂ ତାକୁ କେନ୍ଦ୍ର କରି ଆଦର୍ଶଗତ ସଂଗ୍ରାମ ମଧ୍ୟ ହେବ। ତେବେ ଏହି ସଂଗ୍ରାମ ଐକ୍ୟ ଓ ଆନ୍ଦୋଳନକୁ ଶକ୍ତିଶାଳୀ କରିବା ପାଇଁ ପରିଚାଳିତ ହେବ, ଦୁର୍ବଳ କରିବା ପାଇଁ ନୁହେଁ। ଉନ୍ନତ ଆଦର୍ଶ ଓ ସଂସ୍କୃତିର ଆଧାରରେ ଶ୍ରମଜୀବୀ ଜନସାଧାରଣଙ୍କର ଲଢୁଆ ଶ୍ରେଣୀ ସଂଗ୍ରାମ ଓ ଗଣସଂଗ୍ରାମ ହିଁ ଆଜିର ଆବଶ୍ୟକତା।

ବକ୍ତବ୍ୟ ଶେଷ କରିବା ପୂର୍ବରୁ ମୁଁ ମହାନ୍ ଲେନିନ୍‌ଙ୍କର ଶିକ୍ଷା ସ୍ମରଣ କରି କହିବାକୁ ଚାହେଁ ଯେ, ଗୋଟିଏ ସର୍ବହରା ଦଳର ଶକ୍ତି ଲୋକସଭାର ସଦସ୍ୟ ସଂଖ୍ୟା ମଧ୍ୟରେ ନିହିତ ନଥାଏ, ତା'ଏକମାତ୍ର ନିହିତ ଥାଏ ଶ୍ରେଣୀ ସଂଗ୍ରାମ ଓ ଗଣସଂଗ୍ରାମର ବାଡବାଗ୍ନି ମଧ୍ୟରେ। ଆପଣମାନଙ୍କୁ ସମସ୍ତଙ୍କୁ ଲାଲ୍ ସଲାମ୍।

ମାର୍କ୍ସବାଦ-ଲେନିନ୍‌ବାଦ- ଜିନ୍ଦାବାଦ
ସର୍ବହରା ଆନ୍ତର୍ଜାତିକତାବାଦ-ଜିନ୍ଦାବାଦ

ଡେଲାଙ୍ଗ ଟ୍ରେନ୍ ପୋଡି: ଗଣଆନ୍ଦୋଳନକୁ ଭଣ୍ଡୁର କରିବା ପାଇଁ ଷଡଯନ୍ତ୍ର

ଗତ ଏପ୍ରିଲ ମାସ ୧୬ ତାରିଖ ଦିନ ରାତି ପ୍ରାୟ ୮ଟା ସମୟରେ ପୁରୀ ଜିଲ୍ଲାର ଡେଲାଙ୍ଗ ରେଳ ଷ୍ଟେସନ୍‌ରେ ଚକ୍ରଧରପୁର-ବଡବିଲ୍-ପୁରୀ ଇଣ୍ଟରସିଟି ଏକ୍ସପ୍ରେସ୍‌ରୁ ଓହ୍ଲାଉଥିବା ବେଳେ ନିକଟସ୍ଥ ସାନଗୁଆଳିପଡା ଗ୍ରାମର ରତିକାନ୍ତ ଛାଟୋଇ ନାକକ ଜଣେ ଯୁବକଙ୍କ ମୃତ୍ୟୁ ଏବଂ ପରଦିନ ସେଠାରେ ଟ୍ରେନ୍ ପୋଡି ଓ ଏଥିରେ ସମ୍ପୃକ୍ତ ଅଭିଯୁକ୍ତମାନଙ୍କୁ ଧରିବା ଆଳରେ ଡେଲାଙ୍ଗ ରେଳଷ୍ଟେସନ୍ ନିକଟବର୍ତ୍ତି ଗ୍ରାମମାନଙ୍କରେ ସଶସ୍ତ୍ର ପୁଲିସର ଅମାନୁଷିକ କାଣ୍ଡ ସମଗ୍ର ଦେଶରେ ଚର୍ଚ୍ଚାର ବିଷୟରେ ପରିଣତ ହୋଇଥିଲା। ଘଟଣାଟିର ଗମ୍ଭୀରତା ଓ ଟ୍ରେନ୍ ପୋଡିକୁ କେନ୍ଦ୍ର କରି ସୃଷ୍ଟିହୋଇଥିବା ନେତିବାଚକ ପ୍ରଚାର ଆଢୁଆଳରେ ଡେଲାଙ୍ଗ ଅଞ୍ଚଳର ସାଧାରଣ ଲୋକଙ୍କର ଅତ୍ୟନ୍ତ ନ୍ୟାୟ ସଂଗତ କେତେକ ଦାବି ଲୁଚି ଯିବାର ଆଶଂକା ସୃଷ୍ଟି ହୋଇଥିବା ପରିପ୍ରେକ୍ଷୀରେ ଏହି କ୍ଷୁଦ୍ର ପ୍ରତିବେଦନରେ ଆମେ ସମଗ୍ର ଘଟଣାଟିକୁ ଏହାର ବାସ୍ତବ ପୃଷ୍ଠଭୂମିରେ ଉପସ୍ଥାପିତ କରୁଛୁ।

ଖୋର୍ଦ୍ଧା-ପୁରୀ ରେଳ ପଥରେ ଡେଲାଙ୍ଗ ଏକ ଗୁରୁତ୍ୱପୂର୍ଣ୍ଣ ରେଳ ଷ୍ଟେସନ୍। ଡେଲାଙ୍ଗ ଅଞ୍ଚଳରେ ସଡକ ଯୋଗାଯୋଗ ଓ ପରିବହନରୁ ସୁଯୋଗ ଖୁବ ସୀମିତ ଓ ଦୁର୍ବଳ ହୋଇଥିବା ଯୋଗୁ ଡେଲାଙ୍ଗ, ପିପିଲି ଓ ସତ୍ୟବାଦୀ ବ୍ଲକ୍‌ର ଲକ୍ଷ ଲକ୍ଷ ଲୋକ ବିଶେଷ କରି କାମର ସନ୍ଧାନରେ ସୁରଟ, କଲିକତା, ଚେନ୍ନାଇ ଓ ବାଙ୍ଗାଲୋର ଭଳି ସହରକୁ ଯାତାୟାତ ପାଇଁ ଏହି ରେଳଷ୍ଟେସନ୍ ଉପରେ ନିର୍ଭର କରିନ୍ତି। ମାତ୍ର ଏହି ଷ୍ଟେସନ୍‌ଟି ଇ’ ଶ୍ରେଣୀଭୁକ୍ତ ହୋଇଥିବାରୁ ଏଠାରେ ପୁରୀ ଏକ୍ସପ୍ରେସ୍ ବ୍ୟତୀତ କୌଣସି ଏକ୍ସପ୍ରେସ୍ ରହେ ନାହିଁ। ଇତିମଧ୍ୟରେ ଏହି ରେଳଷ୍ଟେସନର ରାଜସ୍ୱ ଆୟ ଆଶାତୀତଭାବେ ବୃଦ୍ଧି ପାଇଥିଲେ ମଧ୍ୟ ରେଳବାଇ କର୍ତ୍ତୃପକ୍ଷ ସ୍ଥାନୀୟ ଜନସାଧାରଣଙ୍କ ଦାବିକୁ ସମ୍ମାନ ଜଣାଇ ଏଠାରେ କୌଣସି ଅନ୍ୟ କୌଣସି ଏକ୍ସପ୍ରେସ୍ ଟ୍ରେନ୍ ରହଣୀର ବନ୍ଦୋବସ୍ତ କରି ନାହାନ୍ତି। ମାତ୍ର ଏଠାରେ ଚକ୍ରଧରପୁର-ବଡବିଲ-ପୁରୀ ଓ ପୁରୀ-ପାରାଦ୍ୱୀପ ଇଣ୍ଟରସିଟି ଏକ୍ସପ୍ରେସ୍ ଟ୍ରେନ୍‌ର ରହଣୀ ପାଇଁ ଦୀର୍ଘ ବହୁ ବର୍ଷ ଧରି ସ୍ଥାନୀୟ ଜନସାଧାରଣ ଦାବି କରି ଆସୁଛନ୍ତି। ଜନସାଧାରଣଙ୍କର ଅତ୍ୟନ୍ତ ନ୍ୟାୟ ସଂଗତ ଦାବି ରେଳ କର୍ତ୍ତୃପକ୍ଷଙ୍କ ଦ୍ୱାରା ଉପେକ୍ଷିତ ହେବାରୁ ଏସ୍.ୟୁ.ସି.ଆଇ(କମ୍ୟୁନିଷ୍ଟ) ରାଜ୍ୟ କମିଟି ସଦସ୍ୟ କମ୍ରେଡ୍ ରଘୁନାଥ ଦାସଙ୍କ ସଭାପତିତ୍ୱରେ ରେଳଷ୍ଟେସନ୍ ଉନ୍ନୟନ କମିଟି, ଡେଲାଙ୍ଗ, ଗଠନ କରାଯାଇ ଏହି କମିଟି ନେତୃତ୍ୱରେ ବିଗତ ବହୁ ବର୍ଷ ଧରି ଆନ୍ଦୋଳନ ପରିଚାଳିତ ହେଉଛି। ଏବାବଦରେ ରେଳମନ୍ତ୍ରୀ ରେଳ ବୋର୍ଡ, ରାଜ୍ୟ ମୁଖ୍ୟମନ୍ତ୍ରୀ ଓ ସ୍ଥାନୀୟ ସାଂସଦଙ୍କୁ ବହୁବାର ଅନୁରୋଧ କରାଯାଇଛି। ଏହି କମିଟି ଗୁରୁତ୍ୱପୂର୍ଣ୍ଣ ଦାବି ପୂରଣ ପାଇଁ ୨୦୧୩ ମସିହା ଜୁଲାଇ ୭ ତାରିଖ ଦିନ ଡେଲାଙ୍ଗ ରେଳଷ୍ଟେସନ୍‌ରେ ଦୀର୍ଘ ୭ ଘଣ୍ଟା ଧରି ରେଳ ରୋକୋ କରାଯାଇଥିଲା। ମାତ୍ର ସମସ୍ତ ପ୍ରତିଶ୍ରୁତି ସତ୍ତ୍ୱେ ଜନସାଧାରଣଙ୍କର ଏହି ନାଯ୍ୟ ଦାବି ଆଜି ମଧ୍ୟ ପୂରଣ ହୋଇ ନାହିଁ।

ଏହି ପରିସ୍ଥିତିରେ ପ୍ରତ୍ୟେକ ଦିନ ସମ୍ପୃକ୍ତ ଅଞ୍ଚଳରୁ ବହୁ ଲୋକ ନିଜ ଜୀବନକୁ ବିପନ୍ନ କରି ଡେଲାଙ୍ଗ ରେଳଷ୍ଟେସନ୍ ଠାରେ ଗାଡିର ଚେନ୍ ଟାଣି କିମ୍ୱା ଚଳନ୍ତା ଗାଡିରୁ ଓହ୍ଲାଇବାକୁ ବାଧ୍ୟ ହୁଅନ୍ତି। ଏହିଭଳିଭାବରେ ଚରମ ବାଧ୍ୟବାଧକତାରୁ ରେଳରୁ ଓହ୍ଲାଇବାକୁ ଯାଇ ରତିକାନ୍ତଙ୍କର ଦୁଃଖଦ ମୃତ୍ୟୁ ହୋଇଥିଲା। ମାତ୍ର ରତିକାନ୍ତଙ୍କର ମୃତ୍ୟୁ ରାତି ପ୍ରାୟ ୮ଟା ବେଳେ ହୋଇଥିଲେ ମଧ୍ୟ ତାଙ୍କ ଖଣ୍ଡବିଖଣ୍ଡିତ ମୃତ ଦେହକୁ ଅତ୍ୟନ୍ତ ଅମାନବିକଭାବରେ ରେଳ କର୍ତ୍ତୃପକ୍ଷ ପରଦିନ ସକାଳ ପର୍ଯ୍ୟନ୍ତ ପକାଇ ରଖିବାରୁ ରତିକାନ୍ତଙ୍କ ନିଜଗ୍ରାମ ସାନଗୁଆଳିପଡା ଓ ଅନ୍ୟାନ୍ୟ ନିକଟସ୍ଥ ଗ୍ରାମର ସାଧାରଣ ଲୋକଙ୍କ ମଧ୍ୟରେ ପ୍ରବଳ ଉତ୍ତେଜନା ସୃଷ୍ଟି ହୋଇଥିଲା ଓ ହଜାର ହଜାର ସ୍ଥାନୀୟ ଲୋକ ସେଠାରେ ସ୍ୱତଃସ୍ଫୁର୍ତ୍ତଭାବରେ ରେଳ ରୋକୋ କରିଥିଲେ। ମାତ୍ର ରେଳ ରୋକୋ ସକାଳ ୬ଟାରୁ ଆରମ୍ଭ ହୋଇଥିଲେ ମଧ୍ୟ ମଧ୍ୟାହ୍ନ ପର୍ଯ୍ୟନ୍ତ ଘଟଣାସ୍ଥଳକୁ କୌଣସି ରେଳ ଅଧିକାରୀ ଆସି ନଥିଲେ କିମ୍ୱା ରତିକାନ୍ତଙ୍କର ମୃତଦେହର ସତ୍କାର ପାଇଁ କୌଣସି ପଦକ୍ଷେପ ନିଆଯାଇ ନଥିଲା। ରେଳ କର୍ତ୍ତୃପକ୍ଷଙ୍କର ଏଦାଦୃଶ ଅମାନବୀୟ କାର୍ଯ୍ୟକଳାପ, କାଳକ୍ଷେପଣ ନୀତି ଓ ଉଦାସୀନତା ନିଆଁରେ ଘିଅ ଢାଳିଲା ଓ ପରିସ୍ଥିତିକୁ ଅଣାୟତ୍ତ ହେବାରେ ସିଧାସଳଖ ସହାୟତା କରିଥିଲା। ଏହିଭଳି ପରିସ୍ଥିତିରେ ମଧ୍ୟ ଆନ୍ଦୋଳନକାରୀମାନେ ପ୍ରଶଂସନୀୟ ଧୈର୍ଯ୍ୟ ଓ ସଂଯମ ପ୍ରଦର୍ଶନ କରି ରେଳ ରୋକୋ ଜାରୀ ରଖିଥିବା ବେଳେ ରେଳ ଷ୍ଟେସନ୍‌ରେ ଶହ ଶହ ଶସସ୍ତ୍ର ରେଳ ସୁରକ୍ଷା ବଳ ଓ ଅଧିକାରୀ ତଥା ମାଳ ମାଳ ରେଳ ଅଶଧିକାରୀ ଓ ଗଣ୍ଡା ଗଣ୍ଡା ସାମ୍ବାଦିକଙ୍କ ଉପସ୍ଥିତିରେ ସେଠାରେ ଅଟକି ରହିଥିବା ପୁରୀ-ବଡବିଲ-ଚକ୍ରଧରପୁର ଟ୍ରେନ୍‌ର ଗୋଟିଏ ବଗିରେ କେହି ଦୁର୍ବୃତ୍ତ ନିଆଁ ଲଗାଇ ଦେଇଥିଲା। କହିବା ବାହୁଲ୍ୟ ଅସାମାଜିକ ତତ୍ତ୍ୱମାନେ ସ୍ପଷ୍ଟ ଦିବାଲୋକରେ, ସଶସ୍ତ୍ର ପୁଲିସ୍ ବାହିନୀ ଓ ଅଧିକାରୀମାନଙ୍କ ଆଖି ଆଗରେ ବଗିରେ ନିଆଁ ଲଗାଇବା ବେଳେ କେହିହେଲେ ସେଥିରୁ ସେମାନଙ୍କୁ ନିବୃତ୍ତ କରିବା ପାଇଁ ସାମାନ୍ୟତମ ଉଦ୍ୟମ ମଧ୍ୟ କରି ନଥିଲେ କିମ୍ୱା ନିଆଁ ଲିଭାଇବା ପାଇଁ ମଧ୍ୟ କୌଣସି ପଦକ୍ଷେପ ଗ୍ରହଣ କରି ନଥିଲେ। ତେବେ ଧୁ ଧୁ ହୋଇ ଜଳୁଥିବା ବଗିଟିର ଭିଡିଓ ଉତ୍ତୋଳନ କରି ଟିଭିରେ ପ୍ରଦର୍ଶିତ କରିବାରେ ଆଦୌ ହେଳା କରାଯାଇ ନଥିଲା।

ଏହା ପରେ ରେଳ କର୍ତ୍ତୃପକ୍ଷ ଓ ଜିଲ୍ଲା ପ୍ରଶାସନ ସତେ ଯେପରି ବହୁ ଦିନରୁ ଅପେକ୍ଷାରତ ମୁହୂର୍ତ୍ତଟିକୁ ହାତପାହାନ୍ତାରେ ପାଇଗଲେ। ଆରମ୍ଭ ହୋଇଗଲା ଆନ୍ଦୋଳନକାରୀମାନଙ୍କ ଉପରେ ଶସସ୍ତ୍ର ଆକ୍ରମଣ ଏବଂ ଏହା ପରେ ପରେ ନିକଟବର୍ତ୍ତି ଗ୍ରାମମାନଙ୍କରେ ଶସସ୍ତ୍ର ପୁଲିସ୍ ଓ ଇଣ୍ଡିଆନ୍ ରିଜର୍ଭ ବାଟାଲିୟନ୍ ପକ୍ଷରୁ ରାତି ଅଧିଆ ଚଢାଉ। ଗୁଆଳିପଡା, ବେରବୋଇ, ଉଦୟପୁର, ଡଁପୁର. ଗୁଡୁପାଇଲୋ, ବରକେରା, ପଲ୍ଲୀ ଓ ଜୋକନଡୁଆ ପ୍ରଭୃତି ଗ୍ରାମମାନଙ୍କରେ ପୁଲିସ୍ ସନ୍ତ୍ରାସ ସୃଷ୍ଟି କରିଛି ଓ ଶହ ଶହ ନିରିହ ମହିଳା, ବୃଦ୍ଧ ବୃଦ୍ଧା ଏପରିକି ସ୍କୁଲରେ ପଢୁଥିବା ନାବାଳିକାମାନଙ୍କୁ ଗିରଫ କରିଛି। ସମ୍ପୃକ୍ତ ଗ୍ରାମଗୁଡ଼ିକ ପୁରୁଷଶୂନ୍ୟ ହୋଇଯାଇଛି।

ଏହିଭଳି ଏକ ଦୁଃଖଦ ପରିସ୍ଥିତିରେ ଏପ୍ରିଲ ୨୦ ତାରିଖ ଦିନ ଏସ୍.ୟୁ.ସି.ଆଇ(କମ୍ୟୁନିଷ୍ଟ), ସି.ପି.ଆଇ ଓ ସି.ପି.ଆଇ(ଏମ୍.ଏଲ୍) ଲିବରେସନ୍ ଦଳର ପ୍ରତିନିଧି ମଣ୍ଡଳୀ ଗୁଆଳିପଡା ଓ ଅନ୍ୟାନ୍ୟ ଗ୍ରାମଗୁଡ଼ିକର ଗ୍ରାମବାସୀମାନଙ୍କଠାରୁ ନିର୍ମମ ପୁଲିସ ଅତ୍ୟାଚାରର କରୁଣ କାହାଣୀ ଶୁଣିଥିଲେ ଓ ପୁଲିସ୍ ଅତ୍ୟାଚାରର ଚିହ୍ନ ସ୍ୱଚକ୍ଷୁରେ ଦେଖିଥିଲେ। ଉପରୋକ୍ତ ସମସ୍ତ ଦିଗକୁ ଦୃଷ୍ଟିରେ ରଖି ଡେଲାଙ୍ଗ ରେଳ ଷ୍ଟେସନ୍‌ରେ ଘଟିଥିବା ଅତ୍ୟନ୍ତ ନିନ୍ଦନୀୟ ଟ୍ରେନ୍ ପୋଡିକୁ ଏସ୍.ୟୁ.ସି.ଆଇ(କମ୍ୟୁନିଷ୍ଟ) ଡେଲାଙ୍ଗ ଶାଖା ପକ୍ଷରୁ ପ୍ରାୟଜିତ ବୋଲି କୁହାଯାଇଛି। ତୁରନ୍ତ ସମ୍ପୃକ୍ତ ଅଞ୍ଚଳରୁ ଇଣ୍ଡିଆନ୍ ରିଜର୍ଭ ବାଟାଲିୟନ୍ ଓ ଶସସ୍ତ୍ର ପୁଲିସ୍ ବାହିନୀକୁ ପ୍ରତ୍ୟାହାର କରିବା, ଗିରଫ ହୋଇଥିବା ନିର୍ଦ୍ଦୋଷ ଲୋକଙ୍କୁ ବିନା ସର୍ତ୍ତରେ ଖଲାସ କରିବା, ରୁଜୁ କରାଯାଇଥିବା ସମସ୍ତ ମିଥ୍ୟା ମକଦ୍ଦମା ପ୍ରତ୍ୟାହାର କରିବା, ଡେଲାଙ୍ଗ-ପୁରୀ-ବଡବିଲ୍-ଚକ୍ରଧରପୁର ଓ ପୁରୀ-ପାରାଦ୍ୱୀପ ଇଣ୍ଟରସିଟି ଏକ୍ସପ୍ରେସ୍‌ର ରହଣୀ କରିବା, ଟ୍ରେନ୍ ପୋଡି ଘଟଣାର ଉଚ୍ଚ ସ୍ତରୀୟ ତଦନ୍ତ କରି ପ୍ରକୃତ ଅପରାଧୀକୁ ଦୃଷ୍ଟାନ୍ତମୂଳକ ଦଣ୍ଡ ଦେବା ଓ ମୃତ ରତିକାନ୍ତ ଛାଟୋଇଙ୍କ ପରିବାରକୁ ଅନ୍ତତଃ ୨୦ ଲକ୍ଷ କ୍ଷତିପୂରଣ ଦେବା ପାଇଁ ଦଳ ପକ୍ଷରୁ ଦାବି କରାଯାଇଛି।

ବିଦ୍ୟୁତ୍ ଶୁଳ୍କ ହ୍ରାସ ଦାବିରେ ପାର୍ଲାମେଣ୍ଟ ସମ୍ମୁଖରେ ବିଦ୍ୟୁତ୍ ଗ୍ରାହକମାଙ୍କର ବିଶାଳ ବିକ୍ଷୋଭ

ଅଲ୍ ବେଙ୍ଗଲ ଇଲେକ୍ଟ୍ରିସିଟି କଂଜୁମରର୍ସ ଆସୋସିଏସନ୍ (ABECA) ଏବଂ ଦିଲ୍ଲୀ ଇଲେକ୍‌ସିଟି କଂଜୁମରର୍ସ ଆସୋସିଏସନ୍‌ର (DECA) ଯୌଥ ଉଦ୍ୟୋଗରେ ଗତ ଏପ୍ରିଲ ୭ ତାରିଖ ଦିନ ହଜାର ହଜାର ବିଦ୍ୟୁତ୍ ଗ୍ରାହକ ଜନବିରୋଧି ବିଦ୍ୟୁତ୍ ଆଇନ୍ ୨୦୦୩କୁ ବାତିଲ କରିବା ଦାବିରେ ପାର୍ଲାମେଣ୍ଟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସେଦିନ ସକାଳ ୧୧ଟା ସମୟରେ ରାମଲୀଳା ମଇଦାନ ଠାରୁ ବିଦ୍ୟୁତ୍ ଗ୍ରାହକମାନଙ୍କର ଏକ ସୁଶୃଙ୍ଖଳିତ ପଟୁଆର ପାର୍ଲାମେଣ୍ଟ ଅଭିମୁଖେ ଅଗ୍ରସର ହୋଇଥିଲା। ବିଦ୍ୟୁତ୍ ଆଇନ୍ ୨୦୦୩ ଏବଂ ତାର ନୂତନ ସଂଶୋଧନୀ ଆଇନ୍ ୨୦୧୫କୁ ବାତିଲ କରିବା, ବିଦ୍ୟୁତ୍ ଶୁଳ୍କ କମାଇବା ପାଇଁ କେନ୍ଦ୍ର ସରକାର ଶତକଡା ୨୦ ଏବଂ ରାଜ୍ୟ ସରକାର ୩୦ ଶତାଂଶ ସବ୍‌ସିଡି ଦେବା, ଦୁର୍ନୀତିଖୋରମାନଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଏବଂ ବିଦ୍ୟୁତ୍ ଉତ୍ପାଦନ ପାଇଁ ଉଦ୍ଦିଷ୍ଟ କୋଇଲା ଉପରୁ ୫୦ ଶତାଂଶ କୋଇଲା ରୟାଲ୍ଟି ଛାଡ କରିବା ପ୍ରଭୃତି ଦାବିରେ ଏହି ବିକ୍ଷୋଭ ଅନୁଷ୍ଠିତ ହୋଇଥିଲା। ପଶ୍ଚିମବଙ୍ଗ, ବିହାର, ଉତ୍ତରପ୍ରଦେଶ, ମଧ୍ୟପ୍ରଦେଶ, ହରିୟାଣା, ଦିଲ୍ଲୀ, ପ୍ରଭୃତି ରାଜ୍ୟରୁ ଆସିଥିବା ବିଦ୍ୟୁତ୍ ଗ୍ରାହକମାନେ ବିକ୍ଷୋଭ ଶୋଭାଯାତ୍ରାରେ ଯାଇ ଯନ୍ତରମନ୍ତରରେ ଏକ ପ୍ରତିବାଦ ସଭା କରିଥିଲେ। ଅନୁଷ୍ଠିତ ହୋଇଥିଲା।

ଏହି ସଭାରେ ଉଦ୍‌ବୋଧନ ଦେଇ ଆବେକା (ABECA) ର ପଶ୍ଚିମବଙ୍ଗ ରାଜ୍ୟ ସଭାପତି କମ୍ରେଡ୍ ସଂଜିତ ବିଶ୍ୱାସ କହିଲେ ଯେ, ୨୦୦୩ ମସିହାରେ ବିଦ୍ୟୁତ୍ ଆଇନ୍ ପ୍ରଚଳନ ସମୟରେ ତତ୍କାଳୀନ ବି.ଜେ.ପି ସରକାର କହିଥିଲା ଯେ, ଏହାଦ୍ୱାରା ଗ୍ରାହକମାନଙ୍କର ସ୍ୱାର୍ଥ ରକ୍ଷା ହେବ। କିନ୍ତୁ ୧୨ ବର୍ଷର ଅଭିଜ୍ଞତାରୁ ଜଣା ପଡିଛି ଯେ ଏହାର ଫଳ ଓଲଟା ହୋଇଛି। ବର୍ତ୍ତମାନର ନରେନ୍ଦ୍ର ମୋଦି ସରକାର ଏହି ଆଇନ୍‌କୁ ବାତିଲ କରିବା ପରିବର୍ତ୍ତେ ସଂଶୋଧନ କରି ବେସରକାରୀ କମ୍ପାନୀଗୁଡ଼ିକୁ ଆହୁରି ମୁନାଫା ଲୁଟିବାର ସୁଯୋଗ ଦେଉଛନ୍ତି ଯାହା ଗ୍ରାହକମାନଙ୍କର ସ୍ୱାର୍ଥକୁ ଆହୁରି ବିପନ୍ନ କରିବ। ଏସ୍.ୟୁ.ସି.ଆଇ(କମ୍ୟୁନିଷ୍ଟ) କେନ୍ଦ୍ରୀୟ କମିଟି ସଦସ୍ୟ କମ୍ରେଡ୍ ସତ୍ୟବାନ ତାଙ୍କ ବକ୍ତବ୍ୟରେ କହିଥିଲେ ଯେ, ହରିୟାଣା ସରକାର ବିଦ୍ୟୁତ୍ ଆଇନ୍ ୨୦୦୩ ପ୍ରୟୋଗ କରି ଗରିବ ଏବଂ ମଧ୍ୟବିତ୍ତ ମଣିଷର ସ୍ୱାର୍ଥକୁ ପଦଦଳିତ କରୁଛନ୍ତି। ସେ ଏହା ବିରୁଦ୍ଧରେ ଦେଶବ୍ୟାପୀ ଆନ୍ଦୋଳନ ଗଢିତୋଳିବାକୁ ସେ ଆହ୍ୱାନ ଜଣାଇଥିଲେ।

ଏସ୍.ୟୁ.ସି.ଆଇ(କମ୍ୟୁନିଷ୍ଟ) ଦିଲ୍ଲୀ ରାଜ୍ୟ ସାଂଗଠନିକ କମିଟିର ସମ୍ପାଦକ କମ୍ରେଡ୍ ପ୍ରାନ୍ ଶର୍ମା ତାଙ୍କ ବ୍ୟକ୍ତବ୍ୟରେ କହିଲେ ଯେ, ୨୦୦୩ ମସିହା ପରଠାରୁ ଦିଲ୍ଲୀରେ ଶତକଡା ୩୦୦ଭାଗ ବିଦ୍ୟୁତ୍ ଶୁଳ୍କ ବୃଦ୍ଧି ହୋଇଛି। ଏହାର ମୂଳ କାରଣ ହେଉଛି ସରକାରଙ୍କର ଘରୋଇକରଣ ନୀତି। ଏହି ନୀତି ବାତିଲ ନକଲେ ବିଦ୍ୟୁତ୍ ଶୁଳ୍କ ବୃଦ୍ଧିର ଅତ୍ୟାଚାର ବନ୍ଦ ହେବ ନାହିଁ। ଦିଲ୍ଲୀର ଆପ ସରକାର ଏହି ନୀତିକୁ ବାତିଲ ନକରି କିଛି ସବ୍‌ସିଡି ଦେଉଛନ୍ତି। ମାତ୍ର ଏହା ସମସ୍ୟାର ପ୍ରକୃତ ସମାଧାନ ନୁହେଁ ବୋଲି କମ୍ରେଡ୍ ଶର୍ମା କହିଥିଲେ।

ଆବେକା (ABECA) ର ସାଧାରଣ ସମ୍ପାଦକ ପ୍ରଦ୍ୟୋତ୍ ଚୌଧୁରୀ ଏହି ଜନବିରୋଧି ଆଇନ୍ ବାତିଲ କରିବା ଦାବିରେ ତୀବ୍ର ଆନ୍ଦୋଳନ ଗଢିତୋଳିବା ପାଇଁ ବିଦ୍ୟୁତ୍ ଗ୍ରହକମାନଙ୍କୁ ଆହ୍ୱାନ ଜଣାଇଥିଲେ। ଆବେକାର ସଭାପତି ସଂଜିତ ବିଶ୍ୱାସଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ କେନ୍ଦ୍ରୀୟ ବିଦ୍ୟୁତ ମନ୍ତ୍ରୀ ପିୟୁଷ ଗୋୟେଲଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଥିଲା।

ଭୂକମ୍ପ ପ୍ରପୀଡିତଙ୍କ ସହାୟତା ପାଇଁ ଏସ୍.ୟୁ.ସି.ଆଇ(କମ୍ୟୁନିଷ୍ଟ) ପକ୍ଷରୁ ରିଲିଫ୍ ସଂଗ୍ରହ

ନେପାଳ ସମେତ ଦେଶର ଉତ୍ତର ପୂର୍ବାଞ୍ଚଳରେ ଘଟିଥିବା ଭୟାବହ ଭୂମିକମ୍ପରେ ହଜାର ହଜାର ଲୋକ ମୃତ୍ୟୁବରଣ କରିଛନ୍ତି। ଏବେବି ଭଗ୍ନସ୍ତୂପ ତଳେ ହଜାର ହଜାର ଲୋକ ଚାପି ହୋଇ ରହିଛନ୍ତି। ବାସହରା ହୋଇ ଲକ୍ଷ ଲକ୍ଷ ଲୋକ ଖୋଲା ଆକାଶ ତଳେ ଅତ୍ୟନ୍ତ ଅସହାୟ ଭାବରେ ପଡି ରହିଛନ୍ତି। ନେପାଳର ସରକାରୀ ସାହାଯ୍ୟ ଏବେ ବି ପ୍ରପୀଡିତ ଜନଗଣଙ୍କର ଆବଶ୍ୟକତା ପୂରଣ କରିବା ପାଇଁ ସମ୍ପୂର୍ଣ୍ଣ ସମର୍ଥ ହୋଇପାରି ନାହିଁ। ଭୂମିକମ୍ପ ପୀଡିତ ଅସହାୟ ଜନସାଧାରଣଙ୍କ ସାହାଯ୍ୟ ପାଇଁ ଏସ୍.ୟୁ.ସି.ଆଇ.(କମ୍ୟୁନିଷ୍ଟ) କେନ୍ଦ୍ରୀୟ କମିଟି ଆହ୍ୱାନରେ ସାରାଦେଶରେ ରିଲିଫ୍ ସଂଗ୍ରହ କରାଯାଉଛି। ଏହି ଉପଲକ୍ଷେ ଏସ୍.ୟୁ.ସି.ଆଇ.(କମ୍ୟୁନିଷ୍ଟ) ଓଡିଶା ରାଜ୍ୟ କମିଟି ଆହ୍ୱାନରେ କଟକ, ରାଉରକେଲା, ବ୍ରହ୍ମପୁର, ଯାଜପୁର, ଅନୁଗୋଳ, ଭୁବନେଶ୍ୱର, ଖୋର୍ଦ୍ଧା, ଜୟପୁର, ମୟୁରଭଞ୍ଜ, କେନ୍ଦୁଝର, ଭଦ୍ରକ, ବାଲେଶ୍ୱର ପ୍ରଭୃତି ସ୍ଥାନମାନଙ୍କରେ ରିଲିଫ୍ ସଂଗ୍ରହ କରାଯାଇଛି। ଜନସାଧାରଣଙ୍କଠାରୁ ସଂଗୃହୀତ ରିଲିଫ୍ ଏସ୍.ୟୁ.ସି.ଆଇ.(କମ୍ୟୁନିଷ୍ଟ) କେନ୍ଦ୍ରୀୟ କମିଟି ଦ୍ୱାରା ପରିଚାଳିତ ରିଲିଫ୍ କ୍ୟାମ୍ପ ମାଧ୍ୟମରେ ଭୂକମ୍ପ ପ୍ରପୀଡିତ ଜନସାଧାରଣଙ୍କ ମଧ୍ୟରେ ବଣ୍ଟନ କରାଯିବ ବୋଲି ଏସ୍.ୟୁ.ସି.ଆଇ.(କମ୍ୟୁନିଷ୍ଟ) ଦଳ ପକ୍ଷରୁ ପ୍ରକାଶ କରାଯାଇଛି।

ନାଲକୋ ଓ ଏନ୍.ଟି.ପି.ସି.ରୁ ପୁଞ୍ଜି ପ୍ରତ୍ୟାହାର ବନ୍ଦ ଦାବିରେ ରାଷ୍ଟ୍ରପତିଙ୍କୁ ଦାବିପତ୍ର ପ୍ରଦାନ

ନାଲକୋ, ଏନ୍.ଟି.ପି.ସି, ସେଲ୍, ହିନ୍ଦୁସ୍ଥାନ କପର ସମେତ ୧୨ଟି ରାଷ୍ଟ୍ରାୟତ୍ତ ଉଦ୍ୟୋଗରୁ ୫ରୁ ୧୫ ପ୍ରତିଶତ ପର୍ଯ୍ୟନ୍ତ ପୁଞ୍ଜି ପ୍ରତ୍ୟାହାର କରିବା ପାଇଁ ବିଜେପି ପରିଚାଳିତ କେନ୍ଦ୍ର ସରକାର ଗ୍ରହଣ କରିଥିବା ନିଷ୍ପତ୍ତିକୁ ଅବିଳମ୍ବେ ବାତିଲ କରିବା ଦାବିରେ ଏପ୍ରିଲ ୧୭ ତାରିଖ ଦିନ ଏସ୍.ୟୁ.ସି.ଆଇ.(କମ୍ୟୁନିଷ୍ଟ) ଅନୁଗୁଳ ଜିଲ୍ଲା କମିଟି ପକ୍ଷରୁ ଭାରତର ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଅନୁଗୁଳ ଜିଲ୍ଲାପାଳଙ୍କ ଜରିଆରେ ପ୍ରଦାନ କରାଯାଇଛି। ଏହି ଦାବିପତ୍ରରେ ଉଲ୍ଲେଖ କରାଯାଇଛିଯେ କେନ୍ଦ୍ର ସରକାର ପୁଞ୍ଜି ପ୍ରତ୍ୟାହାର ପାଇଁ ଯେଉଁ ୧୨ଟି ରାଷ୍ଟ୍ରାୟତ୍ତ ଉଦ୍ୟୋଗ ତାଲିକାଭୁକ୍ତ କରିଛନ୍ତି ଏହିସବୁ ରାଷ୍ଟ୍ରାୟତ୍ତ ଉଦ୍ୟୋଗ ଗୁଡିକୁ ଦେଶର ଜନସାଧାରଣଙ୍କ କର ଖଜଣାରେ ଗଠିତ ଦେଶର ରାଜକୋଷର ଅର୍ଥରେ ପ୍ରତିଷ୍ଠା କରାଯାଇଛି। ଏଗୁଡିକ ମଧ୍ୟରେ ନାଲକୋ ଭଳି ଲାଭଦାୟକ ନବରତ୍ନ କମ୍ପାନୀ ଏବଂ ଏନ୍.ଟି.ପି.ସି. ଭଳି ମହାରତ୍ନ କମ୍ପାନୀ ଗୁଡିକ ଅନ୍ତର୍ଭୁକ୍ତ। ଏହିସବୁ କମ୍ପାନୀରୁ ପୁଞ୍ଜି ପ୍ରତ୍ୟାହାର କରିବା ପାଇଁ ସରକାର ଯେଉଁ ଜଘନ୍ୟ ନୀତି ଗ୍ରହଣ କରିଛନ୍ତି ତାହାଦ୍ୱାରା ଏଗୁଡିକର ଘରୋଇକରଣ କରିବା ସଙ୍ଗେ ସଙ୍ଗେ ଦେଶର ଅର୍ଥନୀତିର ସଂକଟ ସୃଷ୍ଟି କରିବ। ତେଣୁ ନାଲକୋ ଓ ଏନ୍.ଟି.ପି.ସି. ସମେତ ୧୨ଟି ରାଷ୍ଟ୍ରାୟତ୍ତ ଉଦ୍ୟୋଗରୁ ପୁଞ୍ଜି ପ୍ରତ୍ୟାହାର ନିଷ୍ପତ୍ତିକୁ ବନ୍ଦ କରିବା ପାଇଁ ହସ୍ତକ୍ଷେପ କରିବା ନିମନ୍ତେ ଏସ୍.ୟୁ.ସି.ଆଇ.(କମ୍ୟୁନିଷ୍ଟ) ଅନୁଗୁଳ ଜିଲ୍ଲା କମିଟି ପକ୍ଷରୁ ଭାରତର ରାଷ୍ଟ୍ରପତିଙ୍କୁ ଅନୁରୋଧ କରାଯାଇଛି। ଏସ୍.ୟୁ.ସି.ଆଇ.(କମ୍ୟୁନିଷ୍ଟ) ଅନୁଗୁଳ ଜିଲ୍ଲା କମିଟି ପକ୍ଷରୁ କମ୍ରେଡ୍ ନବକିଶୋର ପ୍ରଧାନ, ଜୟସେନ୍ ମେହେର, ବ୍ରଜବନ୍ଧୁ ସାହୁ, ସୁବାସ ପ୍ରଧାନ, ମାନସ ପାଳ, ମନ୍ଦୋଦରୀ ରାଉଳ, ସଞ୍ଜୟ ସାହୁଙ୍କୁ ନେଇ ଏକ ପ୍ରତିନିଧି ମଣ୍ଡଳୀ ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ଉପଜିଲ୍ଲାପାଳଙ୍କୁ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଥିଲେ।

କ୍ଷତିଗ୍ରସ୍ତଙ୍କୁ ଜେଏସ୍‌ପିଏଲ୍‌ରେ ଆପ୍ରେଣ୍ଟିସ୍ ପ୍ରଦାନ ଦାବିରେ ଯୁବ ଧାରଣା

ଜିନ୍ଦଲ ଷ୍ଟିଲ୍ ଆଣ୍ଡ ପାୱାର ଲିଃ (ଜେ.ଏସ୍.ପି.ଏଲ୍.), ଅନୁଗୁଳ ପ୍ରକଳ୍ପ ଦ୍ୱାରା କ୍ଷତିଗ୍ରସ୍ତ ବିସ୍ଥାପିତ ଅଞ୍ଚଳର ଆଇ.ଟି.ଆଇ. ତାଲିମ୍‌ପ୍ରାପ୍ତ ଯୁବକ-ଯୁବତୀଙ୍କୁ ଅଗ୍ରାଧିକାର ଭିତ୍ତିରେ ସେହି ପ୍ଲାଣ୍ଟରେ ଆପ୍ରେଣ୍ଟିସ୍ ପ୍ରଦାନ କରିବା ଦାବିରେ “ଜେ.ଏସ୍.ପି.ଏଲ୍ ଆପ୍ରେଣ୍ଟିସ୍ ଆଣ୍ଡ ଟ୍ରେନିଜ୍ ଆକ୍‌ସନ୍ କମିଟି” ନେତୃତ୍ୱରେ ଆଜି ଅନୁଗୁଳ ଜିଲ୍ଲାପାଳ ଅଫିସ ସମ୍ମୁଖରେ ଯୁବ ଧାରଣା ଅନୁଷ୍ଠିତ ହୋଇଯାଇଛି। ସୂଚନାଯୋଗ୍ୟ ବୈଷୟିକ ଶିକ୍ଷା ଓ ତାଲିମ୍ ବିଭାଗର ନିର୍ଦ୍ଦେଶକ ଗତ ଜୁଲାଇ ୨୮ ତାରିଖରେ ଜେ.ଏସ୍.ପି.ଏଲ୍, ଅନୁଗୁଳର ଷ୍ଟିଲ୍ ଓ ପାୱାର ପ୍ଲାଣ୍ଟରେ ବିଭିନ୍ନ ଟ୍ରେଡରେ ୧୧୩ଟି ଆପ୍ରେଣ୍ଟିସ୍ ସିଟ୍ ପାଇଁ ମଞ୍ଜୁରୀ ପ୍ରଦାନ କରିଛନ୍ତି। କିନ୍ତୁ ଦୁଃଖର ବିଷୟ ଏହି ଯେ, ବହୁବାର ଦାବି କରିବା ସତ୍ତ୍ୱେ ମଧ୍ୟ ଜେ.ଏସ୍.ପି.ଏଲ୍ କ୍ଷତିଗ୍ରସ୍ତ ଆଇ.ଟି.ଆଇ. ତାଲିମ୍‌ପ୍ରାପ୍ତ ଯୁବକ-ଯୁବତୀଙ୍କୁ ଜେ.ଏସ୍.ପି.ଏଲ୍.ରେ ଆପ୍ରେଣ୍ଟିସ୍ ପ୍ରଦାନ କରିବା ପାଇଁ କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ। ତେଣୁ ଜେ.ଏସ୍.ପି.ଏଲ୍. କ୍ଷତିଗ୍ରସ୍ତ ଆଇ.ଟି.ଆଇ. ତାଲିମ୍‌ପ୍ରାପ୍ତ ଯୁବକ-ଯୁବତୀଙ୍କୁ ଜେ.ଏସ୍.ପି.ଏଲ୍.ରେ ସମସ୍ତ ୧୧୩ଟି ଆପ୍ରେଣ୍ଟିସ୍ ସିଟ୍‌ରେ ଆପ୍ରେଣ୍ଟିସ୍ ପ୍ରଦାନ କରିବା ଦାବିରେ ଏହି ଯୁବ ଧାରଣା ଅନୁଷ୍ଠିତ ହୋଇଥିଲା। ଧାରଣାକାରୀଙ୍କ ପକ୍ଷରୁ “ଜେ.ଏସ୍.ପି.ଏଲ୍ ଆପ୍ରେଣ୍ଟିସ୍ ଆଣ୍ଡ ଟ୍ରେନିଜ୍ ଆକ୍‌ସନ୍ କମିଟି”ର ସଭାପତି ମାନସ ପାଳଙ୍କ ନେତୃତ୍ୱରେ ଟୁକୁନା ସାହୁ, ଶେଷଦେବ ସାହୁ, ରଞ୍ଜନ ମହାପାତ୍ର, ପ୍ରତାପ ସାହୁ, ପ୍ରମୋଦ ବିଶ୍ୱାଳ ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଉପରୋକ୍ତ ଦାବି ସମ୍ୱଳିତ ଦାବିପତ୍ରକୁ ଉପଜିଲ୍ଲାପାଳଙ୍କୁ ପ୍ରଦାନ କରି ଆଲୋଚନା କରିଥିଲେ। ଆକସନ୍ କମିଟିର ଉପଦେଷ୍ଟା ଜୟସେନ ମେହେର ଧାନଣାକାରୀଙ୍କୁ ଉଦ୍‌ବୋଧନ ଦେଇଥିଲେ।

ଏସ୍.ୟୁ.ସି.ଆଇ(କମ୍ୟୁନିଷ୍ଟ)ର ପ୍ରତିଷ୍ଠା ଦିବସ ଉପଲକ୍ଷେ ମୟୁରଭଞ୍ଜରେ ଜନସଭା

ଏସ୍.ୟୁ.ସି.ଆଇ(କମ୍ୟୁନିଷ୍ଟ) ଦଳର ପ୍ରତିଷ୍ଠା ଦିବସ ଉପଲକ୍ଷେ ଯଶିପୁର ବ୍ଲକର ଅଙ୍ଗାରପଦା, ଧାଡିକିଆ, ରରୁଆଁ ବ୍ଲକ୍‌ର ଶଙ୍କରପୁର, କୁସୁମୀ ବ୍ଲକ୍‌ର ହାଟବାଦଳା ଏବଂ ବିଶୋଇ ବ୍ଲକ୍‌ର ବନେଇକଳା ଠାରେ ଜନସଭାମାନ ଅନୁଷ୍ଠିତ ହୋଇଯାଇଛି। ଏହି ସଭାମାନଙ୍କରେ ଏସ୍.ୟୁ.ସି.ଆଇ(କମ୍ୟୁନିଷ୍ଟ) ଦଳର ରାଜ୍ୟ କମିଟି ସଦସ୍ୟ ତଥା ପୂର୍ବତନ ବିଧାୟକ କମ୍ରେଡ୍ ଶମ୍ଭୁନାଥ ନାଏକ ମୁଖ୍ୟ ବକ୍ତା ଭାବରେ ଯୋଗ ଦେଇଥିଲେ। କମ୍ରେଡ୍ ନାୟକ ତାଂକ ବକ୍ତବ୍ୟରେ କହିଥିଲେ ଯେ ସର୍ବହରାର ମହାନ୍ ନେତା, ଏ ଯୁଗର ବିଶିଷ୍ଟ ମାର୍କ୍ସବାଦୀ ଚିନ୍ତା ନାୟକ କମ୍ରେଡ୍ ଶିବଦାସ ଘୋଷଙ୍କ ନେତୃତ୍ୱରେ ପ୍ରତିଷ୍ଠିତ ଏସ୍.ୟୁ.ସି.ଆଇ(କମ୍ୟୁନିଷ୍ଟ) ହିଁ ସ୍ୱାଧୀନତା ପରେ ଦେଶରେ ପୁଞ୍ଜିବାଦୀ ଅର୍ଥନୈତିକ ବ୍ୟବସ୍ଥା ପ୍ରତିଷ୍ଠିତ ହୋଇଛି ବିଶ୍ଳେଷଣ କରି ଦର୍ଶାଇଥିଲେ। ଏହାଫଳରେ ଶୋଷଣ, ଅତ୍ୟାଚାର, ଜୁଲୁମ ବଢି ବଢି ଚାଲିଛି। ଦେଶରେ ଶ୍ରମିକ, ଚାଷୀ ବିରୋଧି କଳା ଆଇନ୍, ଶିକ୍ଷା ମାରଣନୀତି, ଚିକିତ୍ସା ବ୍ୟବସ୍ଥାରେ ଘରୋଇକରଣ ନୀତି ଲାଗୁ କରାଯାଇଛି। କମ୍ରେଡ୍ ଶିବଦାସ ଘୋଷଙ୍କ ବିଚାର ଓ ବିଶ୍ଳେଷଣ ଅନୁଯାୟୀ ସମସ୍ତ ପ୍ରକାର ଶୋଷଣ, ଅତ୍ୟାଚାରରୁ ମୁକ୍ତି ପାଇବାକୁ ହେଲେ ପୁଞ୍ଜିବାଦ ବିରୋଧି ସମାଜତାନ୍ତ୍ରିକ ବିପ୍ଳବ ହିଁ ଏକମାତ୍ର ରାସ୍ତା ବୋଲି କମ୍ରେଡ୍ ନାଏକ ମତବ୍ୟକ୍ତ କରିଥିଲେ। କମ୍ରେଡ୍ ମନୋଜ ମହାନ୍ତ, ସର୍ବେଶ୍ୱର ମହାନ୍ତ, ଜତିନ ମହାନ୍ତ, ମଙ୍ଗିଲାଲ ହେମ୍ବ୍ରମ୍ , ଜିତ୍‌ମୋହନ ମହାନ୍ତ ପ୍ରମୁଖ ଏହି ସମସ୍ତ ସଭା ପରିଚାଳନା କରିଥିଲେ।

ଏସ୍.ୟୁ.ସି.ଆଇ(କମ୍ୟୁନିଷ୍ଟ) ପକ୍ଷରୁ ରାଜ୍ୟବ୍ୟାପୀ ମଇ ଦିବସ ପାଳିତ

ବିଶ୍ୱ ଶ୍ରମିକ ଦିବସକୁ ଯଥାଯୋଗ୍ୟ ମର୍ଯ୍ୟାଦାର ସହିତ ପାଳନ କରିବା ପାଇଁ ଉପଲକ୍ଷେ ଏସ୍.ୟୁ.ସି.ଆଇ(କମ୍ୟୁନିଷ୍ଟ) ପକ୍ଷରୁ ଆହ୍ୱାନ ଦିଆଯାଇଛି । ଏହି ଆହ୍ୱାନ ଅନୁଯାୟୀ ମଇ ପହିଲା ଦିନ ପୂର୍ବାହ୍ନରେ ରାଜ୍ୟବ୍ୟାପୀ ଏସ୍.ୟୁ.ସି.ଆଇ(କମ୍ୟୁନିଷ୍ଟ) କାର୍ଯ୍ୟାଳୟମାନଙ୍କରେ ରକ୍ତ ପତାକା ଉତ୍ତୋଳନ ଓ ବିଶ୍ୱ ସାମ୍ୟବାଦୀ ଆନ୍ଦୋଳନର ମହାନ୍ ନେତାମାନଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରାଯାଇଥିଲା । ପରେ ଏସ୍.ୟୁ.ସି.ଆଇ(କମ୍ୟୁନିଷ୍ଟ) କର୍ମୀମାନେ ବିଭିନ୍ନ ଅଫିସ ଦପ୍ତରର, କଳ କାରଖାନା, ସମେତ ବିଭିନ୍ନ ଶିକ୍ଷାନୁଷ୍ଠାନର ଶ୍ରମିକମାନଙ୍କୁ ମଇ ଦିବସର ବ୍ୟାଜ୍ ପିନ୍ଧାଇଥିଲେ । ଐତିହାସିକ ମଇ ଦିବସ ଉପଲକ୍ଷେ ରାଜ୍ୟର ବିଭିନ୍ନ ସ୍ଥାନରେ ଗ୍ରହଣ କରାଯାଇଥିବା କାର୍ଯ୍ୟକ୍ରମର ସଂକ୍ଷିପ୍ତ ରିପୋର୍ଟ ଏଠାରେ ପ୍ରକାଶ କରାଯାଉଛି ।

ମୟୁରଭଞ୍ଜ:- ଅଲ୍ ଇଣ୍ଡିଆ ୟୁ.ଟି.ୟୁ.ସି ସହ ସହବନ୍ଧିତ ଇଷ୍ଟର୍ଣ୍ଣ ହ୍ୟାଚେରୀ ୱାର୍କସ ୟୁନିୟନ୍, ଅଙ୍ଗାରପଦା ଓ ଇଷ୍ଟର୍ଣ୍ଣ ହ୍ୟାଚେରୀ ୱାର୍କସ ୟୁନିୟନ ବାକରତଳା ପକ୍ଷରୁ ମେ ପହିଲା ଶ୍ରମିକ ଦିବସ ଉପଲକ୍ଷେ ପୃଥକ ପୃଥକଭାବରେ ସଭାମାନ ଅନୁଷ୍ଠିତ ହୋଇଯାଇଛି । ପୂର୍ବାହ୍ନରେ ଅଙ୍ଗାରପଦା ଫାର୍ମ ଗେଟ୍ ସମ୍ମୁଖରେ ଶତାଧିକ ଶ୍ରମିକ କର୍ମଚାରୀ ଏକଜୁଟ ହୋଇ ମଇ ଦିବସ ଉପଲକ୍ଷେ ପ୍ରସ୍ତୁତ ହୋଇଥିବା ବ୍ୟାଜ୍ ପରିଧାନ କରିଥିଲେ । ଏହା ପରେ ପତାକା ଉତ୍ତୋଳନ କାର୍ଯ୍ୟକ୍ରମ ହୋଇଥିଲା । ଅଲ୍ ଇଣ୍ଡିଆ ୟୁ.ଟି.ୟୁ.ସି ରାଜ୍ୟ କମିଟି ସଭାପତି କମ୍ରେଡ୍ ଶମ୍ଭୁନାଥ ନାଏକ ପତାକା ଉତ୍ତୋଳନ କରିଥିଲେ । ପତାକା ଉତ୍ତୋଳନ ପରେ ଶ୍ରମିକମାନଙ୍କ ସମାବେଶରେ ବର୍ତ୍ତମାନ କେନ୍ଦ୍ର ଓ ରାଜ୍ୟ ସରକାରଙ୍କର ଶ୍ରମିକମାରଣ ନୀତିର ତୀବ୍ର ସମାଲୋଚନା କରିବା ସଙ୍ଗେ ସଙ୍ଗେ ବହୁ କଷ୍ଟରେ ଅର୍ଜିତ ଶ୍ରମିକ ଶ୍ରେଣୀର ଅଧିକାରଗୁଡ଼ିକୁ ଖର୍ବ କରିବାକୁ ଦିଆଯିବ ନାହିଁ ବୋଲି କମ୍ରେଡ୍ ନାଏକ ମତବ୍ୟକ୍ତ କରିବା ସଙ୍ଗେ ସଙ୍ଗେ ଐକ୍ୟବଦ୍ଧ ଶ୍ରମିକ ଆନ୍ଦୋଳନ ଗଢିତୋଳିବାକୁ ଆହ୍ୱାନ ଦେଇଥିଲେ । ଅପରାହ୍ନରେ ଅନୁରୂପ ସଭା ବାକରତଳାଠାରେ ମଧ୍ୟ ଅନୁଷ୍ଠିତ ହୋଇଥିଲା । ଯଶିପୁର ବଜାରରେ କମ୍ରେଡ୍ ମନୋଜ ମହାନ୍ତଙ୍କ ନେତୃତ୍ୱରେ ଏସ୍.ୟୁ.ସି.ଆଇ(କମ୍ୟୁନିଷ୍ଟ) କର୍ମୀମାନେ ମହାନ ମଇ ଦିବସ ଉପଲକ୍ଷେ ସର୍ବସାଧାରଣଙ୍କୁ ଲାଲ ପତାକା ପରିଧାନ କରାଇଥିଲେ ।

ବୈପାରୀଗୁଡା:- ମହାନ୍ ମଇ ଦିବସ ପରିପ୍ରେକ୍ଷୀରେ ସ୍ଥାନୀୟ ଶହୀଦ ଲକ୍ଷ୍ମଣ ନାୟକ ପାଠାଗାରଠାରେ ଶ୍ରମିକ ନେତା ରାମ ବାରିକଙ୍କ ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଥିଲା । ସଭା ପୂର୍ବରୁ ଶ୍ରମିକମାନେ ଶୋଭାଯାତ୍ରା କରି ବୈପାରୀଗୁଡା ସହର ପରିକ୍ରମା କରିଥିଲେ । ପାଠାଗାରଠାରେ ଅନୁଷ୍ଠିତ ସଭାରେ ସେବା ପେପର ମିଲର ଶ୍ରମିକ ଓ କର୍ମଚାରୀଙ୍କ ୟୁନିୟନ୍‌ର ସଭାପତି ଦୁର୍ଯ୍ୟୋଧନ ମହାନ୍ତି ମୁଖ୍ୟ ବକ୍ତା ଭାବେ ଯୋଗ ଦେଇଥିବା ବେଳେ ଅନ୍ୟତମ ବକ୍ତା ରୂପେ ସୁରଜିତ୍ ସ୍ୱାଇଁ ଓ ରବୀନ୍ଦ୍ର ପଣ୍ଡା ଯୋଗ ଦେଇଥିଲେ । ଏହି ସଭାର ବକ୍ତାମାନେ ଶ୍ରମିକମାନେ ସଂଗଠିତଭାବେ ସେମାନଙ୍କର ନାର୍ଯ୍ୟ ଦାବି ହାସଲ ପାଇଁ ମାଲିକ ଓ ସରକାରଙ୍କର ଶ୍ରମିକ ମାରଣନୀତି ବିରୋଧରେ ଦୁର୍ବାର ଗଣ ଆନ୍ଦୋଳନ ଗଢିତୋଳିବା ପାଇଁ ଆହ୍ୱାନ ଦେଇଥିଲେ । ସଭା ଶେଷରେ ମୁଖ୍ୟ ଅତିଥି ଶ୍ରୀଯୁକ୍ତ ଦୁର୍ଯ୍ୟୋଧନ ମହାନ୍ତି ୫ ଜଣ ବିଶିଷ୍ଟ ଶ୍ରମିକ, ଖଲାସି ସୁନାଧର ନାୟକ, ନୀଳକଣ୍ଠ ଗାଦକା, ଜାକବ ଡଙ୍ଗରୀ, ଲକ୍ଷ୍ମଣ ପରଜା ଓ ଗଣପତି ପାଲିଗୁଡିଆଙ୍କୁ ଉପଢୌକନ ଦେଇ ସମ୍ମାନିତ କରିଥିଲେ । ଏହି ସଭା ଓ ସଭାଯାତ୍ରାକୁ ଈଶ୍ୱର କମାର, ପତି ଦଣ୍ଡସେନା, ଜଗବନ୍ଧୁ ହରିଜନ, ତ୍ରିନାଥ ଗୁନିଆଁ ଓ ଲକ୍ଷ୍ମଣ ପରଜା ପରିଚାଳନା କରିଥିଲେ ।

ଜଗତସିଂହପୁର:- ଆନ୍ତର୍ଜାତିକ ଶ୍ରମିକ ଦିବସ ଉପଲକ୍ଷେ ଅଲ୍ ଇଣ୍ଡିଆ ୟୁ.ଟି.ୟୁ.ସି ଜଗତସିଂହପୁର ଜିଲ୍ଲା ୟୁନିଟ୍ ପକ୍ଷରୁ ଶୋଭାଯାତ୍ରା ଓ ସଭା କରାଯାଇଥିଲା । ନିର୍ମାଣ ଶ୍ରମିକ ସଂଗଠନ, ପାଚିକା ସହାୟିକା ସଂଘ, ସ୍ୱାବଲମ୍ବୀ କାରିଗର ସଂଘ ତଥା ଅନ୍ୟାନ୍ୟ କ୍ଷେତ୍ରରୁ ୫୦୦ଶହ ଶ୍ରମିକ ସହରରେ ଏକ ଶୋଭାଯାତ୍ରା କରିଥିଲେ । ଏହା ପରେ ବଙ୍ଗଳା ଛକରେ ଅଲ ଇଣ୍ଡିଆ ୟୁ.ଟି.ୟୁ.ସି ଜିଲ୍ଲା ଆବାହକ ପ୍ରଦୀପ ରାମଙ୍କ ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ମୁଖ୍ୟବକ୍ତାଭାବେ ଅଲ୍.ଇଣ୍ଡିଆ ୟୁ.ଟି.ୟୁ.ସି ରାଜ୍ୟ ସମ୍ପାଦକ କମ୍ରେଡ୍ ଜୟସେନ୍ ମେହେର ଓ ଅନ୍ୟତମ ବକ୍ତାଭାବେ ଏସ୍.ୟୁ.ସି.ଆଇ(କମ୍ୟୁନିଷ୍ଟ) ରାଜ୍ୟ କମିଟି ସଦସ୍ୟ ସଦାଶିବ ଦାସ ଯୋଗଦେଇ ଐକ୍ୟବଦ୍ଧ ଶ୍ରମିକ ଆନ୍ଦୋଳନ ଗଢି ତୋଳିବାକୁ ଜନସାଧାରଣଙ୍କୁ ଆହ୍ୱାନ ଦେଇଥିଲେ ।

କଟକ:- କଟକଠାରେ ଅଲ୍ ଇଣ୍ଡିଆ ୟୁ.ଟି.ୟୁ.ସି, ସି.ଆଇ.ଟି.ୟୁ, ଏଚ୍.ଏମ୍.ଏସ୍, କଟକ ସିଟି କୋଅର୍ଡିନେସନ୍ କମିଟି ଓ କଟକ ସିଟି ଫେଡେରେସନ୍ ପକ୍ଷରୁ ମିଳିତଭାବରେ ମଇ ଦିବସ ପାଳିତ ହୋଇଯାଇଛି । ଏହି ଉପଲକ୍ଷେ ସ୍ଥାନୀୟ ରାଜାବଗିଚା ଲେବରକଲୋନୀ ଛକରୁ ଏକ ମିଳିତ ଶୋଭାଯାତ୍ରା କଟକ ରେଳ ଷ୍ଟେସନ୍ ଯାଇଥିଲା ଓ ସେଠାରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା । ଅଲ୍ ଇଣ୍ଡିଆ ୟୁ.ଟି.ୟୁ.ସି ରାଜ୍ୟ କମିଟି ସଦସ୍ୟ କମ୍ରେଡ୍ ଲକ୍ଷ୍ମୀଧର ମହାନ୍ତି ସଭାପତି ମଣ୍ଡଳୀର ଅନ୍ୟତମ ସଦସ୍ୟଭାବରେ ସଭାକାର୍ଯ୍ୟ ପରିଚାଳନା କରିଥିବା ବେଳେ କମ୍ରେଡ୍ ରାଜକିଶୋର ମଲ୍ଲିକ ଅଲ୍ ଇଣ୍ଡିଆ ୟୁ.ଟି.ୟୁ.ସି ପକ୍ଷରୁ ବକ୍ତବ୍ୟ ରଖିଥିଲେ । ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ପରିଚାଳିତ କେନ୍ଦ୍ର ବି.ଜେ.ପି ସରକାର ଶ୍ରମ ଆଇନ୍‌ରେ ମାରାତ୍ମକ ସଂଶୋଧନ କରି ଶ୍ରମିକମାନଙ୍କର ଅଧିକାରଗୁଡ଼ିକୁ ଗୋଟିଏ ପରେ ଗୋଟିଏ ଅପହରଣ କରୁଛନ୍ତି ବୋଲି କହିବା ସଙ୍ଗେ ସଙ୍ଗେ ବିଭିନ୍ନ ଟ୍ରେଡ୍ ୟୁନିୟନ୍‌ମାନଙ୍କର ମିଳିତ ଆନ୍ଦୋଳନର ଆବଶ୍ୟକତା ଉପରେ କମ୍ରେଡ୍ ଗୁରୁତ୍ୱ ଆରୋପ କରିଥିଲେ ।

ସୁନ୍ଦରଗଡ:- ଅଲ୍ ଇଣ୍ଡିଆ ୟୁ.ଟି.ୟୁ.ସି ସହ ସହବନ୍ଧିତ ରାଉରକେଲା ୱାର୍କର୍ସ ୟୁନିୟନ୍, ରାଜଗାଙ୍ଗପୁର ଇଞ୍ଜିନିୟରିଂ ୱାର୍କର୍ସ ୟୁନିୟନ୍ ଏବଂ ରାଉରକେଲା ଇଞ୍ଜିନିୟରିଂ ଉଦ୍ୟୋଗରେ ଆନ୍ତର୍ଜାତିକ ଶ୍ରମିକ ଦିବସ ଯଥାଯୋଗ୍ୟ ମର୍ଯ୍ୟାଦାର ସହିତ ପାଳନ କରାଯାଇଛି । ମେ ପହିଲା ଦିନ ବିଭିନ୍ନ ୟୁନିୟନ୍ ଅଫିସରେ ରକ୍ତ ପତାକା ଉତ୍ତୋଳନ ହୋଇଥିଲା । ରାଜଗାଙ୍ଗପୁର ଇଞ୍ଜିନିୟରିଂ ୱାର୍କର୍ସ ୟୁନିୟନ୍ ଉଦ୍ୟୋଗରେ ମଇ ୧ ତାରିଖ ଦିନ ରାଜଗାଙ୍ଗପୁରସ୍ଥିତ ୟୁନିୟନ୍ ଅଫିସଠାରେ, ମଇ ୩ତାରିଖ ଦିନ ରାଉରକେଲା ୱାର୍କର୍ସ ୟୁନିୟନ୍ ଉଦ୍ୟୋଗରେ ସେକ୍ଟର ୧୭ସ୍ଥିତ ୟୁନିୟନ୍ ଅଫିସଠାରେ ଏବଂ ମଇ ୬ ତାରିଖ ଦିନ ରାଉରକେଲା ଇଞ୍ଜିନିୟରିଂ ୱାର୍କର୍ସ ୟୁନିୟନ୍ ଉଦ୍ୟୋଗରେ ରାଉରକେଲା ଡେଲି ମାର୍କେଟସ୍ଥିତ ୟୁନିୟନ୍ ଅଫିସଠାରେ ଆଲୋଚନା ସଭାମାନ ଆୟୋଜିତ ହୋଇଥିଲା । ରାଜଗାଙ୍ଗପୁରରେ ଅନୁଷ୍ଠିତ ଆଲୋଚନା ସଭାରେ ସଭାପତିତ୍ୱ କରିଥିଲେ କମ୍ରେଡ୍ ଜଷ୍ଟିନ୍ ଲୁଗୁନ୍ । ଏହି ସଭାରେ ମୁଖ୍ୟ ବକ୍ତାଭାବରେ ଯୋଗଦେଇଥିଲେ ଅଲ୍ ଇଣ୍ଡିଆ ୟୁ.ଟି.ୟୁ.ସିର ରାଜ୍ୟ କମିଟିର ଅନ୍ୟତମ ଉପସଭାପତି ସତ୍ୟପ୍ରିୟ ମହାନ୍ତି । ସମର ସରକାର, ନଳିନି ମହାଳିକ, ସୁଦର୍ଶନ ଲୁଗୁନ୍, ଅଜୟ ତିର୍କି ପ୍ରମୁଖ ସଭାରେ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ରାଉରକେଲାଠାରେ ଅନୁଷ୍ଠିତ ସଭାରେ ସଭାପତିତ୍ୱ କରିଥିଲେ ରାଉରକେଲା ୱାର୍କର୍ସ ୟୁନିୟନର ସାଧାରଣ ସମ୍ପାଦକ କମ୍ରେଡ୍ ସତ୍ୟପ୍ରିୟ ମହାନ୍ତି । ଏହି ସଭାରେ ମୁଖ୍ୟ ଆଲୋଚକ ଭାବେ ଯୋଗଦେଇଥିଲେ ୟୁନିୟନର କାର୍ଯ୍ୟକାରୀ ସଭାପତି ତଥା ଫେଡେରେସନ୍ ଅଫ୍ ଇଣ୍ଡିଆନ୍ ଷ୍ଟିଲ୍ ୱାର୍କର୍ସର ସାଧାରଣ ସମ୍ପାଦକ କମ୍ରେଡ୍ ଶଙ୍କର ଦାସଗୁପ୍ତ । ୟୁନିୟନ୍‌ର ସହକାରୀ ସାଧାରଣ ସମ୍ପାଦକ କମ୍ରେଡ୍ ଅଜିତ୍ ନାଏକ, ଶ୍ରୀନିବାସ ସେଠୀ, ଅଜୟ ମହାନ୍ତି, ଜି.ଏନ୍. ତ୍ରିପାଠୀ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ସେହିପରି ମେ ୬ ତାରିଖ ଦିନ ଅନୁଷ୍ଠିତ ସଭାରେ ସଭାପତିତ୍ୱ କରିଥିଲେ ରାଉରକେଲା ଇଞ୍ଜିନିୟରିଂ ୱାର୍କର୍ସ ୟୁନିୟନ୍‌ର ସାଧାରଣ ସମ୍ପାଦକ କମ୍ରେଡ୍ ଜି.ଏନ୍.ତ୍ରିପାଠୀ ଏବଂ ଉକ୍ତ ସଭାରେ ମୁଖ୍ୟବକ୍ତାଭାବେ ଯୋଗଦେଇଥିଲେ ଅଲ୍ ଇଣ୍ଡିଆ ୟୁ.ଟି.ୟୁ.ସି ରାଜ୍ୟ ଉପସଭାପତି କମ୍ରେଡ୍ ସତ୍ୟପ୍ରିୟ ମହାନ୍ତି ଅନ୍ୟତମ ବକ୍ତାଭାବେ ଯୋଗଦେଇଥିଲେ । ଅଲ୍ ଇଣ୍ଡିଆ ୟୁ.ଟି.ୟୁ.ସିର ଜିଲ୍ଲା ସମ୍ପାଦକ କମ୍ରେଡ୍ ଅଜିତ୍ ନାୟକ ଏବଂ ଜିଲ୍ଲା ଅଫିସ ସମ୍ପାଦକ କମ୍ରେଡ୍ ବିଷ୍ଣୁ ପଣ୍ଡା, କିନୁ ଲୋହାର, ଗୁରୁ ମୋହନ ସିଂ, ବିଜୟ ସାହୁ, ସୀମାଞ୍ଚଳ ମାଦଳା ପ୍ରମୁଖ ଏହି ସଭାକାର୍ଯ୍ୟରେ ଅଂଶଗ୍ରହଣ କରିଥିଲେ ।

ଏସ୍.ୟୁ.ସି.ଆଇ(କମ୍ୟୁନିଷ୍ଟ) ଦଳର ୬୮ତମ...

ଉଦ୍ୟମ କରନ୍ତି । ସବୁ ସମସ୍ୟାର ମୂଳ କାରଣ ପୁଞ୍ଜିବାଦୀ ବ୍ୟବସ୍ଥାକୁ ଜନରୋଷକୁ, ବିପ୍ଳବର ଆଘାତରୁ ବଞ୍ଚାଇବାରେ ଲାଗି ପଡନ୍ତି । ଶୋଷିତ ମଣିଷର ପ୍ରତିବାଦୀ ମାନସିକତାକୁ ମାରିଦେବା ପାଇଁ ସେମାନଙ୍କ ଐକ୍ୟକୁ ବିନଷ୍ଟ କରିବା ପାଇଁ ବି.ଜେ.ପି, ଆର୍.ଏସ୍.ଏସ୍. ହିନ୍ଦୁତ୍ୱ ନାଁରେ ସାମ୍ପ୍ରଦାୟିକତାର ନଗ୍ନ ଖେଳ ଖେଳୁଛନ୍ତି । ବିବେକାନନ୍ଦ, ଚୈତନ୍ୟଙ୍କ ହିନ୍ଦୁତ୍ୱ ସହିତ ଆର୍.ଏସ୍.ଏସ୍ ଓ ବି.ଜେ.ପିର ହିନ୍ଦୁତ୍ୱର କୌଣସି ସମ୍ପର୍କ ନାହିଁ । ମା' ପେଟଚିରି ଭ୍ରୁଣକୁ ହତ୍ୟା କରିବା, ମା' କୋଳରୁ ସନ୍ତାନକୁ ଛଡେଇ ନେଇ ହତ୍ୟା କରିବା କେଉଁ ହିନ୍ଦୁ ଦର୍ଶନରେ ଅଛି ? ମହାତ୍ମା ଫୁଲେ, ବିଦ୍ୟାସାଗର, ରାଜା ରାମମୋହନ ଓ ଶରତଚନ୍ଦ୍ରଙ୍କ ଭଳି ମନୀଷୀମାନେ ଆଧୁନିକ ଶିକ୍ଷା ପାଇଁ, ନାରୀ ଶିକ୍ଷା ପାଇଁ କଠୋର ସଂଗ୍ରାମ କରିଥିଲେ । ଅଥଚ ଆଜି ବି.ଜେ.ପି ଝିଅମାନଙ୍କୁ ପାଦ ତଳେ ରଖିବା ପାଇଁ 'ନାରୀ ନରକର ଦ୍ୱାର' ତତ୍ତ୍ୱର ମହିମାଗାନ କରୁଛି । ଏମାନେ ନାରୀ ଶିକ୍ଷା, ସମାନ ଅଧିକାର, ସମାନ ମର୍ଯ୍ୟାଦାର ଦାବିକୁ ଉପେକ୍ଷା କରି କହୁଛନ୍ତି ନାରୀର ସ୍ଥାନ ଅନ୍ତପୁରରେ, ଗୃହର ଅଭ୍ୟନ୍ତରରେ, ପୁରୁଷର ପାଦ ତଳେ । ଏହା କଣ ବିଦ୍ୟାସାଗର, ଫୁଲେ ଚାହିଁଥିଲେ ? ବି.ଜେ.ପି ସେହି ପରିତ୍ୟକ୍ତ ପରମ୍ପରା, ରୁଢିବାଦୀ ଶିକ୍ଷା ଆଣି ଦେଶରେ ଫାସିବାଦୀ ମାନସିକତା ଗଢି ତୋଳିବାର ହୀନ ପ୍ରଚାର କରୁଛି ।

ସେଦିନ କମ୍ୟୁନିଷ୍ଟ ନାଁ ନେଇ ଅବିଭକ୍ତ ସି.ପି.ଆଇ ଥିଲା । ମାତ୍ର ସେହି ପାର୍ଟି ପ୍ରକୃତ ମାର୍କ୍ସବାଦୀ- ଲେନିନ୍‌ବାଦୀ ପଦ୍ଧତିରେ ଗଢି ଉଠି ନଥିଲା । ତେଣୁ ଜନଗଣଙ୍କ ସମସ୍ତ ଦୁଃଖର କାରଣ ପୁଞ୍ଜିବାଦୀ ଅର୍ଥନୈତିକ ବ୍ୟବସ୍ଥା ବିରୁଦ୍ଧରେ ଜନସାଧାରଣଙ୍କୁ ଜାଗ୍ରତ କରି ସଚେତନ ସଂଗଠିତ ଆନ୍ଦୋଳନ ମାଧ୍ୟମରେ ବିପ୍ଳବ ସଂଗଠିତ କରିବା ଓ ସମାଜତାନ୍ତ୍ରିକ ରାଷ୍ଟ୍ର ପ୍ରତିଷ୍ଠା କରିବାରେ ଏହା ବ୍ୟର୍ଥ ହୋଇଥିଲା । ତେଣୁ ଏକ ଐତିହାସିକ ଆବଶ୍ୟକତାରୁ ଏସ୍.ୟୁ.ସି.ଆଇ(କମ୍ୟୁନିଷ୍ଟ) ୨୪ ଏପ୍ରିଲରେ ଜନ୍ମଲାଭ କଲା । ଏସ୍.ୟୁ.ସି.ଆଇ(କମ୍ୟୁନିଷ୍ଟ)ର ପ୍ରତିଷ୍ଠା ଦିବସ ଶୋଷିତ ମଣିଷ ପାଇଁ ଆନନ୍ଦର ଦିବସ । ଏହି ଦିନ ଠାରୁ ଶୋଷିତ ମଣିଷ ଦେଖିବାକୁ ପାଉଛି ତାର ମୁକ୍ତିର ପଥ । ବୁଝିପାରୁଛି ସମସ୍ତ ସଂକଟର ସମାଧାନର ପଥ । ଆଜି ସି.ପି.ଆଇର ଅବସ୍ଥା କଣ ? ଭାଙ୍ଗି ଖଣ୍ଡ ଖଣ୍ଡ ହୋଇ ଯାଇଛି । ସି.ପି.ଆଇ(ଏମ୍), ସି.ପି.ଆଇ(ଏମ୍.ଏଲ୍), ମାଓବାଦୀ, ଏହିଭଳି କେତେ ପାର୍ଟି, କେତେ ଗୋଷ୍ଠି ସୃଷ୍ଟି ହୋଇଛି । ଆଜିର ପରିସ୍ଥିତିରେ ଆମେ ଚାହୁଁ ସାମ୍ରାଜ୍ୟବାଦ ଓ ସାମ୍ପ୍ରଦାୟିକତା ବିରୋଧି ସର୍ବନିମ୍ନ ସାଧାରଣ କର୍ମସୂଚୀ ଭିତ୍ତିରେ ବୃହତ୍ତର ବାମ ଗଣତାନ୍ତ୍ରିକ ଐକ୍ୟ ଓ ଲଗାତର ଗଣ ଆନ୍ଦୋଳନ । ଏହି ଐକ୍ୟ ଓ ଲଗାତର ଗଣ ଆନ୍ଦୋଳନ, ଏହି ଐକ୍ୟ ଭୋଟ ପାଇଁ ନୁହେଁ, ଗଣ ଆନ୍ଦୋଳନ ପାଇଁ । ଆମେ ଜାଣୁନା କେତେ ଦୂର ଏଥିରେ ସମର୍ଥ ହେବୁ । ନିକଟରେ ସି.ପି.ଆଇ(ଏମ୍) ବିଶାଖାପାଟଣା କଂଗ୍ରେସରେ ଚରମ ପ୍ରତିକ୍ରିୟାଶୀଳ ଲାଲୁ ପ୍ରସାଦ ଓ ନିତୀଶକୁମାରଙ୍କ ସହ ବି ମେଣ୍ଟ କରିବାକୁ ଘୋଷଣା କରିଛି । ଏମାନେ କଣ ପ୍ରକୃତରେ ଆନ୍ଦୋଳନର ଶକ୍ତି ?

କମ୍ରେଡ୍ ସୌମେନ୍ ବୋଷ ଉପସ୍ଥିତ ଜନତାକୁ ଆହ୍ୱାନ ଦେଇ କହିଥିଲେ, ଭୋଟ ପରେ ଭୋଟ ଆସିବ, ସରକାର ବଦଳିବ, ବଦଳିବ ନାହିଁ ଶୋଷଣ, ନିର୍ଯ୍ୟାତନା, ବରଂ ଏହା ଭୟଙ୍କର ରୂପ ନେବ । ସାଧାରଣ ମଣିଷ ପାଇଁ ନରକ, ପୁଞ୍ଜିପତିମାନଙ୍କ ପାଇଁ ସ୍ୱର୍ଗ ତିଆରି ହୋଇ ଚାଲିବ । ଏହି ସଂକଟରୁ ମୁକ୍ତି ପାଇଁ ବିପ୍ଳବ ହିଁ ଏକମାତ୍ର ପଥ । ସେଥିପାଇଁ ବିପ୍ଳବୀ ପାର୍ଟି ଏସ୍.ୟୁ.ସି.ଆଇ(କମ୍ୟୁନିଷ୍ଟ)କୁ ଶକ୍ତିଶାଳୀ କରି ଗଢିତୋଳିବାକୁ ହେବ । ପୁଞ୍ଜିପତିଶ୍ରେଣୀ ମଣିଷର ଚିନ୍ତା, ଚେତନା, ମାନବୀୟ ଗୁଣାବଳୀ, ସୂକ୍ଷ୍ମ ଅନୁଭୂତିଗୁଡ଼ିକୁ ଧ୍ୱଂସ କରିଦେଉଛି । ମଣିଷକୁ ଚରମ ସ୍ୱାର୍ଥପର କରିଦେଉଛି । ମଦ, ଡଗ୍ସ ଭିତରେ ବୁଡ଼ାଇ ରଖୁଛି । ଯାହାଫଳରେ କି ମଣିଷ ବିପ୍ଳବଠାରୁ ଦୂରରେ ରହିବ, ବରଂ ବିପ୍ଳବ ବିରୋଧି ଶକ୍ତିଭାବେ କାମ କରିବ । ସ୍ୱାର୍ଥପର ଲୋକ କେବେ ବି ବିପ୍ଳବର ଶକ୍ତି ହୋଇ ପାରିବ ନାହିଁ । ତେଣୁ ଜନଗଣଙ୍କର ତଥା ନିଜର ଏହି ସୂକ୍ଷ୍ମ ମାନବୀୟ ଗୁଣାବଳୀଗୁଡ଼ିକୁ ବଞ୍ଚାଇ ରଖି ଆହୁରି ବିକଶିତ କରିବାକୁ ପଡିବ । ସେଥିପାଇଁ ବିଜ୍ଞାନସମ୍ମତ ପଦ୍ଧତି ଗ୍ରହଣ କରିବାକୁ ହେବ । ଜନଗଣଙ୍କର ଜ୍ୱଳନ୍ତ ସମସ୍ୟାକୁ ନେଇ ଲଗାତରଭାବେ ଆନ୍ଦୋଳନ ଗଢିତୋଳିବାକୁ ହେବ । ରାଜ୍ୟବ୍ୟାପୀ ଆନ୍ଦୋଳନର ଢେଉ ଗଢିତୋଳିବାକୁ ହେବ ।

ସଭାର ସଭାପତି ଏସ୍.ୟୁ.ସି.ଆଇ(କମ୍ୟୁନିଷ୍ଟ) ରାଜ୍ୟ ସମ୍ପାଦକ କମ୍ରେଡ୍ ଧୂର୍ଜ୍ଜଟୀ ଦାସ ତାଙ୍କ ବକ୍ତବ୍ୟରେ ଏସ୍.ୟୁ.ସି.ଆଇ(କମ୍ୟୁନିଷ୍ଟ) ଗଢି ଉଠିବା ପଛରେ ଐତିହାସିକ କାରଣ ଉପରେ ଆଲୋକପାତ କରିଥିଲେ । ସେ କହିଥିଲେ ସ୍ୱାଧୀନତା ଆନ୍ଦୋଳନକୁ ଗୋଟିଏ ପଟରେ ଚରମ ପ୍ରତିକ୍ରିୟାଶୀଳ ସାମ୍ପ୍ରଦାୟିକ ସଂଗଠନ ଆର୍.ଏସ୍.ଏସ୍, ହିନ୍ଦୁ ମହାସଭା, ଓ ଅନ୍ୟପଟରେ ଆନ୍ତର୍ଜାତିକ କମ୍ୟୁନିଷ୍ଟ ନେତୃତ୍ୱ ପ୍ରତି ଅନ୍ଧାନୁକରଣର ଶୀକାର ହୋଇଥିବା ସି.ପି.ଆଇ ବିଶ୍ୱାସଘାତକତା କରିଥିଲା । ଏହାକୁ ଆଳ କରି ପୁଞ୍ଜିବାଦୀ-ସାମ୍ରାଜ୍ୟବାଦୀମାନେ କମ୍ୟୁନିଷ୍ଟମାନଙ୍କ ବିରୁଦ୍ଧରେ କୁତ୍ସା ରଟନା କରିଥାନ୍ତି । ମାତ୍ର କମ୍ୟୁନିଷ୍ଟମାନେ ହିଁ ହେଉଛନ୍ତି ସଚ୍ଚା ଦେଶପ୍ରେମୀ । ମହାନ୍ ଷ୍ଟାଲିନ୍, ସୋଭିଏତ୍ ୟୁନିୟନର ଜନସାଧାରଣ ଓ ଲାଲସେନା ମାନବତାର ଘୃଣ୍ୟତମ ଶତ୍ରୁ ହିଟଲର କବଳରୁ ବିଶ୍ୱମାନବିକତାକୁ ରକ୍ଷା କରିଥିଲେ । ଦେଶପ୍ରେମର ଏତେ ବଡ ନିଦର୍ଶନ ଆଉ କଣ ଥାଇପାରେ । ରାଜ୍ୟ ରାଜନୀତିକୁ ବିଶ୍ଳେଷଣ କରି ସେ କହିଥିଲେ ଯେ, ଓଡିଶା ସରକାରଙ୍କ ପୁଞ୍ଜିପତି ତୋଷଣ ନୀତି ନଗ୍ନଭାବେ ସି.ଏ.ଜି ରିପୋର୍ଟରେ ପ୍ରକାଶିତ ହୋଇଛି । ଦେଶର ସମସ୍ତ ସମ୍ପଦକୁ ବି.ଜେ.ଡି ସରକାର ପୁଞ୍ଜିପତି ହାତକୁ ଟେକି ଦେବା ପାଇଁ ଖୁବ ବ୍ୟଗ୍ର ହୋଇ ପଡିଛି । ସାରୁଆବିଲର ଶ୍ରମିକ ଆଜି ଛଟେଇ ହୋଇ ଦାଣ୍ଡର ଭିକାରୀ । ଚାଷୀ ଆତ୍ମହତ୍ୟା ଭୟଙ୍କରଭାବରେ ବୃଦ୍ଧି ପାଇଛି । ଅନ୍ୟପଟରେ ରାଜ୍ୟର ମୁଖ୍ୟମନ୍ତ୍ରୀ ଗୁଳିକାଣ୍ଡ କରି, ମଣିଷ ମାରି ନିଜର ବାହାଦୂରୀ ପଣିଆକୁ ସାବ୍ୟସ୍ତ କରୁଛନ୍ତି । କଳିଙ୍ଗନଗର ଆଦୀବାସୀ ଲୋକଙ୍କୁ ଟାଟା ସ୍ୱାର୍ଥରେ ହତ୍ୟା କରିବା, କେନ୍ଦ୍ରାପଡା ଜିଲ୍ଲାର ନମତରା ଠାରେ ମଦ ମାଫିଆମାନଙ୍କ ସ୍ୱାର୍ଥରେ ଆନ୍ଦୋଳନରତ ମହିଳା, ସାନ ସାନ ଝିଅମାନଙ୍କ ଉପରେ ବର୍ବର ଲାଠି ଚାଳନା ଓ ଗୁଳିକାଣ୍ଡ ତାର ଉଦାହରଣ । ତଥାପି ଲୋକ ଲଢୁଛନ୍ତି ଆନ୍ଦୋଳନ ସଂଗଠିତ କରୁଛନ୍ତି । ଏହି ଆନ୍ଦୋଳନକୁ ଆହୁରି ସଂଗଠିତ ରୂପ ଦେଇ ଦୁର୍ବାର ଗତିରେ ଗଢିତୋଳିବା ପାଇଁ ୨୪ ଏପ୍ରିଲ ଆହ୍ୱାନ ଦେଇଛି । ବିପ୍ଳବ ପାଇଁ ବିପ୍ଳବୀ ପାର୍ଟିକୁ ଶକ୍ତିଶାଳୀ କରି ଗଢିତୋଳିବା ପାଇଁ ସର୍ବସ୍ୱ ଦେଇ ଆଗେଇ ଆସିବାକୁ ସେ ଉପସ୍ଥିତ ଜନସମୁଦ୍ରକୁ ଆହ୍ୱାନ ଦେଇଥିଲେ ।

ସାତକୋଶିଆ ଗଣ୍ଡରୁ ମାଛ ମାରିବା କଟକଣା ବିରୁଦ୍ଧରେ ଆନ୍ଦୋଳନ

ମାର୍ଚ୍ଚ ମାସ ୬ ତାରିଖ ଠାରୁ ମହାନଦୀର ସାତକୋଶିଆ ଗଣ୍ଡ ଅଞ୍ଚଳରେ ମାଛ ଧରିବା ଉପରେ ଜଙ୍ଗଲ ବିଭାଗ ପକ୍ଷରୁ ଲଗାଯାଇଥିବା କଟକଣାକୁ ତୁରନ୍ତ ପ୍ରତ୍ୟାହାର କରିବା ଦାବିରେ 'ସାତକୋଶିଆ ମତ୍ସ୍ୟଜୀବୀ ମହାସଂଘ' ପକ୍ଷରୁ ଜିଲ୍ଲା ପ୍ରଶାସନରୁ ଆରମ୍ଭ କରି ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ପର୍ଯ୍ୟନ୍ତ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା । ମାତ୍ର ସରକାରୀ ଅଧିକାରୀମାନେ ଏ ବାବଦରେ ଉପଯୁକ୍ତ ପଦକ୍ଷେପ ଗ୍ରହଣ ନକରିବାରୁ ଏପ୍ରିଲ ୭ ତାରିଖ ଦିନ ସମସ୍ତ ମତ୍ସ୍ୟଜୀବୀ ପରିବାର ଟିକରପଡା ରେଞ୍ଜ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ସମସ୍ୟାର ସମାଧାନ ପାଇଁ ଆଞ୍ଚଳିକ ମୁଖ୍ୟ ବନସଂରକ୍ଷକଙ୍କ ଅଧକ୍ଷତାରେ ଏପ୍ରିଲ ୮ ତାରିଖ ପୂର୍ବାହ୍ନରେ ଟିକରପଡା ବଙ୍ଗଳାଠାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ମହାନଦୀର ସାତକୋଶିଆ ଗଣ୍ଡ ଅଞ୍ଚଳରେ ମାଛ ଧରି ଜୀବିକା ନିର୍ବାହ କରୁଥିବା ମତ୍ସ୍ୟଜୀବୀମାନେ ନିର୍ଦ୍ଦିଷ୍ଟ ନିୟମ ଶୃଙ୍ଖଳା ଭିତ୍ତିରେ ମାଛ ଧରି ପାରିବେ ଏବଂ ବାଲିପୁଟରୁ ବିନିକେଇ ଯାତାୟାତ କରୁଥିବା ଯାତ୍ରୀବାହୀ ଡଙ୍ଗାଟି ପୁନଃ ଚଳାଚଳ କରିବ ବୋଲି ନିଷ୍ପତ୍ତି ହୋଇଥିଲା । ଏହି ବୈଠକରେ ମତ୍ସ୍ୟଜୀବୀ ମହାସଂଘ ପକ୍ଷରୁ ସଭାପତି ଚିତ୍ତରଞ୍ଜନ ନାଏକ, ସମ୍ପାଦକ ଜ୍ଞାନରଞ୍ଜନ ସାହୁ, ଏସ୍.ୟୁ.ସି.ଆଇ(କମ୍ୟୁନିଷ୍ଟ) କର୍ମକର୍ତ୍ତା ମାନସ ପାଳ, ନବକିଶୋର ପ୍ରଧାନ, ଦିଲ୍ଲୀପ ଦେଓଙ୍କ ସମେତ ସଭ୍ୟ ସୁରେଶ ବେହେରା, ମଦନ ସିଂ, କମଳାଡିହ ସରପଞ୍ଚ ଶରତ ଖଟୁଆ, ନବୀନା ବେହେରା, ଶଙ୍କର ବେହେରା, ବିଦ୍ୟାଧର ବେହେରା, ପବିତ୍ର ବେହେରା, ବସନ୍ତ ନାଏକ, ବୈରାଗୀ ବାରିକ ପ୍ରମୁଖ ଉପସ୍ଥିତ ଥିଲେ । ଜଙ୍ଗଲ ବିଭାଗ ଓ ପ୍ରଶାସନ ପକ୍ଷରୁ ସ୍ଥାନୀୟ ଅଧିବାସୀଙ୍କ ଜୀବନଜୀବିକା ଧ୍ୱଂସ ପାଇଁ କରାଯାଇଥିବା ଚକ୍ରାନ୍ତ ବିରୁଦ୍ଧରେ ଆହୁରି ସଚେତନ ଓ ସଂଗଠିତ କାର୍ଯ୍ୟକ୍ରମ ଗ୍ରହଣ କରାଯିବ ବୋଲି ମହାସଂଘ ପକ୍ଷରୁ ଘୋଷଣା କରାଯାଇଛି ।

ଉଦ୍ଭିଦମାନଙ୍କର ପ୍ରାଣ ସମ୍ପର୍କରେ ପ୍ରଧାନମନ୍ତ୍ରୀଙ୍କ ଦାବି ମିଥ୍ୟା ଓ ଅବୈଜ୍ଞାନିକ

ଉଦ୍ଭିଦ ଯେ stimli କୁ restimse କରେ ଆଚାର୍ଯ୍ୟ ଜଗଦୀଶ ଚନ୍ଦ୍ର ବୋଷଙ୍କ ଦ୍ୱାରା ଆବିଷ୍କୃତ ଏହି ବୈଜ୍ଞାନିକ ସତ୍ୟଟି ପ୍ରାଚୀନକାଳରେ ଭାରତର ମୁନୀ ଋଷିମାନଙ୍କୁ ଜଣାଥିଲା ବୋଲି ସମ୍ପ୍ରତି ଦେଶରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଉପସ୍ଥାପନ କରିଥିବା ଅବୈଜ୍ଞାନିକ ଦାବିର ପ୍ରତିବାଦରେ ବ୍ରେକଥ୍ରୁ ସାଇନ୍ସ ସୋସାଇଟିର ସର୍ବଭାରତୀୟ ସାଧାରଣ ସମ୍ପାଦକ ପ୍ରଫେସର ସୌମିତ୍ର ବାନାର୍ଜୀ ଓ ବିଜ୍ଞାନ ଚେତନା ମଞ୍ଚ ଓଡିଶାର ସମ୍ପାଦକ ଡକ୍ଟର ସିଦ୍ଧାର୍ଥ ଭରଦ୍ୱାଜ ନିମ୍ନଲିଖିତ ମିଳିତ ବିବୃତି ଜାରି କରିଛନ୍ତି ।

ଗତ ଏପ୍ରିଲ ମାସ ୬ ତାରିଖ ଦିନ ଜଙ୍ଗଲ ଓ ପରିବେଶ ମନ୍ତ୍ରଣାଳୟ ଆନୁକୂଲ୍ୟରେ ଆହୂତ ଏକ ସଭାକୁ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଉଦ୍ଭିଦର ପ୍ରାଣ ସଂକ୍ରାନ୍ତୀୟ ଯେଉଁ ଅବୈଜ୍ଞାନିକ ଦାବି ଉତ୍ଥାପିତ କରିଛନ୍ତି ସେଥିରେ ଦେଶର ବୈଜ୍ଞାନିକ ମହଲ ଗଭୀରଭାବରେ ମର୍ମାହତ । ବିଭିନ୍ନ ରାଜ୍ୟରୁ ଆସିଥିବା ଜଙ୍ଗଲ ଓ ପରିବେଶ ମନ୍ତ୍ରୀମାନଙ୍କୁ ସେ କହିଥିଲେ ଯେ, ଉଦ୍ଭିଦର ଯେ ପ୍ରାଣ ଅଛି ସେକଥା ଆଚାର୍ଯ୍ୟ ଜଗଦୀଶ ଚନ୍ଦ୍ର ବୋଷଙ୍କର ବହୁ ପୂର୍ବରୁ ପ୍ରାଚୀନ ଭାରତରେ ଆବିଷ୍କୃତ ହୋଇଥିଲା । ଶ୍ରୀମଦ୍ ଭାଗବତ ଗୀତା ଓ ମହାଭାରତରେ କୁଆଡେ ଏହା ସମ୍ପର୍କରେ ଆଲୋଚନା ରହିଛି । ସେ ଯାହା ହେଉ ନିଜ ବକ୍ତବ୍ୟ ସମର୍ଥନରେ କୌଣସି ପ୍ରମାଣ ସେ ଉପସ୍ଥାପନ କରି ନାହାନ୍ତି । ସେ ଦାବି କରିଥିଲେ ଯେ, ଉଦ୍ଭିଦ ମଧ୍ୟରେ ବି ପରମାତ୍ମାଙ୍କ ଅଂଶ ବିଶେଷ ରହିଛି ଏବଂ ସେହି କାରଣରୁ ହିଁ ପ୍ରାଚୀନ ଭାରତରେ ଉଦ୍ଭିଦ ପୂଜାର ପ୍ରଚଳନ ରହିଥିଲା । ଉଲ୍ଲେଖଯୋଗ୍ୟ ଗତ କିଛି ମାସ ତଳେ ସେ ଆହୁରି ମଧ୍ୟ ଦାବି କରିଥିଲେ ଯେ, ପ୍ରାଚୀନ ଭାରତରେ ଜେନେଟିକ୍ ଇଂଜିନିୟରିଂ ଓ ପ୍ଲାଷ୍ଟିକ୍ ସରଜରୀର ପ୍ରଚଳନ ଥିଲା । ଦେଶର ପ୍ରଧାନମନ୍ତ୍ରୀ ହିସାବରେ ଦେଶର ଜନସାଧାରଣଙ୍କ ମଧ୍ୟରେ ପ୍ରକୃତ ବିଜ୍ଞାନସମ୍ମତ ଚେତନାର ପ୍ରସାର ଘଟାଇବା ପରିବର୍ତ୍ତେ ସେ କ୍ରମାଗତ ଏହି ଧରଣର ମିଥ୍ୟା ଓ ଅବୈଜ୍ଞାନିକ ଦାବି କରି ଚାଲିଛନ୍ତି ।

ଏକଥା ସମସ୍ତେ ଜାଣନ୍ତି ଯେ, ପରୀକ୍ଷା ନିରୀକ୍ଷା ଓ ପର୍ଯ୍ୟବେକ୍ଷଣ ମାଧ୍ୟମରେ ଏକ ବସ୍ତୁନିଷ୍ଠ ପ୍ରକ୍ରିୟା ଅନୁସରଣ କରି ହିଁ ବିଜ୍ଞାନ ଯେକୌଣସି ବିଷୟରେ ସତ୍ୟରେ ଉପନୀତ ହୁଏ । ପରୀକ୍ଷା ନିରୀକ୍ଷା-ପର୍ଯ୍ୟବେକ୍ଷଣ ଜରିଆରେ ତତ୍ତ୍ୱ ପ୍ରତିଷ୍ଠା ଏବଂ ଏହିଭଳି ଭାବରେ ପ୍ରତିଷ୍ଠିତ ତତ୍ତ୍ୱକୁ ପୁଣି ପରୀକ୍ଷା କରି ଏହାର ସତ୍ୟାସତ୍ୟ ପୁନଃ ପ୍ରମାଣିତ କରିବା- କେବଳମାତ୍ର ଏହି ପଦ୍ଧତି ଅନୁସରଣ କରି ହିଁ ବିଜ୍ଞାନ ପ୍ରାଣ ସହ ପ୍ରକୃତିର ବିଭିନ୍ନ ପ୍ରକ୍ରିୟା ସମ୍ବନ୍ଧରେ ଜାଣିବାର ଚେଷ୍ଟା କରିଛି । ବୈଜ୍ଞାନିକ ଜଗଦୀଶ ଚନ୍ଦ୍ର ବୋଷ ଏହି ପଦ୍ଧତି ଅନୁସରଣ କରି ହିଁ ଦର୍ଶାଇଥିଲେ ଯେ, ଉଦ୍ଭିଦ stimli କୁ ଉତ୍ତେଜନାର ପ୍ରତିକ୍ରିୟା ପ୍ରଦର୍ଶନ କରେ (Response) ବିଜ୍ଞାନ କ୍ଷେତ୍ରରେ ଏହା ତାଙ୍କର ମୌଳିକ ଅବଦାନ ।

ବିଭିନ୍ନ ଧର୍ମଗ୍ରନ୍ଥରେ ବିଭିନ୍ନ ବିଷୟରେ ଅନୁମାନ ଭିତ୍ତିକ ବହୁ ବିଷୟ ଉଲ୍ଲେଖ ଥାଇପାରେ, ମାତ୍ର ସେହି ଅନୁମାନ କେବେହେଲେ ପ୍ରମାଣିତ ସତ୍ୟ ନୁହେଁ । ଉତ୍ତେଜନାର ପ୍ରତିକ୍ରିୟା ପ୍ରକାଶ ଏକ ପ୍ରାକୃତିକ ପ୍ରକ୍ରିୟା, କିନ୍ତୁ ତା ମଧ୍ୟଦେଇ ଉଦ୍ଭିଦ ମଧ୍ୟରେ ପରମାତ୍ମା ବିଦ୍ୟମାନ- ଏଭଳି କୌଣସି ଉପସଂହାରରେ କେହି ଉପନୀତ ହୋଇ ପାରିବେ ନାହିଁ । ବିଜ୍ଞାନ କ୍ଷେତ୍ରରେ ନିଛକ ଅନୁମାନର କୌଣସି ସ୍ଥାନ ନାହିଁ ।

ବ୍ରେକଥ୍ରୁ ସାଇନ୍ସ ସୋସାଇଟି ଓ ବିଜ୍ଞାନ ଚେତନା ମଞ୍ଚ ଓଡିଶା ପକ୍ଷରୁ ଦେଶର ସମସ୍ତ ବୈଜ୍ଞାନିକ ଓ ବିଜ୍ଞାନ ସଚେତନ ଜନସାଧାରଣଙ୍କ ନିକଟରେ ଏହି ଧରଣର ଅବୈଜ୍ଞାନିକ ଦାବି ବିରୁଦ୍ଧରେ ପ୍ରତିବାଦ କରିବା ପାଇଁ ନିବେଦନ କରାଯାଇଛି ।

ଯୁବ ସଂହତି ପକ୍ଷରୁ ଲେଖକ ପାଠକ ସମାବେଶ

ଭୁବନେଶ୍ୱର ତା-୧୦.୦୫.୨୦୧୫: ଅଲ୍ ଇଣ୍ଡିଆ ଡି.ୱାଇ.ଓର ଓଡିଆ ମୁଖପତ୍ର ଯୁବ ସଂହତି ପକ୍ଷରୁ ସ୍ଥାନୀୟ ଗୋଦାବରୀଶ ସାହିତ୍ୟ ସଂସଦଠାରେ ଏକ ଲେଖକ-ପାଠକ ସମାବେଶ ଅନୁଷ୍ଠିତ ହୋଇଯାଇଛି । ବିଶେଷଭାବେ ଯୁବ ସମସ୍ୟା ଓ ସାଧାରଣଭାବେ ବିଭିନ୍ନ ସାମାଜିକ ସମସ୍ୟା ଉପରେ ଆଧାରିତ ପ୍ରବନ୍ଧ ତଥା ଗଳ୍ପ ଓ କବିତା ଆଦି ସାହିତ୍ୟ କୃତି ସମ୍ବଳିତ ଉକ୍ତ ପତ୍ରିକା ଯୁବ ସଂହତିର ନବମ ସଂଖ୍ୟା ଏହି ସମାବେଶରେ ସଭାର ମୁଖ୍ୟ ଅତିଥି ତଥା ଉତ୍କଳ ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଫେସର ଡକ୍ଟର ବୀରେନ୍ଦ୍ର ନାୟକଙ୍କ ଦ୍ୱାରା ଉନ୍ମୋଚିତ ହୋଇଯାଇଛି । ଏହି ସମାବେଶରେ ଅନୁଷ୍ଠିତ କବିତା ଆସରକୁ ସଂଯୋଜନା କରିଥିଲେ ଉତ୍କଳ ବିଶ୍ୱବିଦ୍ୟାଳୟ ସ୍ନାତକତ୍ତୋର ଓଡିଆ ଭାଷା ଓ ସାହିତ୍ୟ ବିଭାଗର ଅଧ୍ୟାପକ ଶ୍ରୀଯୁକ୍ତ ଆନ୍‌ପା ମାର୍ଣ୍ଡି । ସମାବେଶରେ ସାହିତ୍ୟ ସମୀକ୍ଷା ଓ ପ୍ରଗତିଶୀଳ ସାହିତ ଚର୍ଚ୍ଚାର ଆବଶ୍ୟକତା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ ବିଶିଷ୍ଟ କବି ଓ ପୂର୍ବତଟ ରେଳବାଇର ବରିଷ୍ଠ ଜନସମ୍ପର୍କ ଅଧିକାରୀ ଶ୍ରୀଯୁକ୍ତ ନିରାକାର ଦାସ । ସମାବେଶରେ ମୁଖ୍ୟବକ୍ତାଭାବେ ଯୋଗଦେଇ ଏସ୍.ୟୁ.ସି.ଆଇ(କମ୍ୟୁନିଷ୍ଟ)ର ରାଜ୍ୟ ସମ୍ପାଦକ ଶ୍ରୀଯୁକ୍ତ ଧୂର୍ଜଟୀ ଦାସ ସମାଜ ପରିବର୍ତ୍ତନ କ୍ଷେତ୍ରରେ କାଳଜୟୀ ସାହିତ୍ୟ କୃତିଗୁଡ଼ିକ ଯୁଗେ ଯୁଗେ ଯେଉଁ ଐତିହାସିକ ଭୂମିକା ପାଳନ କରି ଆସିଛନ୍ତି ତାହା ବର୍ଣ୍ଣନା କରିବା ସଙ୍ଗେ ସଙ୍ଗେ ସମାଜଧର୍ମୀ ସାହିତ୍ୟ ସାଧନା ମାଧ୍ୟମରେ ଆଜିକାର ସାମାଜିକ ବ୍ୟାଧିଗୁଡ଼ିକ ବିରୁଦ୍ଧରେ ଏକ ସାମାଜିକ ସଂଗ୍ରାମ ଚଳାଇ ରଖିବାକୁ ଆହ୍ୱାନ ଦେଇଥିଲେ । ଯୁବ ସଂହତିର ସମ୍ପାଦକ ତଥା ଅଲ୍ ଇଣ୍ଡିଆ ଡେମୋକ୍ରାଟିକ୍ ଯୁଥ ଅର୍ଗାନାଇଜେସନ୍‌ର ରାଜ୍ୟ ସମ୍ପାଦକ ଶ୍ରୀଯୁକ୍ତ ରାଜେନ୍ଦ୍ର ବର୍ମା ସଭାରେ ସଭାପତିତ୍ୱ କରିଥିଲେ ।

ସାରୁଆବିଲର ସଂଗ୍ରାମୀ ଶ୍ରମିକଙ୍କ ପକ୍ଷରୁ ମେ ଦିବସ ପାଳିତ

ଶ୍ରମିକ ଆନ୍ଦୋଳନରେ ଶହୀଦର ମୃତ୍ୟୁବରଣ କରିଥିବା ସୁକିନ୍ଦା ଉପତ୍ୟକା ମାଇନ୍‌ସ ୱାର୍କର୍ସ ୟୁନିୟନର ସଂଗ୍ରାମୀ ବୁଧୁଆ ସେଠୀ ଓ ଶ୍ୟାମାପଦ ରାଉତଙ୍କ ସମେତ ସମସ୍ତ ଶହୀଦମାନଙ୍କ ଉଦ୍ଦେଶ୍ୟରେ ମାଲ୍ୟାର୍ପଣ କରିବା ପରେ ୟୁନିୟନର ସମ୍ପାଦକ ଶଙ୍କର ସିଦୁଙ୍କ ସଭାପତିତ୍ୱରେ ଏକ ସଭା ସାରୁଆବିଲ ଠାରେ ମହାନ ମେ ଦିବସ ଉପଲକ୍ଷେ ଅନୁଷ୍ଠିତ ହୋଇଥିଲା । ଉକ୍ତ ସଭାରେ ପ୍ରଥମେ ବକ୍ତବ୍ୟ ରଖିଥିଲେ ସାଧାରଣ ସମ୍ପାଦକ କମ୍ରେଡ ଜଗବନ୍ଧୁ ବରାଳ । ୟୁନିୟନର ଉପସଭାପତି କମ୍ରେଡ ଶଙ୍କର ଦାସଗୁପ୍ତ ମୁଖ୍ୟବକ୍ତାଭାବେ ଯୋଗ ଦେଇ ଶ୍ରମିକମାନଙ୍କ ଉପରେ ହୋଇଥିବା ଓ ହେଉଥିବା କୁଲୁମ, ଅତ୍ୟାଚାର, ଛଟେଇ ଓ ଅନ୍ୟାନ୍ୟ ସମସ୍ୟା ବିରୁଦ୍ଧରେ ଶକ୍ତିଶାଳୀ ଶ୍ରମିକ ଆନ୍ଦୋଳନ ଗଢିତୋଳିବା ପାଇଁ ଆହ୍ୱାନ ଦେଇଥିଲେ । ଏହି ସଭାରେ ଖଣି ଶ୍ରମିକ, ପାଖାପାଖି ଗାଁରୁ ଆସିଥିବା ୬୦୦ରୁ ଊର୍ଦ୍ଧ୍ୱ ଲୋକ ଯୋଗ ଦେଇଥିଲେ । ଆନ୍ତର୍ଜାତିକ ସଂଗୀତ ଗାନ ପରେ ସଭା ସମାପ୍ତ ହୋଇଥିଲା ।

ଆନ୍ତର୍ଜାତିକ ଶ୍ରମିକ ଦିବସ ଉପଲକ୍ଷେ ଶ୍ରମିକ ସମାବେଶ

ମହାନ ମଇ ଦିବସ ତଥା ଆନ୍ତର୍ଜାତିକ ଶ୍ରମିକ ଦିବସର ୧୨୯ ତମ ବାର୍ଷିକୀ ପାଳନ ଉପଲକ୍ଷେ ମେ' ୪ ତାରିଖ ଅପରାହ୍ନରେ ଏ.ଆଇ.ୟୁ.ଟି.ୟୁ.ସି ସହବନ୍ଧିତ ତାଳଚେର ସୁପର ଥର୍ମାଲ ୱାର୍କର୍ସ ୟୁନିୟନ ଉଦ୍ୟୋଗରେ ଏନ୍.ଟି.ପି.ସି ବାଇପାସ ଛକ ଠାରେ ଏକ ଶ୍ରମିକ ସମାବେଶ ଅନୁଷ୍ଠିତ ହୋଇଯାଇଛି । ୟୁନିୟନର ଉପସଭାପତି କମ୍ରେଡ୍ ଭୀକାରି ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସମାବେଶରେ ଏସ୍.ୟୁ.ସି.ଆଇ(କମ୍ୟୁନିଷ୍ଟ) ଓଡିଶା ରାଜ୍ୟ ସଂପାଦକ କମ୍ରେଡ୍ ଧୂର୍ଜଟୀ ଦାସ ମୁଖ୍ୟବକ୍ତା ଭାବେ ଯୋଗଦେଇ ତାଙ୍କ ବକ୍ତବ୍ୟରେ ମହାନ୍ ମଇ ଦିବସର ଐତିହାସିକ ତାତ୍ପର୍ଯ୍ୟ ସଂପର୍କରେ ବର୍ଣ୍ଣନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ୟୁନିୟନର ସାଧାରଣ ସଂପାଦକ କମ୍ରେଡ୍ ଜୟସେନ ମେହେର, ଯୁଗ୍ମ ସଂପାଦକ କମ୍ରେଡ୍ ପ୍ରହ୍ଲାଦ ଚନ୍ଦ୍ର ସାହୁ, କମ୍ରେଡ୍ ରାଜେଶ ରଂଜନ ପାଣି ବକ୍ତବ୍ୟ ପ୍ରଦାନକରି କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଶ୍ରମିକମାରଣ ନୀତି ବିରୁଦ୍ଧରେ ଶ୍ରମିକମାନେ ସଚେତନ ସଂଗଠିତ ଅନ୍ଦୋଳନ ଗଢିତୋଳିବାକୁ ଆହ୍ୱାନ ଦେଇଥିଲେ । ଆନ୍ତର୍ଜାତିକ ସଂଗୀତ ଗାନ ପରେ ସଭାକାର୍ଯ୍ୟ ଶେଷ ହୋଇଥିଲା । ଏହି ସମାବେଶକୁ ସ'ଳ କରିବାକୁ ୟୁନିୟନର ସଂଗଠକ ଟୁନା ନାଏକ, ପ୍ରତାପ ପ୍ରଧାନ, ପ୍ରଦୀପ କୁମାର ପ୍ରଧାନ, ଅଭୟ ନାଏକ, ଦୁଃଖିଶ୍ୟାମ ମଲ୍ଲିକ, ବାବୁଲି ସାହୁ, ପ୍ରତାପ ଚନ୍ଦ୍ର ସାହୁ, ଗନ୍ଧର୍ବ ନାଏକ. ନିଳାମ୍ବର ଡିରିଆ ପ୍ରମୁଖ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ ।

ନେପାଳ ଭୂମିକମ୍ପ ଦୁର୍ଗତମାନଙ୍କର ସାହାଯ୍ୟାର୍ଥେ ମୁକ୍ତ ହସ୍ତରେ ଦାନ କରନ୍ତୁ

ଏସ୍.ୟୁ.ସି.ଆଇ(କମ୍ୟୁନିଷ୍ଟ) ଦଳର ସାଧାରଣ ସମ୍ପାଦକ କମ୍ରେଡ୍ ପ୍ରଭାସ ଘୋଷ ଏପ୍ରିଲ ମାସ ୨୫ ତାରିଖ ଦିନ ଜାରୀ କରାଯାଇଥିବା ଏକ ବିବୃତ୍ତିରେ କହିଛନ୍ତି ଯେ, ପ୍ରତିବେଶୀ ଦେଶ ନେପାଳ ଭୟାବହ ଭୂମିକମ୍ପରେ ସମ୍ପୂର୍ଣ୍ଣ ବିଧ୍ୱସ୍ତ ହୋଇଯାଇଛି । (ବର୍ତ୍ତମାନ ଏହି ସଂଖ୍ୟା ୧୦ ହଜାରରୁ ଅଧିକ ବୋଲି ଅନୁମାନ) ଅଧିକ ଲୋକଙ୍କ ମୃତ୍ୟୁର ସମ୍ବାଦ ମିଳୁଛି । ଆହୁରି ହଜାର ହଜାର ଲୋକ ଧ୍ୱଂସ ସ୍ତୁପ ତଳେ ପୋତି ହୋଇ ରହିଛନ୍ତି ବୋଲି ବିଭିନ୍ନ ସ୍ଥାନରେ ଅଟକି ରହିଛନ୍ତି । ନେପାଳର ଜନସାଧାରଣ ପୂର୍ବରୁ କେବେହେଲେ ଏହି ଧରଣର ଭୟାବହ ପ୍ରାକୃତିକ ଦୁର୍ବିପାକର ସମ୍ମୁଖୀନ ହୋଇ ନଥିଲେ ।

ଉତ୍ତର ଓ ପୂର୍ବ ଭାରତରେ ମଧ୍ୟ ଭୂମିକମ୍ପର ପ୍ରଭାବ ପଡିଛି । ବିଶେଷତଃ, ବିହାର, ଉତ୍ତରପ୍ରଦେଶ ଓ ପଶ୍ଚିମବଙ୍ଗର ବେଶ କିଛି କ୍ଷୟକ୍ଷତି ଘଟିଛି । ଇତିମଧ୍ୟରେ ଏହି ସମସ୍ତ ରାଜ୍ୟର ୬୦ ଜଣ ଲୋକଙ୍କ ମୃତ୍ୟୁ ଖବର ପ୍ରକାଶିତ ହୋଇଛି । ଏହି ଗଭୀର ସଂକଟ ସମୟରେ ବିବେକସମ୍ପନ୍ନ ସମସ୍ତ ଲୋକଙ୍କର କର୍ତ୍ତବ୍ୟ ହେଉଛି ଭୂମିକମ୍ପ ଦୁର୍ଗତ ମଣିଷଙ୍କ ପ୍ରତି ସହାୟତାର ହାତ ବଢାଇ ଦେବା । ଦେଶର ଜନସାଧାରଣଙ୍କ ନିକଟରେ ଏସ୍.ୟୁ.ସି.ଆଇ(କମ୍ୟୁନିଷ୍ଟ) କେନ୍ଦ୍ରୀୟ କମିଟିର ଆବେଦନ, ମୁକ୍ତ ହସ୍ତରେ ରିଲିଫ୍ ପାଣ୍ଠିକୁ ସାହାଯ୍ୟ କରନ୍ତୁ ।

ନେପାଳ କମ୍ୟୁନିଷ୍ଟ ପାର୍ଟିର ନେତା କମ୍ରେଡ୍ ପ୍ରଚଣ୍ଡଙ୍କ ଉଦ୍ଦେଶ୍ୟରେ କମ୍ରେଡ୍ ପ୍ରଭାଷ ଘୋଷଙ୍କ ପତ୍ର

(ନେପାଳରେ ଘଟିଯାଇଥିବା ଭୟାବହ ଭୂମିକମ୍ପରେ ୩ହଜାରରୁ ଅଧିକ ଲୋକଙ୍କ ମୃତ୍ୟୁରେ ଗଭୀର ଶୋକ ପ୍ରକାଶ କରିବା ସଙ୍ଗେ ସଙ୍ଗେ ଦୁର୍ଗତ ଜନସାଧାରଣଙ୍କ ନିକଟରେ ଠିଆହେବାର ଅଙ୍ଗୀକାର ଜଣାଇ ଏପ୍ରିଲ ମାସ ୨୬ ତାରିଖ ଦିନ ଏସ୍.ୟୁ.ସି.ଆଇ(କମ୍ୟୁନିଷ୍ଟ)ର ସାଧାରଣ ସମ୍ପାଦକ କମ୍ରେଡ୍ ପ୍ରଭାସ ଘୋଷ ୟୁନିଫାଏଡ୍ କମ୍ୟୁନିଷ୍ଟ ପାର୍ଟି ଅଫ୍ ନେପାଳ(ମାଓବାଦୀ)ର ଚେୟାର ପର୍ସନ କମ୍ରେଡ୍ ପ୍ରଚଣ୍ଡଙ୍କୁ ନିମ୍ନଲିଖିତ ଚିଠିଟି ପଠାଇଛନ୍ତି ।)

ପ୍ରିୟ କମ୍ରେଡ୍,

ଏପ୍ରିଲ ମାସ ୨୪ ତାରିଖ ଦିନ ଯେଉଁ ପ୍ରାକୃତିକ ବିପର୍ଯ୍ୟୟ ନେପାଳକୁ ଆଘାତ କରିଛି ସେଥିରେ ବ୍ୟକ୍ତିଗତଭାବରେ ମୁଁ ଓ ଆମ ଦଳ ସୋସାଲିଷ୍ଟ ୟୁନିଟି ସେଣ୍ଟର ଅଫ୍ ଇଣ୍ଡିଆ(କମ୍ୟୁନିଷ୍ଟ) ଗଭୀରଭାବରେ ଉଦ୍‌ବିଗ୍ନ । ଏହି ଭୂମିକମ୍ପରେ ନେପାଳର ଜନସାଧାରଣ ସେମାନଙ୍କର ଏହି କ୍ଷତିରେ ଆମେ ଗଭୀରଭାବରେ ଶୋକାହତ । ଏହି ବିପର୍ଯ୍ୟୟ ଫଳରେ ବେଶ କେତେ ହଜାର ଲୋକ ଆହତ ହୋଇଛନ୍ତି ଏବଂ ଅସଂଖ୍ୟ ଲୋକ ଆଶ୍ରୟହୀନ ହୋଇ ପଡିଛନ୍ତି । ନେପାଳର ଜନସାଧାରଣଙ୍କର ଏହି ଧରଣର ଦୁଃଖ ଦୁର୍ଦ୍ଦଶା ସମୟରେ ଭାରତର ଜନସାଧାରଣ ସହମର୍ମତାର ସହିତ ସେମାନଙ୍କ ପାଖରେ ଅଛନ୍ତି । ଆପଣଙ୍କ ଦଳ କିଭଳିଭାବରେ ଉଦ୍ଧାର ଓ ସହାୟତା କାର୍ଯ୍ୟକରୁଛି ସେକଥା ଜଣାଇବେ, ସୀମିତ ଶକ୍ତି ଓ ସାମର୍ଥ ସମ୍ପନ୍ନ ହୋଇଥିଲେ ମଧ୍ୟ ଆମେମାନେ ଆପଣଙ୍କୁ କିଭଳିଭାବରେ ସାହାଯ୍ୟ କରି ପାରିବୁ ସେକଥା ମଧ୍ୟ ନିଶ୍ଚିତଭାବରେ ଜଣାଇବେ । ଆମେ ଭାରତ ସରକାର ଓ ଅନ୍ୟାନ୍ୟ ଦେଶର ସରକାରମାନଙ୍କ ନିକଟରେ ଯୁଦ୍ଧକାଳୀନ ଭିତ୍ତିରେ ନେପାଳକୁ ସହାୟତା ପଠାଇବାକୁ ଦାବି କରୁଛୁ । ଯାହା ଦ୍ୱାରା କି ନେପାଳର ଜନସାଧାରଣ ଏହି ଦୁର୍ଯ୍ୟୋଗର ମୁକାବିଲା କରିପାରିବେ ।

ବିପ୍ଳବୀ ଅଭିନନ୍ଦନ ସହ

ପ୍ରଭାସ ଘୋଷ

(ନେପାଳ ପାର୍ଟିର ନେତୃତ୍ୱ ଚିଠିର ପ୍ରାପ୍ତି ସ୍ୱୀକାର କରି ଯୋଗାଯୋଗ ବଳବତ୍ତର ରଖିବେ ବୋଲି ଜଣାଇଛନ୍ତି ।)

ସର୍ବହରା କ୍ରାନ୍ତିର ସ୍ୱତ୍ତ୍ୱାଧିକାର ଓ ଅନ୍ୟାନ୍ୟ ତଥ୍ୟ

ଫର୍ମ-୪ (ନିୟମ ୮ ଦ୍ରଷ୍ଟବ୍ୟ)

୧) ପ୍ରକାଶ ସ୍ଥାନ : ୬୧/୨୦୮୨, ଗଙ୍ଗୋତ୍ରୀ ନଗର, ରୋଡ଼ ନଂ. ୩, ଶିଶୁପାଳଗଡ଼, ଭୁବନେଶ୍ୱର-୨

୨) ପ୍ରକାଶକାଳ : ପାକ୍ଷିକ

୩) ମୁଦ୍ରକଙ୍କ ନାମ : ସେରେନ୍ ଗ୍ରାଫିକ୍ସ, ୩୩୭-ଜଗନ୍ନାଥ ବିହାର, ଲେନ୍-୧୨, ବରମୁଣ୍ଡା, ଭୁବନେଶ୍ୱର-୩

୪) ପ୍ରକାଶକଙ୍କ ନାମ : ବିଷ୍ଣୁ ଦାସ
ଜାତି : ଭାରତୀୟ
ଠିକଣା : ୬୧, ଗଙ୍ଗୋତ୍ରୀ ନଗର, ରୋଡ଼ ନଂ. ୩, ଶିଶୁପାଳଗଡ଼, ଭୁବନେଶ୍ୱର-୨

୫) ସମ୍ପାଦକଙ୍କ ନାମ : ବିଷ୍ଣୁ ଦାସ
ଜାତି : ଭାରତୀୟ
ଠିକଣା : ୬୧, ଗଙ୍ଗୋତ୍ରୀ ନଗର, ରୋଡ଼ ନଂ. ୩, ଶିଶୁପାଳଗଡ଼, ଭୁବନେଶ୍ୱର-୨

୬) ସ୍ୱତ୍ତ୍ୱାଧିକାର : ବିଷ୍ଣୁ ଦାସ
ଜାତି : ଭାରତୀୟ
ଠିକଣା : ୬୧, ଗଙ୍ଗୋତ୍ରୀ ନଗର, ରୋଡ଼ ନଂ. ୩, ଶିଶୁପାଳଗଡ଼, ଭୁବନେଶ୍ୱର-୨

ମୁଁ ବିଷ୍ଣୁଦାସ, ଏତଦ୍‌ଦ୍ୱାରା ଘୋଷଣା କରୁଛି ଯେ, ଉପର ଲିଖିତ ତଥ୍ୟ ସମୂହ ମୋର ବିଶ୍ୱାସ ଓ ଜ୍ଞାତାର୍ଥେ ସତ୍ୟ ଅଟେ ।

ବିଷ୍ଣୁ ଦାସ

୧୬.୫.୨୦୧୫ ପ୍ରକାଶକଙ୍କ ସ୍ୱାକ୍ଷର

Printed,Published and owned by Sri Bishnu Das, Printed at Serene Graphics,337-Jagannath Vihar, Lane-12,Baramunda, BBSR-3 and Published at plot No. 61/2082, Gangotrinagar, Bhubaneswar-2. District Khurda, Orissa E-mail: sarbaharakranti@yahoo.co.in Editor : Bishnu Das